
'କ୍ୱିନ୍ ୨' ସୁଟିଂ ଆରମ୍ଭ କଲେ କଙ୍ଗନା
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-307 •WEDNESDAY •06 MAY 2026 •PAGE-12 •₹ 7.00 | JEYPORE | •ବର୍ଷ-୪୩ •ସଂଖ୍ୟା-୩୦୭ •ବୁଧବାର •୦୬ ମେ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


## ପ୍ରେମ ନିବେଦନ କରି ଗଲା ପ୍ରେମିକ ଜୀବନ

### ଘରୁ ଟେକିନେଇ ଖୁଣ୍ଟରେ ବାନ୍ଧି ପିଟିପିଟି ମାରିଦେଲେ

■ ସିମୁଳିଆ, ୫।୫ (ସମିସ): ଝିଅକୁ ପ୍ରେମ ନିବେଦନ କରିବାରୁ ଯୁବକଙ୍କୁ ପିଟିପିଟି ମାରିଦେଲେ ଝିଅର ପରିବାରଲୋକ। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତର ସୁଦର୍ଶନ ସୂତାରଙ୍କ ପୁଅ ସୁବାସ ସୂତାର (୪୦)। ପୁଲିସ ସୁବାସଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଝିଅର ବାପା ଭଗବାନ କର ଓ ତାଙ୍କ ଭଣଜା ରଞ୍ଜନ କୁମାର ଦାସଙ୍କୁ ଗିରଫ କରିଛି।


ଯୁବତୀଙ୍କ ବାପା ଓ ସମ୍ପର୍କୀୟ ଭାଇ ଗିରଫ

ଅଭିଯୋଗ ଅନୁଯାୟୀ, କାଞ୍ଚପଡ଼ା ପଞ୍ଚାୟତ ବୀରବ୍ରହ୍ମପୁର ଗ୍ରାମର ଭଗବାନ କରଙ୍କ ଝିଅକୁ ସୁବାସ ମୋବାଇଲରେ ପ୍ରେମ ନିବେଦନ କରିଥିଲେ। ଭଗବାନ ଏ ସଂପର୍କରେ ଜାଣିବା ପରେ ରାଗି ନିଆଁବାଣ ହୋଇଯାଇଥିଲେ। ଭଣଜା ରଞ୍ଜନ ସହ ସେ ସୁବାସଙ୍କ ଘରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ସାଙ୍ଗରେ ଟେକି ନେଇଯାଇଥିଲେ। ଦୁହେଁ ସୁବାସଙ୍କୁ ବୀରବ୍ରହ୍ମପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡ଼ି ପକ୍କା ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ସୁବାସ ଗୁରୁତର ହୋଇପଡ଼ିବା ପରେ ସେମାନେ ସେଠାରୁ ପଳାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରୁ ସୁବାସଙ୍କୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବାଲେଶ୍ୱର ସାଇଣ୍ଟିଫିକ୍ ଟିମ ସହାୟତାରେ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିଛି।

## ଦୁଇ ବର୍ଷର ଝିଅ ଆଗରେ ମା'କୁ ହତ୍ୟା

### ସ୍ତ୍ରୀର ଅଧିକାର ମାଗୁଥିଲେ; ହତ୍ୟା କଲା ଦିଅର

■ ହିଞ୍ଜିଳିକାଟୁ, ୫।୫ (ସମିସ): ଇନ୍‌ଷ୍ଟାଗ୍ରାମରୁ ପ୍ରେମ, ତା'ପରେ ବିବାହ। ହେଲେ ସ୍ତ୍ରୀର ଅଧିକାର ମାଗିବାରୁ ସ୍ୱାମୀର ସାନ ଭାଇ (ଦିଅର) ହାଣିଦେଲା। ୨ବର୍ଷର ନିରୀହ ଝିଅ ଆଗରେ ମା'କୁ ହତ୍ୟା କରିଛି ଅଭିଯୁକ୍ତ। ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଖରିଡ଼ା ଗ୍ରାମରେ ଘଟିଥିବା ଏଭଳି ଏକ ଆପରାଧିକ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ମହିଳା ହେଲେ,ଗଞ୍ଜାମ ଥାନା ଅଗସ୍ତିନୂଆଗାଁର ପୂଜା ସ୍ୱାଇଁ (୨୧)। ହିଞ୍ଜିଳି ପୁଲିସ ଏନେଇ ନମ୍ବର ୨୯୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଦିଅରକୁ ଅଟକ ରଖି ପଚରାଉଚରା କରିଛି। ଅପରପକ୍ଷେ, ପୁଲିସର ନିରବତାରୁ ପୂଜାଙ୍କ ମୁଣ୍ଡ ଗଡ଼ିଲା ବୋଲି ଅଭିଯୋଗ ହେଉଛି।


ଖାଇ ବସିଥିବା ବେଳେ ହାଣିଦେଲେ

ସୂଚନାନୁଯାୟୀ, ପ୍ରାୟ ଅଢ଼େଇବର୍ଷ ତଳେ ପୂଜାଙ୍କ ସହ ଖରିଡ଼ା ଗ୍ରାମର ଜିଣ୍ଟୁ ଓରଫ୍ ଚିଣ୍ଟୁ ଗୌଡ଼(୨୪)ଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ସଂପର୍କ ଗଢ଼ି ଉଠିଥିଲା। ପରେ, ଉଭୟ ପୁରୀ ଜିଲ୍ଲା ଡେଲାଙ୍ଗର ଏକ ଶିବ ମନ୍ଦିରରେ ବିବାହ କରିଥିଲେ। ସେମାନେ ଡେଲାଙ୍ଗରେ କିଛି ବର୍ଷ ରହିଥିଲେ। ସେମାନଙ୍କର ୨ବର୍ଷର ଏକ ଝିଅ ରହିଛି। ଗତ ୧୮ ତାରିଖରେ ଜିଣ୍ଟୁ ପୂଜାଙ୍କୁ ନେଇ ବ୍ରହ୍ମପୁର ଆସିଥିଲେ। ଏକ ହୋଟେଲରେ ଖାଇବା ପରେ ସେଠାରୁ କୌଶଳକ୍ରମେ ଫେରାର୍ ହୋଇଯାଇଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମଧ୍ୟ ପୂଜା, ସ୍ୱାମୀ ଜିଣ୍ଟୁର ସନ୍ଧାନ ପାଇ ନଥିଲେ। ଫଳରେ ୧୯ ତାରିଖରେ ହିଞ୍ଜିଳି ଥାନାରେ ନିଜ ଅଧିକାର ଓ ସ୍ୱାମୀ ଓ ଶଶୁରଘର ପକ୍ଷରୁ ପାରିବାରିକ ହିଂସା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ନମ୍ବର ୪୧/୨୬ରେ ଏକ ମାମଲା ରୁଜୁ କରିଥିଲା। ▶ପୃଷ୍ଠା-୭

## ବଙ୍ଗଳାରେ ହାଇ ଡ୍ରାମା

# ଇସ୍ତଫା ଦେବେନି ମମତା

■ କଲିକତା, ୫।୫ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିପୁଳ ବିଜୟ ସତ୍ତ୍ୱେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ନିଜର ପରାଜୟ ସ୍ୱୀକାର କରିବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି। କେବଳ ଏତିକି ନୁହେଁ, ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ମଧ୍ୟ ମନା କରିଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଦଳ ନୈତିକ ରୂପେ ବିଜୟୀ ହୋଇଛି। ତାଙ୍କୁ ହରାଇବା ଲାଗି ନିର୍ବାଚନ କମିସନଙ୍କ ସହ ମିଶି ବିଜେପି ବଡ଼ ଧରଣର ଷଡ଼ଯନ୍ତ୍ର କରିଥିଲା। ଭୋଟ ଗ୍ରହଣ ଏବଂ ଗଣତି ବେଳେ ବ୍ୟାପକ ଜାଲିଆତି କରାଯାଇଛି। ତାଙ୍କ ଠାରୁ ଅତିକମରେ ଶହେଟି ଆସନକୁ ଲୁଟି ନିଆଯାଇଛି। ଏହା ବେଆଇନ ଏବଂ ଅସାମ୍ବିଧାନିକ ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନାହିଁ। ମମତାଙ୍କ ଏଭଳି ଘୋଷଣା ପରେ ରାଜ୍ୟ ରାଜନୀତିରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ପରମ୍ପରା ଅନୁସାରେ ପରାଜୟ ପରେ ▶ପୃଷ୍ଠା-୭



**ଟିଏମ୍‌ସିକୁ ହରାଇବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା**

**୯୦ ଲକ୍ଷ ଭୋଟରଙ୍କ ନାମ କଟିବା ହେଉଛି ପ୍ରମାଣ**

### ୭ରେ ତାମିଲନାଡୁ, ୯ରେ ପଶ୍ଚିମବଙ୍ଗରେ ଶପଥ

## ବଙ୍ଗର ମଙ୍ଗ ଧରିବେ ମହିଳା !

■ କୋଲକାତା/ଚେନ୍ନାଇ, ୫।୫ (ଏଜେନ୍ସି): ୫ଟି ରାଜ୍ୟ ଓ ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣା ହେବାପରେ ଏବେ ନୂଆ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସନ୍ତା ୯ ତାରିଖରେ ନୋବେଲ ବିଜେତା ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ବାର୍ଷିକୀ ଅବସରରେ ଭାରତୀୟ ଜନତା ପାର୍ଟିର ନୂଆ ସରକାର ଶପଥ ଗ୍ରହଣ କରିବ। ବିଜେପି ରାଜ୍ୟ ସଭାପତି ସମିକ ଭଟ୍ଟାଚାର୍ଯ୍ୟଙ୍କ ସୂଚନା ଅନୁସାରେ, ମଇ ୯ ତାରିଖ ଦିନ ନୂଆ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ଶପଥ ନେବେ। ତେବେ ନୂଆ ମୁଖ୍ୟମନ୍ତ୍ରୀ କିଏ ହେବ ତାହାକୁ ନେଇ ବିଚାରବିମର୍ଶ ଆରମ୍ଭ ହୋଇଯାଇଛି। ନବନିର୍ବାଚିତ ବିଜେପି ବିଧାୟକମାନଙ୍କ ସହିତ ଏସଂପର୍କରେ ବିଚାରବିମର୍ଶ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଦାୟିତ୍ୱ ଦିଆଯାଇଛି। ନିର୍ବାଚନରେ ବିଜେପି ପକ୍ଷରୁ କାହାରିକୁ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପିତ କରାଯାଇନଥିଲା। ତେଣୁ ମୁଖ୍ୟମନ୍ତ୍ରୀ କିଏ ହେବ, ତାହା ରାଜ୍ୟ ନେତା, ବିଧାୟକମାନଙ୍କ ସହିତ ବିଚାରବିମର୍ଶ କରି ଦଳୀୟ ହାଇକମାଣ୍ଡ ସ୍ଥିର କରିବେ ବୋଲି ସୂଚନା ମିଳିଛି। ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିଜେପିକୁ ▶ପୃଷ୍ଠା-୭

**ଶୁଭେନ୍ଦୁ, ଦିଲ୍ଲୀପ ହୋଇପାରନ୍ତି ଉପ-ମୁଖ୍ୟମନ୍ତ୍ରୀ**

## ମୋହନ ସହ ପର୍ଯ୍ୟବେକ୍ଷକ



■ ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ପଶ୍ଚିମବଙ୍ଗ ଏବଂ ଆସାମରେ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜେପି ନୂତନ ସରକାର ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଛି। ମଙ୍ଗଳବାର ଦଳ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ପଶ୍ଚିମବଙ୍ଗ ପାଇଁ ଏବଂ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡାଙ୍କୁ ଆସାମ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ପ୍ରକ୍ରିୟାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି। ପଶ୍ଚିମବଙ୍ଗ ବିଧାୟକ ଦଳ ନେତା ନିର୍ବାଚନ ପାଇଁ ଶ୍ରୀ ମାଝୀଙ୍କୁ କେନ୍ଦ୍ରୀୟ ସହ-ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ହରିୟାଣା ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

## ଜୁନ ପହିଲାରୁ ଦକ୍ଷିଣତଟ ରେଳବାଇ

### ପୂର୍ବତଟ ରେଳବାଇର ଅଙ୍ଗଚ୍ଛେଦନ

■ ଭୁବନେଶ୍ୱର, ୫।୫ (ସମିସ): ବହୁ ପୂର୍ବରୁ ଦକ୍ଷିଣତଟ ରେଳବାଇକୁ କେନ୍ଦ୍ର ସରକାର ଅନୁମୋଦନ କରି ସାରିଛନ୍ତି, ମାତ୍ର ଆସନ୍ତା ଜୁନ୍ ୧ ତାରିଖରୁ ଏହା ବିଧିବଦ୍ଧ କାର୍ଯ୍ୟକ୍ଷମ ହେବ । ପୂର୍ବରୁ ପୂର୍ବତଟ ରେଳବାଇକୁ ଖଣ୍ଡଖଣ୍ଡ କରି ୱାଲଟିୟରକୁ ଦକ୍ଷିଣତଟ ରେଳବାଇରେ ଅନ୍ତର୍ଭୁକ୍ତ କରାଯାଇଛି। ରାୟଗଡ଼ା ଡ଼ିଭିଜନ ନାମରେ ଓଡିଶାବାସୀଙ୍କୁ ଏକ ଏକ ଲଲିପପ୍ ଧରାଇ ଥିବା କେନ୍ଦ୍ର ସରକାର ଏବେ ପୁଣି ଛଳ କରିଛନ୍ତି। ନୂତନ ଗଠିତ ରାୟଗଡ଼ା ଡ଼ିଭିଜ୍‌ନରେ ୬୯୬କିଲୋମିଟର ରେଳପଥ ଥିବା କୁହାଯାଉଥିଲେ ହେଁ ଏହା ଭିତରେ ଅନେକ ଅଞ୍ଚଳକୁ ୱାଲଟିୟର ଡ଼ିଭିଜନରେ ଅନ୍ତର୍ଭୁକ୍ତ ରଖାଯାଇଛି। ଅନୁରୂପ ଭାବରେ ଖୋର୍ଦ୍ଧାରୋଡ୍ ଡ଼ିଭିଜନ ଅଧୀନସ୍ଥ ପଲାସା-ଇଚ୍ଛାପୁର ୫୩ କିଲୋମିଟର ରେଳପଥକୁ ମଧ୍ୟ ଦକ୍ଷିଣତଟ ରେଳବାଇର ବିଶାଖାପାଟଣା ଡ଼ିଭିଜନରେ ସାମିଲ କରାଯାଇଛି। ଯାହାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି ।

ବିଜ୍ଞପ୍ତି ଅନୁସାରେ ଦକ୍ଷିଣତଟ ରେଳବାଇରେ ଗୁଣ୍ଟାକାଲ, ଗୁଣ୍ଟୁର, ବିଜୟୱାଡ଼ା ଡ଼ିଭିଜନ ସହ ପୂର୍ବତଟ ରେଳବାଇର ବିଶାଖାପାଟଣା ଡ଼ିଭିଜନକୁ ସାମିଲ କରାଯାଇଛି। ପୂର୍ବତଟ ରେଳବାଇରେ ସମ୍ବଲପୁର, ନବ ଘୋଷିତ ରାୟଗଡ଼ା ଡ଼ିଭିଜନ ସହ ଖୋର୍ଦ୍ଧାରୋଡ୍ ଡ଼ିଭିଜନର ଖଣ୍ଡିତ ଅଞ୍ଚଳ ରହିଛି । ଅନ୍ୟପକ୍ଷରେ ଦକ୍ଷିଣ କେନ୍ଦ୍ର ରେଳବାଇରେ ହାଇଦ୍ରାବାଦ, ନାନ୍ଦେଦ ଡ଼ିଭିଜନ ସହ ପୂନର୍ଗଠିତ ସିକନ୍ଦରାବାଦ ଡ଼ିଭିଜନକୁ ରଖାଯାଇଛି। ବିଡ଼ମ୍ବନା ହେଉଛି ଓଡ଼ିଶାର ନୂଆପଡ଼ା ଜଙ୍କସନରୁ ପାରଳାଖେମୁଣ୍ଡି ୩୯ କିଲୋମିଟରକୁ ଖୋର୍ଦ୍ଧାରୋଡ଼ ଡ଼ିଭିଜନର ପଲାସା-ଇଚ୍ଛାପୁରମ୍ ୫୩ କିଲୋମିଟର ଅଞ୍ଚଳକୁ ବିଶାଖାପାଟଣା ଡ଼ିଭିଜନ ଓ ଦକ୍ଷିଣତଟ ରେଳବାଇରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ପୂର୍ବରୁ ପୂର୍ବତଟ ରେଳବାଇ ଜୋନ୍‌ର ୱାଲଟିୟର ଡ଼ିଭିଜନର କୋରାପୁଟ-ସିଙ୍ଗାପୁର, କୋଟାଭଲାସା-କିରଣ୍ଡୁଲ, କେନେରୁ-ଥେରୁବାଲି, ଗୁଣୁପୁର-ପାରଳାଖେମୁଣଡି ରେଳପଥର ମୋଟ ୬୯୬ କିଲୋମିଟରକୁ ରାୟଗଡ଼ା ଡ଼ିଭିଜନରେ ସ୍ଥାନୀତ କରାଯାଇଛି । ▶ପୃଷ୍ଠା-୭

### ୟୁପି-ବିହାରରେ ପ୍ରକୃତିର ତାଣ୍ଡବ

## କାଳବୈଶାଖୀ ନେଲା ୩୧ ଜୀବନ

■ ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ଉତ୍ତର-ପଶ୍ଚିମ ରାଜସ୍ଥାନରେ ସୃଷ୍ଟି ବାତ୍ୟା ସଦୃଶ ପରିସ୍ଥିତି ଏବଂ ଦକ୍ଷିଣ-ପୂର୍ବ ଉତ୍ତରପ୍ରଦେଶରୁ ତାମିଲନାଡୁ ପର୍ଯ୍ୟନ୍ତ ଲମ୍ବିଥିବା ଟ୍ରଫ୍ ଲାଇନ୍ ପ୍ରଭାବରେ ସାରା ଦେଶର ପାଣିପାଗରେ ବଡ଼ ଧରଣର ପରିବର୍ତ୍ତନ ଦେଖାଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଉତ୍ତରପ୍ରଦେଶ ଏବଂ ବିହାରରେ ପ୍ରବଳ ଝଡ଼ବର୍ଷା ଓ ବଜ୍ରପାତ ଯୋଗୁଁ ୩୧ ଜଣଙ୍କର ମୃତ୍ୟୁ ଘଟିଛି। ଦୁଇ ରାଜ୍ୟର ୨୨ଟି ଜିଲ୍ଲାରେ ଭୀଷଣ ଝଡ଼ବର୍ଷା ହୋଇଛି। ବଜ୍ରପାତ ଯୋଗୁଁ ୭ ଜଣ ଶିଶୁଙ୍କ ସମେତ ମୋଟ ୨୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ମହିଳା ଗୁରୁତର ଭାବେ ପୋଡ଼ି ଯାଇଛନ୍ତି। ଆଜି ମଧ୍ୟ ୧୮ଟି ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଝଡ଼ ଓ ବର୍ଷା ଯୋଗୁଁ ୮ ଜଣଙ୍କର ପ୍ରାଣହାନି ଘଟିଛି। ପିଲିଭିତରେ ଏକ ଇଟା ଭାଟିର ୧୦୦ ଫୁଟ ଉଚ୍ଚର ଚିମିନି ଭୁଶୁଡ଼ି ପଡ଼ିବା ଭଳି ଅଘଟଣ ସାମ୍ନାକୁ ଆସିଛି। ମଙ୍ଗଳବାର ଦ୍ୱିପ୍ରହରରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ କୁଆପଥର ବୃଷ୍ଟି ହୋଇଛି। ହରିୟାଣାରେ ପ୍ରବଳ ପବନ ଯୋଗୁଁ ପ୍ରାୟ ୧୫ ହଜାରରୁ ଅଧିକ ଗଛ ଉପୁଡ଼ି ପଡ଼ିଥିବାର ଖବର ମିଳିଛି। ହିମାଚଳ ପ୍ରଦେଶର ସୋଲାନରେ ତାପମାତ୍ରା ▶ପୃଷ୍ଠା-୭

### ଅହମ୍ମଦାବାଦରେ ଓଡ଼ିଶା ନିବେଶକ ସମ୍ମେଳନ

## ୨୬ ଶିଳ୍ପ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବୈଠକ

■ ଭୁବନେଶ୍ୱର, ୫।୫ (ସମିସ): ଭାରତର ପୂର୍ବ ଭାଗକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦ୍ରୁତ ଅଭିବୃଦ୍ଧି ଏବଂ ରଣନୈତିକ ଯୋଜନା ସହିତ ଓଡ଼ିଶା ବର୍ତ୍ତମାନ ଶିଳ୍ପଜଗତ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିପାରିଛି। ଏହା ସହିତ ପ୍ରତିଯୋଗିତାମୂଳକ ପରିବେଶରେ ନିବେଶକମାନଙ୍କୁ ଅପେକ୍ଷାକୃତ ସୁବିଧାଜନକ ସ୍ଥିତି ମଧ୍ୟ ପ୍ରଦାନ କରୁଛି ବୋଲି ଅହମ୍ମଦାବାଦରେ ଆୟୋଜିତ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ରେ ନିଜର ଅଭିଭାଷଣ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। 'ପୂର୍ବୋଦୟ' ପରିକଳ୍ପନାରେ ଆଗାମୀ ଦିନରେ ଓଡ଼ିଶାକୁ ଦେଶର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ଗୁଜରାଟ ଗସ୍ତର ପ୍ରଥମ ଦିନରେ ପ୍ରମୁଖ ଉଦ୍ୟୋଗପତି ଏବଂ ବ୍ୟବସାୟିକ ସଂଘମାନେ ବ୍ୟାପକ ଭାବରେ ଯୋଗଦାନ କରିଛନ୍ତି। ଏହି ଅବସରରେ ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ଭାରତର ଅଭ୍ୟୁଦୟ ସହିତ ଭାରତର ଅର୍ଥନୈତିକ ସମ୍ପ୍ରସାରଣ ହେବ। ପଶ୍ଚିମ ଭାରତ ସହିତ ପୂର୍ବ ଭାରତର ବିକାଶ ହେଲେ ଏହି ଅଭିବୃଦ୍ଧି ଅଧିକ ସନ୍ତୁଳିତ ହେବ। ଓଡ଼ିଶା ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ▶ପୃଷ୍ଠା-୭

### କେନ୍ଦ୍ର କ୍ୟାବିନେଟର ଅନୁମୋଦନ

## ୩୭କୁ ବଢ଼ିବ ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା

■ ଭୁବନେଶ୍ୱର, ୫।୫ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍, ୨୦୨୬କୁ ସଂସଦରେ ଆଗତ କରିବା ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି ଏହାଦ୍ୱାରା ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ଅଧିନିୟମ, ୧୯୫୬ରେ ସଂଶୋଧନ କରାଯାଇ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ୪ଟି ବୃଦ୍ଧି କରାଯିବ । ବର୍ତ୍ତମାନ ସୁପ୍ରିମକୋର୍ଟରେ ୩୩ ଜଣ ବିଚାରପତି କାର୍ଯ୍ୟ କରୁଥିବା ବେଳେ ଏହି ସଂଖ୍ୟା ୩୭କୁ (ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ▶ପୃଷ୍ଠା-୭

### ବିଜେଡିର ପଞ୍ଚାୟତ ପ୍ରସ୍ତୁତି

## ଦୁଇ ଜିଲ୍ଲାରେ ନୂଆ ସଭାପତି

■ ଭୁବନେଶ୍ୱର, ୫।୫ (ସମିସ): ଆଉ ୮ ମାସ ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ। ଏହା ପୂର୍ବରୁ ଦଳର ସାଙ୍ଗଠନିକ ପୁନର୍ବିନ୍ୟାସ ଆରମ୍ଭ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ବିଭିନ୍ନ ଜିଲ୍ଲା ଓ ରାଜ୍ୟସ୍ତରରେ ଦଳକୁ ଅଧିକ ସଙ୍ଗଠିତ କରିବା ପାଇଁ ନବୀନ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏହି କ୍ରମରେ ମଙ୍ଗଳବାର ୨ଟି ଜିଲ୍ଲାରେ ବିଜେଡି ସଭାପତି ଓ କାର୍ଯ୍ୟକାରୀ ସଭାପତି ଏବଂ ୬ଟି ଜିଲ୍ଲାରେ କାର୍ଯ୍ୟକାରୀ ସଭାପତିଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ସେହିପରି ୫ ସାଂଗଠନିକ ଜିଲ୍ଲାରେ ନୂତନ ଭାବେ ବିଜୁ ଯୁବ ଏବଂ ଛାତ୍ର ଜନତା ଦଳର ସଭାପତିଙ୍କ ନିଯୁକ୍ତି ସହ ରାଜ୍ୟ ପଦାଧିକାରୀ ଭାବେ ୮୯ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି । ଦଳକୁ ନିକଟରେ ପ୍ରତ୍ୟାବର୍ତ୍ତନ କରିଥିବା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କୁ ରାଜ୍ୟ ଉପସଭାପତି ରୂପେ ନବୀନ ନିଯୁକ୍ତି ଦେଇଛନ୍ତି। ସେହିପରି ୫ ବରିଷ୍ଠ ସାଧାରଣ ସମ୍ପାଦକ, ୨୭ ସାଧାରଣ ସମ୍ପାଦକ, ୪୫ ସମ୍ପାଦକ ଓ ୧୧ ଯୁଗ୍ମ ସମ୍ପାଦକଙ୍କୁ ମଧ୍ୟ ଆଜି ନିଯୁକ୍ତି ଦିଆଯାଇଛି । ଏ ନେଇ ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

- ୬ ଜିଲ୍ଲାରେ ନୂଆ କାର୍ଯ୍ୟକାରୀ ସଭାପତିଙ୍କ ନିଯୁକ୍ତି
- ୫ ସାଂଗଠନିକ ଜିଲ୍ଲାରେ ଯୁବ ଓ ଛାତ୍ର ସଭାପତି
- ରାଜ୍ୟ ପଦାଧିକାରୀ ଭାବେ ୮୯ ଜଣଙ୍କୁ ଦାୟିତ୍ୱ
- ରାଜ୍ୟ ଉପସଭାପତି ହେଲେ ରଘୁନାଥ ମହାନ୍ତି

ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ଭାବେ ରାଜେନ୍ଦ୍ର କୁମାର ସାହୁ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ମନ୍ମଥ ରାଉତରାୟଙ୍କୁ ନିଯୁକ୍ତି ଦିଆଯାଇଛି। ବାଲେଶ୍ୱରରେ ସଭାପତି ଭାବେ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ କାର୍ଯ୍ୟକାରୀ ସଭାପତି ଭାବେ ଗୌତମ ବୁଦ୍ଧ ଦାସଙ୍କୁ ନୂଆ ନିଯୁକ୍ତି ▶ପୃଷ୍ଠା-୭

### ମତ୍ସ୍ୟ ଓ ପଶୁ ପାଳନ ବିଭାଗରେ ଦୁର୍ନୀତିର ଗନ୍ଧ

# ନୂତନ ପଦ ସୃଷ୍ଟି: ବାବୁଙ୍କ ଭାଗ ୨ କୋଟି !

■ ଭୁବନେଶ୍ୱର, ୫।୫ (ସମିସ): ମତ୍ସ୍ୟ ଓ ପଶୁ ପାଳନ ବିଭାଗ ଭିତରୁ ଆସିଛି ସାଂଘାତିକ ଖବର। ବ୍ଲକ୍ ମତ୍ସ୍ୟ ଅଧିକାରୀ (ବିଏଫ୍‌ଓ) ନୂତନ ପଦ ସୃଷ୍ଟି କରି ଏ ବାବଦରେ ବିପୁଳ ଚାନ୍ଦା ଆଦାୟ ପାଇଁ ଷଡ଼ଯନ୍ତ୍ର ହୋଇଛି । ବିଭାଗର ଜଣେ ଉଚ୍ଚ ଅଧିକାରୀଙ୍କୁ ୨ କୋଟି ଟଙ୍କା ଏଥିପାଇଁ ପ୍ରଦାନ କରି ନୂତନ ପଦ ସୃଷ୍ଟି ନାମରେ ରାଜକୋଷକୁ ଲୁଟିବାକୁ ପୁରା ନକ୍ସା ପ୍ରସ୍ତୁତ ହୋଇଛି ।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମତ୍ସ୍ୟ ଓ ପଶୁ ପାଳନ ବିଭାଗ ଅଧୀନରେ ଗୋଟିଏ ବ୍ଲକ୍‌ରେ ଜଣେ ଲେଖାଏଁ ସହକାରୀ ମତ୍ସ୍ୟ ଅଧିକାରୀ (ଏଏଫ୍‌ଓ) ଏସ୍‌ଏଫ୍‌ଟିଏ ଓ ଜେଏଫ୍‌ଟିଏ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏଏଫ୍‌ଓ ବ୍ଲକ୍ ସ୍ତରରେ ସର୍ବୋଚ୍ଚ ଅଧିକାରୀ ହୋଇଥିବାବେଳେ ଏବେ ଏହାକୁ ବ୍ଲକ୍ ମତ୍ସ୍ୟ ଅଧିକାରୀ ପଦକୁ ରୂପାନ୍ତର କରାଯିବାକୁ ଯୋଜନା କରାଯାଇଛି। ଏହି ପଦରେ ମତ୍ସ୍ୟ ପାଳନ ପାଠ୍ୟକ୍ରମ ଶେଷ କରିଥିବା ଯୋଗ୍ୟ ନବାଗତଙ୍କ ପରିବର୍ତ୍ତେ ଏଏଫ୍‌ଓ ପଦରେ କାର୍ଯ୍ୟରତ ଅଧିକାରୀଙ୍କୁ ପଦୋନ୍ନତି ଦେବାକୁ ଯୋଜନା କରାଯାଇଛି। ଏହା କରାଗଲେ ଏଏଫ୍‌ଓମାନେ ପ୍ରଥମଶ୍ରେଣୀ କନିଷ୍ଠ ବର୍ଗ ଅଧିକାରୀଙ୍କ ମାନ୍ୟତା ପାଇବେ ଓ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ପରି ଲେବଲ ୧୨ ବର୍ଗୀକୃତ ଦରମା ପାଇବେ।

**ନିଯୁକ୍ତି ଓ ପଦୋନ୍ନତି ପାଇଁ ୫୦,୦୦୦ ଲେଖାଏଁ ଆଦାୟ**

**ବିଏଫ୍‌ଓ ପଦରେ ନିଯୁକ୍ତି ପାଇଁ ଷଡ଼ଯନ୍ତ୍ର କରିଛନ୍ତି ଏଏଫ୍‌ଓ**

ରାଜ୍ୟରେ ମାଛ ଚାଷ ପାଇଁ ଜମିର ପରିମାଣ ସୀମିତ ଥିବାବେଳେ ବହୁ ବର୍ଷଧରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାରୁ କ୍ରମାଗତ ଭାବେ ନୂତନ ଯୋଜନା ପାଇଁ ଜମି ମିଳୁନାହିଁ। ଏପରି ସ୍ଥିତିରେ ନୂତନ ପଦ ସୃଷ୍ଟି କାହା ସ୍ୱାର୍ଥରେ ବୋଲି ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୂତନ ପଦ ସୃଷ୍ଟି କରିବାକୁ ମନ୍ତ୍ରୀଙ୍କ ଅନୁମୋଦନ ଆବଶ୍ୟକ ଥିବାରୁ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ଅର୍ଦ୍ଧସତ୍ୟ ସୂଚନା ଦେଇଥିବା କୁହାଯାଉଛି। ପୂର୍ବରୁ ଯୋଜନା ଗୁଡ଼ିକର ସ୍ୱଳ୍ପ ଟାର୍ଗେଟ୍ ରହୁଥିବାବେଳେ ୨୦୨୫-୨୬ ବର୍ଷରେ ଅଚାନକ ଟାର୍ଗେଟ୍‌କୁ ବଢ଼ାଇ ଦିଆଯାଇଛି ଏବଂ ଏହାକୁ ପୂରଣ କରିବା ପାଇଁ ନୂତନ ପଦର ଆବଶ୍ୟକତା ଥିବା ମନ୍ତ୍ରୀଙ୍କୁ କୁହାଯାଇଛି। କୌତୂହଳର କଥା ହେଉଛି, ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ହେବା ପରେ ପୁଣି ୨୦୨୬-୨୭ ରେ ମାଛ ଚାଷ ଲକ୍ଷ୍ୟକୁ ହ୍ରାସ କରାଯାଇଛି। ପୁରୀ ଜିଲ୍ଲାରେ ପୂର୍ବରୁ ୨ଶହ ହେକ୍ଟର ଜମିରେ ମାଛ ଚାଷ ଲକ୍ଷ୍ୟ ରହିଥିଲା, ୨୦୨୫-୨୬ ଆର୍ଥିକ ▶ପୃଷ୍ଠା-୭






# ନିର୍ବାଚନ ପରେ ପଶ୍ଚିମବଙ୍ଗରେ ହିଂସା; ୨୪ ଘଣ୍ଟାରେ ୪ ନିହତ

**କୋଲକାତା,୫ା୫(ଏଜେନ୍ସି):** ପଶ୍ଚିମ ବଙ୍ଗରେ ଗତକାଲି ଭୋଟଗଣତି ସରିବା ଏବଂ ବିଜେପି ନିର୍ବାଚିତ ହେବାପରେ ବିଭିନ୍ନ ସ୍ଥାନରେ ବ୍ୟାପକ ହିଂସାକାଣ୍ଡ ଘଟୁଥିବାର ଖବର ଆସିବାରେ ଲାଗିଛି । ଉଭୟ ବିଜେପି ଏବଂ ଟିଏମସି କର୍ମକର୍ତ୍ତା ଏଭଳି ଅଭିଯୋଗ କରିବା ସହିତ ସେମାନଙ୍କ ଉପରେ ଆକ୍ରମଣ ହୋଇଥିବା କହିଛନ୍ତି । ଗତ ୨୪ ଘଣ୍ଟାରେ ଏଭଳି ହିଂସାରେ ୪ ଜଣ ଦଳୀୟ କର୍ମୀ ପ୍ରାଣ ହରାଇଥିବାର ଖବର ମିଳିଛି । ସେମାନଙ୍କ ମଧ୍ୟରେ ଦୁଇ ଜଣ ବିଜେପି କର୍ମୀ ଥିବା ଆଉ ଦୁଇ ଜଣ ଟିଏମସି କର୍ମୀ ରହିଛନ୍ତି । ରାଜ୍ୟରେ ବ୍ୟାପକ କେନ୍ଦ୍ରୀୟ ପୁଲିସ ମୁତୟନ ସତ୍ତ୍ୱେ ଏଭଳି ହିଂସାକାଣ୍ଡକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ବିଜେପି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି ପୃଥକ ପୃଥକ ଘଟଣାରେ ସେମାନଙ୍କର ଦୁଇ ଜଣ କର୍ମୀ ଉତ୍ତର ୨୪ ପ୍ରଗଣା ଏବଂ ହାୱଡ଼ାରେ ନିହତ ହୋଇଛନ୍ତି । ସେହିଭଳି ଟିଏମସି ଅଭିଯୋଗ କରିଛି ଯେ ବିଜେପି ଆକ୍ରମଣରେ ଏହାର ଦୁଇ ଜଣ କର୍ମୀ କୋଲକାତା ଏବଂ ବିରଭୂମରେ ପ୍ରାଣ ହରାଇଛନ୍ତି । ତେବେ ପୁଲିସ ପକ୍ଷରୁ ଏହାକୁ ସ୍ୱୀକାର କରାଯାଇଥିଲେ ମଧ୍ୟ ଦୁଇଟି ହତ୍ୟାକାଣ୍ଡ ସହିତ ରାଜନୀତିର କୌଣସି ସଂପର୍କ ନାହିଁ ବୋଲି କହିଛି । ଗୋଟିଏ ହତ୍ୟାକାଣ୍ଡ ପୂର୍ବ ଶତ୍ରୁତାରୁ ହୋଇଥିବା ବେଳେ ଆଉ ଜଣେ ବ୍ୟକ୍ତି ଛାତ ଉପରୁ ପଡ଼ି ପ୍ରାଣ ହରାଇଛନ୍ତି । ତେବେ ଏହିସବୁ ଘଟଣାର ତଦନ୍ତ କରାଯାଉଥିବା ପୁଲିସ ପକ୍ଷରୁ କୁହାଯାଇଛି । ରାଜ୍ୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ଲାଗି ଇତିମଧ୍ୟରେ ନିର୍ବାଚନ କମିସନ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କଡ଼ା ସୁରକ୍ଷା ସତ୍ତ୍ୱେ ବିଭିନ୍ନ ସ୍ଥାନରେ ବିଜେପି ଏବଂ ଟିଏମସି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ଘଟଣାର ଖବର ମିଳିବାରେ ଲାଗିଛି । ଟିଏମସି ନେତା ଅଭିଯୋଗ କରିଛନ୍ତି ଯେ ଗତରାତିରୁ ବିଜେପି କର୍ମୀ ବିଭିନ୍ନ ସ୍ଥାନରେ ଟିଏମ୍‌ସ ଅଫିସରେ ପଶି ଭଙ୍ଗାରୁଜା କରିବାରେ ଲାଗିଛନ୍ତି । ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ।

# ପାୱାର ବ୍ୟାଙ୍କରେ ଲାଗିଲା ନିଆଁ; ଇଣ୍ଡିଗୋ ବିମାନରେ ଆତଙ୍କ

**ଚଣ୍ଡିଗଡ,୫ା୫(ଏଜେନ୍ସି):** ହାଇଦ୍ରାବାଦରୁ ଚଣ୍ଡିଗଡ଼ ଅଭିମୁଖେ ଆସୁଥିବା ଇଣ୍ଡିଗୋ ବିମାନ ୬ଇ ୧୦୮ (୬ଇ ୧୦୮) ର ଅବତରଣ ପରେ ଆଜି ଏକ ବଡ଼ ବିପତ୍ତି ଟଳିଯାଇଛି । ବିମାନଟି ରନ୍‌ୱେରେ ଅବତରଣ କରିବା ପରେ ଜଣେ ଯାତ୍ରୀଙ୍କ ବ୍ୟାଗରୁ ହଠାତ୍ ଧୂଆଁ ବାହାରିବା ସହ ସେଥିରେ ଥିବା ଏକ ପାୱାର ବ୍ୟାଙ୍କରେ ନିଆଁ ଲାଗିଯାଇଥିଲା । ଏହାକୁ ଦେଖି ବିମାନ କର୍ତ୍ତୃପକ୍ଷ ତୁରନ୍ତ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରି ଟର୍ମିନାଲକୁ ପଠାଇଛନ୍ତି । ସୂଚନା ଅନୁସାରେ, ବିମାନଟି ସୁରକ୍ଷିତ ଭାବେ ଚଣ୍ଡିଗଡ଼ରେ ଅବତରଣ କରିସାରିଥିଲା ଏବଂ ଯାତ୍ରୀମାନେ ଓହ୍ଲାଇବା ପାଇଁ ଅପେକ୍ଷା କରିଥିଲେ । ସେହି ସମୟରେ ଜଣେ ଯାତ୍ରୀଙ୍କ ବ୍ୟକ୍ତିଗତ ବ୍ୟାଗରେ ଥିବା ପାୱାର ବ୍ୟାଙ୍କଟି ହଠାତ୍ ଜଳିବାକୁ ଲାଗିଥିଲା । ବିମାନ କର୍ମଚାରୀମାନେ ତୁରନ୍ତ ସତର୍କତା ଅବଲମ୍ବନ କରି ଯାତ୍ରୀଙ୍କୁ ଜରୁରୀକାଳୀନ ଭାବେ ବାହାର କରିଥିଲେ । ଇଣ୍ଡିଗୋ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ଯେ, '୫ ମଇ ୨୦୨୬ରେ ହାଇଦ୍ରାବାଦରୁ ଚଣ୍ଡିଗଡ଼ ଆସିଥିବା ବିମାନଟି ଅବତରଣ କରି ଛିଡ଼ା ହୋଇଥିବା ବେଳେ ଜଣେ ଯାତ୍ରୀଙ୍କ ବ୍ୟକ୍ତିଗତ ଇଲେକ୍‌ଟ୍ରୋନିକ୍ ଉପକରଣରେ ନିଆଁ ଲାଗିଥିବା ସୂଚନା ମିଳିଥିଲା । ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଯାତ୍ରୀମାନଙ୍କୁ ସେଠାରୁ ବାହାର କରାଯାଇଛି ଏବଂ ସମସ୍ତେ ସୁରକ୍ଷିତ ଅଛନ୍ତି ।' ସମସ୍ତ ଯାତ୍ରୀଙ୍କୁ ବିମାନବନ୍ଦରର ଟର୍ମିନାଲକୁ ସ୍ଥାନାନ୍ତର କରାଯାଇଛି ଏବଂ ସେମାନଙ୍କ ସୁବିଧା ପାଇଁ କମ୍ପାନୀର ଏକ ଟିମ୍ ନିୟୋଜିତ ଅଛନ୍ତି । ବିମାନଟିର ବୈଷୟିକ ଯାଞ୍ଚ ପାଇଁ ଏହାକୁ ଏବେ କାର୍ଯ୍ୟକ୍ରମରୁ ବାଦ୍ ଦିଆଯାଇଛି । ସମସ୍ତ ଯାଞ୍ଚ ପରେ ହିଁ ଏହା ପୁନର୍ବାର ଉଡ଼ାଣ ଭରିବ । ବିମାନ ଯାତ୍ରା ସମୟରେ ବ୍ୟାଟେରୀ ଚାଳିତ ଉପକରଣଗୁଡ଼ିକ କେତେ ବିପଜ୍ଜନକ ହୋଇପାରେ, ଏହି ଘଟଣା ତାହାର ବଡ଼ ଉଦାହରଣ । ଇଣ୍ଡିଗୋ କର୍ମଚାରୀଙ୍କ ତତ୍ପରତା ଯୋଗୁଁ ଏକ ସମ୍ଭାବ୍ୟ ଦୁର୍ଘଟଣାକୁ ରୋକାଯାଇ ପାରିଛି ।

# ହଜ୍ ପାଇଁ ସାଉଦି ଆରବର କଡ଼ା ନିୟମ
# ବିନା ଅନୁମତିରେ ପ୍ରବେଶ କଲେ ଜରିମାନା ଓ ୧୦ ବର୍ଷ ବାସନ୍ଦ

**ରିୟାଦ,୫ା୫(ଏଜେନ୍ସି):** ୨୦୨୬ (ହିଜ୍ରୀ ୧୪୪୭) ହଜ୍ ଯାତ୍ରାକୁ ଅଧିକ ସୁରକ୍ଷିତ ଓ ବ୍ୟବସ୍ଥିତ କରିବା ପାଇଁ ସୌଦି ଆରବ ସରକାର ନୂଆ ନିୟମାବଳୀ ଘୋଷଣା କରିଛନ୍ତି । ବିନା ଅନୁମତିପତ୍ର ବା ପରମିଟ୍‌ରେ ହଜ୍ କରିବାକୁ ଚେଷ୍ଟା କଲେ ଏବେ ଭାରୀ ଜରିମାନା ସହ ଦେଶାନ୍ତର ଭଳି କଠୋର ଦଣ୍ଡ ମିଳିବ । ବିନା ଅନୁମତିରେ ହଜ୍ କରୁଥିବା ବ୍ୟକ୍ତିଙ୍କୁ ୨୦,୦୦୦ ସୌଦି ରିୟାଲ୍ (ଏସ୍‌ଏଆର) ଜୋରିମାନା ଦେବାକୁ ପଡ଼ିବ । ଏଥିସହ ବିଦେଶୀ ନାଗରିକଙ୍କୁ ଦେଶରୁ ବାହାର କରିଦିଆଯିବା ସହ ସୌଦି ଆରବରେ ପ୍ରବେଶ କରିବା ଉପରେ ୧୦ ବର୍ଷ ପାଇଁ ପ୍ରତିବନ୍ଧକ ଲଗାଯିବ । ଅନଧିକୃତ ଯାତ୍ରୀଙ୍କୁ ପରିବହନ କରୁଥିବା ବା ଆଶ୍ରୟ ଦେଉଥିବା ବ୍ୟକ୍ତି କିମ୍ବା ସଂସ୍ଥାକୁ ୧ ଲକ୍ଷ ରିୟାଲ୍ ପର୍ଯ୍ୟନ୍ତ ଜରିମାନା ହୋଇପାରେ । ଏପରିକି ସେହି କାର୍ଯ୍ୟରେ ବ୍ୟବହୃତ ଗାଡ଼ିକୁ ମଧ୍ୟ ଜବତ କରାଯିବ । ଅତ୍ୟଧିକ ଗହଳି ନିୟନ୍ତ୍ରଣ ଏବଂ ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ଗତବର୍ଷ ଗହଳି ଓ ଗରମ ଯୋଗୁଁ ଅନେକ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାରୁ ଏଥର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ହଜ୍ ସମୟରେ ଉମ୍ରା ଅନୁମତିକୁ ସାମୟିକ ଭାବେ ବନ୍ଦ କରାଯାଇଛି । ସମସ୍ତ ଯାତ୍ରୀଙ୍କୁ 'ନୁସୁକ୍' ପ୍ଲାଟଫର୍ମ ମାଧ୍ୟମରେ ବୈଧ ପରମିଟ୍ ହାସଲ କରିବାକୁ ବାଧ୍ୟତାମୂଳକ କରାଯାଇଛି । ସାଉଦି ଆରବର 'ବିନା ପରମିଟ୍‌ରେ ହଜ୍ ନାହିଁ' ଅଭିଯାନ ଯାତ୍ରୀମାନଙ୍କ ସୁବିଧା ପାଇଁ ଉଦ୍ଦିଷ୍ଟ । ସରକାର ସମସ୍ତ ପର୍ଯ୍ୟଟକ ଓ ନିବାସୀଙ୍କୁ ଏହି ନିୟମ ମାନିବାକୁ କହିଛନ୍ତି ।

# ଏସ୍‌ଆଇଆର ଯୋଗୁଁ ହାରିଲା ଟିଏମ୍‌ସି



**କଲିକତା,୫ା୫(ଏଜେନ୍ସି):** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଏଥର ଏକ ବଡ଼ ଓଲଟପାଲଟ ତଥା ବିପର୍ଯ୍ୟୟ ଦେଖିବାକୁ ମିଳିଛି । ୧୫ ବର୍ଷର ମମତା ବାନାର୍ଜୀଙ୍କ ଶାସନର ଅନ୍ତ ଘଟାଇ ଭାରତୀୟ ଜନତା ପାର୍ଟି (ବିଜେପି) କ୍ଷମତା ଦଖଲ କରିଛି । ତେବେ ଏହି ନିର୍ବାଚନ ପୂର୍ବରୁ ହୋଇଥିବା ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ରାଜ୍ୟରେ ପ୍ରାୟ ୯୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ତାଲିକାରୁ କଟିବା ତୃଣମୂଳ କଂଗ୍ରେସ ପାଇଁ ମହଙ୍ଗା ପଡ଼ିଥିବା କୁହାଯାଉଛି ।

ନିର୍ବାଚନ କମିସନଙ୍କ ଦ୍ୱାରା କରାଯାଇଥିବା ଏହି ପ୍ରକ୍ରିୟାରେ ନକଲି ଏବଂ ମୃତ ଭୋଟରଙ୍କ ନାମ ହଟାଇବା ପାଇଁ ଅଭିଯାନ ଚଳାଯାଇଥିଲା । ସରକାରୀ ତଥ୍ୟ ଅନୁସାରେ, ପ୍ରାୟ ୯୦,୮୩,୩୪୫ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଥିଲା । ତୃଣମୂଳ କଂଗ୍ରେସ ଏହାକୁ ନେଇ ପୂର୍ବରୁ ଅଭିଯୋଗ କରିଥିଲା ଯେ, ଏହା ଏକ ପକ୍ଷପାତିତାମୂଳକ ପଦକ୍ଷେପ ଏବଂ ଏହା ଦ୍ୱାରା

**୯୦ ଲକ୍ଷରୁ ଅଧିକ ଭୋଟର କଟିବା ମହଙ୍ଗା ପଡ଼ିଲା**


**ଯେଉଁଠି ଅଧିକ ଭୋଟର କଟିଛନ୍ତି ସେଠି ଟିଏମ୍‌ସି ହାରିଛି**

ସେମାନଙ୍କର ଭୋଟ୍ ବ୍ୟାଙ୍କ୍ ପ୍ରଭାବିତ ହେବ । ନିର୍ବାଚନ ଫଳାଫଳକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଯେଉଁ ସବୁ ଆସନରେ ସର୍ବାଧିକ ଭୋଟରଙ୍କ ନାମ କଟାଯାଇଥିଲା, ସେଠାରେ ବିଜେପି ଅଧିକ ସଫଳତା ପାଇଛି । ୧୪୭ଟି ଆସନରେ, ଯେଉଁଠାରେ ୨୫,୦୦୦ରୁ ଅଧିକ ନାମ କଟାଯାଇଥିଲା, ସେଥିମଧ୍ୟରୁ ବିଜେପି ୯୫ଟି ଆସନ ଜିତିଥିବା ବେଳେ ତୃଣମୂଳ କଂଗ୍ରେସ ମାତ୍ର ୫୧ଟି ଆସନରେ ସୀମିତ ରହିଛି । ୧୫,୦୦୦ରୁ ୨୫,୦୦୦ ମଧ୍ୟରେ ଭୋଟର କଟିଥିବା ୬୭ଟି ଆସନରୁ ବିଜେପି ୪୭ଟି ଏବଂ ତୃଣମୂଳ ୧୯ଟି ଆସନ ଜିତିଛି । ୫,୦୦୦ରୁ କମ୍ ଭୋଟର କଟିଥିବା ସମସ୍ତ ୧୩ଟି ଯାକ ଆସନରେ ବିଜେପି ବିଜୟୀ ହୋଇଛି । ମୁର୍ଶିଦାବାଦ ଜିଲ୍ଲାରେ ସର୍ବାଧିକ ୪.୫୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଥିଲା । ୨୦୨୧ରେ ଏହି ଜିଲ୍ଲାର ୨୨ଟି ଆସନରୁ ୨୦ଟି ଜିତିଥିବା ତୃଣମୂଳ କଂଗ୍ରେସ ଏଥର ମାତ୍ର ୯ଟି ଆସନ ପାଇଛି । ସେହିପରି ଉତ୍ତର ୨୪ ପ୍ରଗଣାରେ ମଧ୍ୟ ଶାସକ ଦଳର ଆସନ ସଂଖ୍ୟା ୨୮ରୁ ୮କୁ ଖସି ଆସିଛି । ନିର୍ବାଚନ କମିଶନଙ୍କ ଅନୁସାରେ, ଏହା ଏକ ସାଧାରଣ ପ୍ରକ୍ରିୟା ଥିଲା । ଭାରତ-ବାଂଲାଦେଶ ସୀମାନ୍ତରେ ଥିବା ଏହି ରାଜ୍ୟରେ ଭୋଟର ତାଲିକାକୁ ସ୍ୱଚ୍ଛ କରିବା ପାଇଁ ଏହିଭଳି ପଦକ୍ଷେପ ନିଆଯାଇଥିଲା । ଗତ ନଭେମ୍ବରରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଫେବୃଆରୀ ମାସରେ ଚୂଡ଼ାନ୍ତ ହୋଇଥିଲା ।

# ଫେଲ୍ ମାରିଲେ ମମତାଙ୍କ ୨୨ ଜଣ ମନ୍ତ୍ରୀ

**ନୂଆଦିଲ୍ଲୀ,୫ା୫(ଏଜେନ୍ସି):** ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଶାସକ ତୃଣମୂଳ କଂଗ୍ରେସକୁ ଶକ୍ତ ଧକ୍କା ଲାଗିଛି । ରାଜ୍ୟର ଜନସାଧାରଣ ଶାସନ ବିରୋଧୀ ହାୱା ଯୋଗୁଁ ମମତା ବାନାର୍ଜୀଙ୍କ ମନ୍ତ୍ରୀମଣ୍ଡଳର ୬୩ ପ୍ରତିଶତ ସଦସ୍ୟଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି । ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ନିଜ ଗଡ଼ ଭବାନୀପୁରରୁ ପରାଜିତ ହୋଇଛନ୍ତି । ନିର୍ବାଚନ ଲଢ଼ିଥିବା ୩୫ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୨୨ ଜଣ ପରାଜୟର ସ୍ୱାଦ ଚାଖିଛନ୍ତି । ଏଥିରେ ଶିକ୍ଷା, ପରିବହନ, ଶିଳ୍ପ, ଗୃହ ଏବଂ ମହିଳା ଓ ଶିଶୁ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀମାନେ ସାମିଲ ଅଛନ୍ତି । ପ୍ରମୁଖ ପରାଜିତ ଚେହେରାମାନେ ହେଲେ, ମମତା ବାନାର୍ଜୀ (ମୁଖ୍ୟମନ୍ତ୍ରୀ) - ଭବାନୀପୁର, ଅରୂପ ବିଶ୍ୱାସ (ଆବାସ ଓ ଶକ୍ତି ମନ୍ତ୍ରୀ) - ଟଲିଗଞ୍ଜ, ବ୍ରାତ୍ୟ ବସୁ (ଶିକ୍ଷା ମନ୍ତ୍ରୀ) - ଦମ୍ ଦମ, ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ (ଅର୍ଥ ମନ୍ତ୍ରୀ) - ଉତ୍ତର ଦମ୍ ଦମ୍, ଶଶୀ ପାଞ୍ଜା (ଶିଳ୍ପ ଓ ମହିଳା ବିକାଶ ମନ୍ତ୍ରୀ) - ଶ୍ୟାମପୁକୁ । ଶିଳ୍ପ ମନ୍ତ୍ରୀ ଶଶୀ ପାଞ୍ଜା ପ୍ରାୟ ୧୪,୬୦୦ରୁ ଅଧିକ ଭୋଟ୍‌ରେ ହାରିଥିବା ବେଳେ ପଞ୍ଚାୟତ ମନ୍ତ୍ରୀ ପ୍ରଦୀପ ମଜୁମଦାର ୩୦,୯୦୦ରୁ ଅଧିକ ଭୋଟ୍ ବ୍ୟବଧାନରେ ବିଜେପି ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଛନ୍ତି । ଏହି ବିପୁଳ ପରାଜୟ କେବଳ ପ୍ରାର୍ଥୀଙ୍କ ବିରୋଧରେ ନୁହେଁ, ବରଂ ତୃଣମୂଳ କଂଗ୍ରେସର ସାମଗ୍ରିକ ଶାସନ ପ୍ରଣାଳୀକୁ ଜନସାଧାରଣ ଅଗ୍ରାହ୍ୟ କରିଥିବା ଦର୍ଶାଉଛି । ଉତ୍ତର ବଙ୍ଗରୁ ଦକ୍ଷିଣ ବଙ୍ଗ ପର୍ଯ୍ୟନ୍ତ ପ୍ରାୟ ସବୁଠି ପ୍ରଭାବଶାଳୀ ମନ୍ତ୍ରୀମାନେ ପରାସ୍ତ ହୋଇଛନ୍ତି ।

# ପଶ୍ଚିମବଙ୍ଗ ରାଜନୀତିର ନୂଆ ନାୟକ ଶୁଭେନ୍ଦୁ ଅଧିକାରୀ



**କୋଲକାତା,୫ା୫(ଏଜେନ୍ସି):** ପଶ୍ଚିମବଙ୍ଗ ରାଜନୀତିରେ ଏକ ନୂତନ ଯୁଗର ଆରମ୍ଭ ହୋଇଛି । ଯେଉଁ ଦୁର୍ଗକୁ ଭେଦ କରିବା ବିଜେପି ପାଇଁ ଅସମ୍ଭବ ମନେ ହେଉଥିଲା, ଶୁଭେନ୍ଦୁ ଅଧିକାରୀ ସେହି ଗଡ଼କୁ ଜିତି ନିଜକୁ ବିଜେପିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ପ୍ରମାଣିତ କରିଛନ୍ତି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତାଙ୍କ ନିଜ ନିର୍ବାଚନ ମଣ୍ଡଳୀ 'ଭବାନୀପୁର'ରେ ପରାସ୍ତ କରି ଶୁଭେନ୍ଦୁ ଏବେ ବେଙ୍ଗଲ ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଶୁଭେନ୍ଦୁ ଅଧିକାରୀ କେବଳ ଜଣେ ସାଧାରଣ ନେତା ନୁହନ୍ତି, ବରଂ ଜଣେ 'ଜିଆଣ୍ଟ କିଲର' (ବଡ଼ ନେତାଙ୍କୁ ପରାସ୍ତ କରୁଥିବା ବ୍ୟକ୍ତି) । ୨୦୨୧ ନିର୍ବାଚନରେ ସେ ମମତା ବାନାର୍ଜୀଙ୍କୁ ନନ୍ଦିଗ୍ରାମରେ ପରାସ୍ତ କରିଥିଲେ । କିନ୍ତୁ ଏଥର ସେ ମମତାଙ୍କ ନିଜ ଘର କୁହାଯାଉଥିବା ଭବାନୀପୁରରେ ତାଙ୍କୁ ୧୫,୦୦୦ରୁ ଅଧିକ ଭୋଟରେ ପରାସ୍ତ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ଦିନେ ମମତା ବାନାର୍ଜୀଙ୍କ ପ୍ରତିଟି ଆନ୍ଦୋଳନରେ ଶୁଭେନ୍ଦୁ ମୁଖ୍ୟ ସାରଥୀ ସାଜିଥିଲେ । ନନ୍ଦିଗ୍ରାମ ଭୂମି ଆନ୍ଦୋଳନରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ତୃଣମୂଳ କଂଗ୍ରେସରେ ଅଭିଷେକ ବାନାର୍ଜୀଙ୍କ ପ୍ରଭାବ ବଢ଼ିବା ପରେ ଶୁଭେନ୍ଦୁ ନିଜକୁ ଅବହେଳିତ ମନେ କରିଥିଲେ । ଶେଷରେ ୨୦୨୦ରେ ସେ ବିଜେପିରେ ଯୋଗ ଦେଇଥିଲେ । ବିଜେପିରେ ଯୋଗ ଦେବା ପରେ ସେ କେବଳ ଜଣେ ନେତା ହୋଇ ରହିନାହାନ୍ତି, ବରଂ ତୃଣମୂଳ ସ୍ତରରେ ଦଳର ସଂଗଠନକୁ ଅତ୍ୟନ୍ତ ମଜବୁତ କରିଛନ୍ତି ।

ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ସବୁଠାରୁ ଅଧିକ । ୧୫ ବର୍ଷର ତୃଣମୂଳ ଶାସନକୁ ଶେଷ କରିବାରେ ତାଙ୍କର ଅବଦାନକୁ ବିଜେପି କେନ୍ଦ୍ରୀୟ ନେତୃତ୍ୱ ବେଶ୍ ଗୁରୁତ୍ୱ ଦେଉଛନ୍ତି । ବିଜୟ ପରେ ଶୁଭେନ୍ଦୁ କେବଳ ବେଙ୍ଗଲରେ ସୀମିତ ନାହାନ୍ତି । ସେ ଦେଶର ଅନ୍ୟ ବିରୋଧୀ ନେତାଙ୍କୁ ମଧ୍ୟ କଡ଼ା ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ,"ମମତା ବାନାର୍ଜୀ, ତେଜସ୍ୱୀ ଯାଦବ, ରାହୁଲ ଗାନ୍ଧୀ ଶେଷ ହୋଇଗଲେଣି, ଏବେ ଅଖିଳେଶଙ୍କ ଯାଦବ ପାଳି ।' ଉତ୍ତର ପ୍ରଦେଶରେ ହେବାକୁ ଥିବା ଆଗାମୀ ନିର୍ବାଚନ ପୂର୍ବରୁ ଶୁଭେନ୍ଦୁଙ୍କ ଏହି ବୟାନ ବିରୋଧୀ ଶିବିରରେ ହଇଚଇ ସୃଷ୍ଟି କରିଛି । ପଶ୍ଚିମବଙ୍ଗରେ ବିଜେପିର ଏହି ଐତିହାସିକ ବିଜୟ ଶୁଭେନ୍ଦୁ ଅଧିକାରୀଙ୍କୁ ଜଣେ ଜାତୀୟ ସ୍ତରର ନେତା ଭାବେ ଉଭା କରିଛି । ମମତାଙ୍କ ଗଡ଼ରେ ତାଙ୍କର ଏହି ବିଜୟ ଭାରତୀୟ ରାଜନୀତିରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି ।

# କାମବାଲୀରୁ ବିଧାୟିକା କଳିତା ମାଝି



**କୋଲକାତା,୫ା୫(ଏଜେନ୍ସି):** ଆର୍ଥିକ ଅଭାବ ଓ ଦାରିଦ୍ର୍ୟକୁ ପଛରେ ପକାଇ ଜଣେ ସାଧାରଣ ଗୃହ ପରିଚାରିକା ଏବେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ପଶ୍ଚିମବଙ୍ଗର ପୂର୍ବ ବର୍ଦ୍ଧମାନ ଜିଲ୍ଲାର ଆଉସଗ୍ରାମ ଆସନରୁ ବିଜେପି ପ୍ରାର୍ଥୀ କଳିତା ମାଝୀ ଏହି ଅସାଧାରଣ ସଫଳତା ହାସଲ କରିଛନ୍ତି । କଳିତା ମାଝୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଶ୍ୟାମା ପ୍ରସନ୍ନ ଲାହୋରୀଙ୍କୁ ୧୨,୫୩୫ ଭୋଟ୍‌ରେ ପରାସ୍ତ କରିଛନ୍ତି । ସେ ମୋଟ ୧ ଲକ୍ଷରୁ ଅଧିକ ଭୋଟ୍ ପାଇଛନ୍ତି । ମାତ୍ର ୨,୫୦୦ ଟଙ୍କା ମାସିକ ଦରମାରେ ପର ଘରେ କାମ କରୁଥିବା କଳିତାଙ୍କ ଜୀବନ ଅତ୍ୟନ୍ତ କଷ୍ଟକର ଥିଲା । ତାଙ୍କ ସ୍ୱାମୀ ଜଣେ ପ୍ଲମ୍ବର ଭାବେ କାର୍ଯ୍ୟ କରନ୍ତି । ଆର୍ଥିକ ସଙ୍କଟ ଯୋଗୁଁ ସେ ନିଜର ପାଠପଢ଼ା ମଧ୍ୟ ସମ୍ପୂର୍ଣ୍ଣ କରିପାରିନଥିଲେ । ଗତ ୧୦ ବର୍ଷ ହେବ ସେ ଜଣେ ସାଧାରଣ କର୍ମୀ ଭାବେ କାର୍ଯ୍ୟ କରୁଥିଲେ । ୨୦୨୧ ନିର୍ବାଚନରେ ସେ ପରାଜିତ ହୋଇଥିଲେ ସୁଦ୍ଧା ଦଳ ତାଙ୍କ ଉପରେ ପୁଣି ଭରସା ପ୍ରକଟ କରିଥିଲା । ନିର୍ବାଚନ ସତ୍ୟପାଠ ଅନୁସାରେ କଳିତାଙ୍କର ମୋଟ ସମ୍ପତ୍ତି ପ୍ରାୟ ୧.୬୧ ଲକ୍ଷ ଟଙ୍କା । ଏଥିରେ ବ୍ୟାଙ୍କ ଜମା ଓ ନଗଦ ଟଙ୍କା ଅନ୍ତର୍ଭୁକ୍ତ । କଳିତା ମାଝୀଙ୍କ ଏହି ବିଜୟ ସାଧାରଣ ଜନତାଙ୍କ ମଧ୍ୟରେ ଆଶା ସଞ୍ଚାର କରିଛି । ଜଣେ ଗରିବ ଶ୍ରେଣୀର ମହିଳା ନିଜର ନିଷ୍ଠା ଓ ପରିଶ୍ରମ ବଳରେ ସର୍ବୋଚ୍ଚ ଗଣତାନ୍ତ୍ରିକ ଅନୁଷ୍ଠାନରେ ପହଞ୍ଚିବା ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି ।

# ମାତ୍ର ୧ ଭୋଟ୍‌ରେ ଜିତିଲେ ଟିଭିକେ ପ୍ରାର୍ଥୀ

**ଚେନ୍ନାଇ,୫ା୫(ଏଜେନ୍ସି):** ତାମିଲନାଡୁ ରାଜନୀତିରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ଲୋକପ୍ରିୟ ଅଭିନେତା ବିଜୟଙ୍କ ନୂତନ ଦଳ 'ତାମିଲଗା ଭେଟ୍ରି କାଝାଗମ୍' (ଟିଭିକେ) ନିଜର ପ୍ରଥମ ନିର୍ବାଚନରେ ହିଁ ଶାସକ ଡିଏମକେ ଦଳକୁ ଶକ୍ତ ଧକ୍କା ଦେଇଛି । ବିଶେଷ କରି ତିରୁପତ୍ତୁର ଆସନରେ ଟିଭିକେ ପ୍ରାର୍ଥୀ ମାତ୍ର ଗୋଟିଏ ଭୋଟ୍ ବ୍ୟବଧାନରେ ଜଣେ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ ପରାସ୍ତ କରିଛନ୍ତି । ତିରୁପତ୍ତୁର ଆସନରେ ଟିଭିକେ ପ୍ରାର୍ଥୀ ଶ୍ରୀନିବାସ ସେଥୁପତି ଆର. ମୋଟ ୮୩,୩୭୫ ଭୋଟ୍ ପାଇ ଶାସକ ଦଳର ସମବାୟ ମନ୍ତ୍ରୀ କେ.ଆର. ପେରିୟାକାରୁପ୍ପନଙ୍କୁ ମାତ୍ର ୧ ଭୋଟ୍‌ରେ ପରାସ୍ତ କରି ଏକ ରେକର୍ଡ ସୃଷ୍ଟି କରିଛନ୍ତି । ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ୍ ମଧ୍ୟ ନିଜ ଆସନରୁ ଟିଭିକେ ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଛନ୍ତି । ଡିଏମକେର ଗଡ଼ କୁହାଯାଉଥିବା ଚେନ୍ନାଇରେ ମଧ୍ୟ ବିଜୟଙ୍କ ଦଳ ସଫଳତା ପାଇଛି । ଟିଭିକେ ନିଜର ପ୍ରଥମ ନିର୍ବାଚନରେ ୧୦୮ଟି ଆସନ ଜିତିଥିବାବେଳେ ଡିଏମକେ ମାତ୍ର ୭୪ଟି ଆସନକୁ ଖସି ଆସିଛି । ଏଆଇଏଡିଏମକେ ୪୭ଟି ଆସନ ହାସଲ କରିଛି । ତାମିଲନାଡୁରେ ଚଳିତ ବର୍ଷ ୮୫.୧% ରୁ ଅଧିକ ଭୋଟ୍ ମତଦାନ ହୋଇଥିଲା, ଯାହା ଏକ ଐତିହାସିକ ରେକର୍ଡ ।

# ଆସାମରେ ବଦରୁଦ୍ଦିନ ଆଜମଲଙ୍କ ବିପର୍ଯ୍ୟୟ

**ଗୁଆହାଟୀ,୫ା୫(ଏଜେନ୍ସି):** ଆସାମ ରାଜନୀତିରେ ମୁସଲମାନ ସଂଖ୍ୟାଲଘୁଙ୍କ ପ୍ରମୁଖ ସ୍ୱର କୁହାଯାଉଥିବା ବଦରୁଦ୍ଦିନ ଅଜମଲଙ୍କ ଦଳ ଏଆଇୟୁଡିଏଫ୍ ଚଳିତ ବିଧାନସଭା ନିର୍ବାଚନରେ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଏକଦା ୧୬ଟି ଆସନ ଜିତିଥିବା ଏହି ଦଳ ଏବେ ମାତ୍ର ୨ଟି ଆସନରେ ସୀମିତ ହୋଇଯାଇଛି । ୨୦୨୪ ଲୋକସଭା ନିର୍ବାଚନରେ ପରାଜିତ ହୋଇଥିବା ଅଜମଲ ହୋଜାଇ ଜିଲ୍ଲାର ବିନ୍ନାକାନ୍ଦି ଆସନରୁ ବିଜୟୀ ହୋଇଥିବା ବେଳେ, ଦଳର ଅନ୍ୟତମ ପ୍ରାର୍ଥୀ ମଜିବୁର ରହମାନ ଦଲଗାଓଁ ଆସନ ବଜାୟ ରଖିଛନ୍ତି । ଏହା ବ୍ୟତୀତ ବାକି ସମସ୍ତ ସ୍ଥାନରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି । ମୁସଲମାନ ବହୁଳ ଅଞ୍ଚଳରେ ୯୦ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲେ ସୁଦ୍ଧା, ଏହି ଭୋଟ୍ ଏଆଇୟୁଡିଏଫ୍ ବଦଳରେ କଂଗ୍ରେସ ଖାତାକୁ ଯାଇଛି । ଧୁବ୍ରୀ, ମାଙ୍କାଚର ଏବଂ ସାମଗୁରି ଭଳି ଆସନରେ କଂଗ୍ରେସ ନିର୍ଣ୍ଣାୟକ ବିଜୟ ହାସଲ କରିଛି । ରାଜନୈତିକ ସମୀକ୍ଷକଙ୍କ ଅନୁସାରେ, ପରିବାରବାଦ ଏବଂ ଭୁଲ୍ ପ୍ରାର୍ଥୀ ଚୟନ ଯୋଗୁଁ ଦଳର ଏହି ଅବସ୍ଥା ହୋଇଛି । ଏଥିସହ କଂଗ୍ରେସ ସହ ମେଣ୍ଟ ନ ହେବା ମଧ୍ୟ ଦଳକୁ ମହଙ୍ଗା ପଡ଼ିଛି । ୨୦୦୫ରେ ଗଠିତ ଏହି ଦଳ ପାଇଁ ଏବେ ନିଜର ଅସ୍ତିତ୍ୱ ରକ୍ଷା କରିବା କଷ୍ଟକର ହୋଇପଡ଼ିଛି । ସଂସଦରେ କୌଣସି ସଦସ୍ୟ ନଥିବା ବେଳେ ବିଧାନସଭାରେ ମଧ୍ୟ ଦଳର ଶକ୍ତି ହ୍ରାସ ପାଇଛି । ବଦରୁଦ୍ଦିନ ଅଜମଲଙ୍କ ଦଳ ଏବେ ଆସାମ ରାଜନୀତିରେ ନିଜର ପ୍ରାସଙ୍ଗିକତା ହରାଉଥିବା ପରି ମନେହେଉଛି । ଭୋଟରମାନେ ଆଞ୍ଚଳିକ ଦଳ ଅପେକ୍ଷା କଂଗ୍ରେସ ଭଳି ଜାତୀୟ ବିକଳ୍ପକୁ ଆପଣେଇ ନେଇଛନ୍ତି ।

# ମଧ୍ୟପ୍ରାଚ୍ୟରେ ପୁଣି ଗର୍ଜିଲା କ୍ଷେପଣାସ୍ତ୍ର ଓ ଡ୍ରୋନ

**ନୂଆଦିଲ୍ଲୀ,୫ା୫(ଏଜେନ୍ସି):** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ର ଫୁଜୈରା ତୈଳ ଶିଳ୍ପାଞ୍ଚଳ ଉପରେ ଇରାନ ପକ୍ଷରୁ ହୋଇଥିବା ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି । ଏହି ଆକ୍ରମଣରେ ତିନିଜଣ ଭାରତୀୟ ନାଗରିକ ଆହତ ହୋଇଛନ୍ତି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏହି ଘଟଣାକୁ "ଅଗ୍ରହଣୀୟ" ବୋଲି ଅଭିହିତ କରିଛି । ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଏହି ଆକ୍ରମଣ ବିଶ୍ୱ ଶାନ୍ତି ପ୍ରତି ବିପଦ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଆକ୍ରମଣକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ସେ କହିଛନ୍ତି ଯେ, ସାଧାରଣ ନାଗରିକ ଏବଂ ଭିତ୍ତିଭୂମିକୁ ଟାର୍ଗେଟ୍ କରିବା କୌଣସି ପରିସ୍ଥିତିରେ ଗ୍ରହଣଯୋଗ୍ୟ ନୁହେଁ । ଭାରତ ଏହି ସଙ୍କଟ ସମୟରେ ୟୁଏଇ ସହିତ ଦୃଢ଼ ଭାବେ ଛିଡ଼ା ହୋଇଛି ଏବଂ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ ପାଇଁ ଆହ୍ୱାନ ଦେଇଛି । ବିଶ୍ୱ ଶକ୍ତି ସୁରକ୍ଷା ପାଇଁ 'ହର୍ମୁଜ ପ୍ରଣାଳୀ' ଦେଇ ଜଳପଥ ପରିବହନ ସୁରକ୍ଷିତ ରହିବା ଏକାନ୍ତ ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି । ୟୁଏଇ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଇରାନ ପକ୍ଷରୁ ୧୫ଟି ମିସାଇଲ୍ ଏବଂ ୪ଟି ଡ୍ରୋନ୍ ମାଡ଼ କରାଯାଇଥିଲା । ଏଥିମଧ୍ୟରୁ ଏକ ଡ୍ରୋନ୍ ଫୁଜୈରାର ସବୁଠାରୁ ବଡ଼ ତୈଳ କେନ୍ଦ୍ରରେ ନିଆଁ ଲଗାଇ ଦେଇଥିଲା, ଯେଉଁଠାରେ କାର୍ଯ୍ୟରତ ୩ ଜଣ ଭାରତୀୟ ଆହତ ହୋଇଥିଲେ । ବ୍ରିଟିଶ ସେନା ମଧ୍ୟ ଦୁଇଟି ମାଲବାହୀ ଜାହାଜରେ ନିଆଁ ଲାଗିଥିବା ସୂଚନା ଦେଇଛି । ଇରାନ ଏହି ଆକ୍ରମଣକୁ ସିଧାସଳଖ ସ୍ୱୀକାର କରିନାହିଁ । ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଆମେରିକା ଏବଂ ୟୁଏଇ ନିଜ ପାଇଁ ବିପଦ ସୃଷ୍ଟି କରିବା ଉଚିତ ନୁହେଁ । ଅପରପକ୍ଷରେ, ଇରାନର ସରକାରୀ ଗଣମାଧ୍ୟମ ଏହାକୁ ଆମେରିକାର ସାମରିକ ପଦକ୍ଷେପର ପରିଣାମ ବୋଲି ବର୍ଣ୍ଣନା କରିଛି । ଆମେରିକା ପକ୍ଷରୁ ଜାହାଜଗୁଡ଼ିକୁ ସୁରକ୍ଷା ଦେଇ ପାର କରାଇବା ପାଇଁ ଚେଷ୍ଟା କରାଯାଉଥିବା ବେଳେ ଇରାନ ଏହାକୁ ଯୁଦ୍ଧବିରତିର ଉଲ୍ଲଂଘନ ବୋଲି କହୁଛି । ମଧ୍ୟ-ପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସବୁବେଳେ କୂଟନୈତିକ ଆଲୋଚନା ଉପରେ ଗୁରୁତ୍ୱ ଦେଇ ଆସିଛି । ଭାରତୀୟ ନାଗରିକମାନେ ଏହି ବିବାଦରେ ଆହତ ହେବା ପରେ ଭାରତର ଆଭିମୁଖ୍ୟ ଅଧିକ କଠୋର ହୋଇଛି । ଆନ୍ତର୍ଜାତୀୟ ନିୟମ ଅନୁସାରେ ସାମୁଦ୍ରିକ ପରିବହନ ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବା ଏବେ ବିଶ୍ୱ ସମୁଦାୟ ପାଇଁ ଏକ ବଡ଼ ଆହ୍ୱାନ ।

- **ୟୁଏଇ ବନ୍ଦର ଉପରେ ଇରାନର ଆକ୍ରମଣ**
- **୩ ଭାରତୀୟ ଆହତ, ନିନ୍ଦା କଲେ ମୋଦୀ**

# ଭାରତର ରନ୍ଧନ ଗ୍ୟାସ୍ ପାଇଁ ହର୍ମୁଜ ମୁକ୍ତ ରଖିବ ଆମେରିକା

**ୱାସିଂଟନ,୫ା୫(ଏଜେନ୍ସି):** ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ପ୍ରୋଜେକ୍ଟ ଫ୍ରିଡମ୍' ଯୋଜନାକୁ ଏକ 'ମାନବୀୟ ପ୍ରୟାସ' ବୋଲି କରିଛନ୍ତି । ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ ହର୍ମୁଜରେ ଅଟକି ରହିଥିବା ଜାହାଜଗୁଡ଼ିକୁ ସୁରକ୍ଷିତ ଭାବେ ବାହାର କରିବା ପାଇଁ ଆମେରିକା ପଦକ୍ଷେପ ନେବ, ଯାହାଫଳରେ ଭାରତ ଭଳି ଦେଶକୁ ରନ୍ଧନ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହେବ ନାହିଁ । ବେସେଣ୍ଟ କହିଛନ୍ତି , ଏହି ଜଳପଥ ଦେଇ କେବଳ ତେଲ ନୁହେଁ, ବରଂ ସାର, ଖାଦ୍ୟ ଏବଂ ଭାରତର ୧୦୦ କୋଟିରୁ ଅଧିକ ଜନସାଧାରଣ ବ୍ୟବହାର କରୁଥିବା ରନ୍ଧନ ଗ୍ୟାସ୍ ପରିବହନ ହୋଇଥାଏ । ଏହାକୁ ସୁରକ୍ଷିତ ରଖିବା ବିଶ୍ୱ ଯୋଗାଣ ଶୃଙ୍ଖଳ ପାଇଁ ଅତ୍ୟନ୍ତ ଜରୁରୀ । ଆମେରିକା ଅଭିଯୋଗ କରିଛି ଯେ ଇରାନ ଏହି ଆନ୍ତର୍ଜାତୀୟ ଜଳପଥକୁ ବନ୍ଦ କରିବାକୁ ଚେଷ୍ଟା କରୁଛି । ଇରାନର ନୌସେନା ଏବେ ଏକ 'ଲୁଟେରା ଦଳ'ରେ ପରିଣତ ହୋଇଛି ଏବଂ ସେମାନଙ୍କ ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ବୋଲି ବେସେଣ୍ଟ ଦାବି କରିଛନ୍ତି । ଆମେରିକା ଅଭିଯୋଗ କରିଛି ଯେ ଚୀନ୍ ଇରାନରୁ ୯୦% ତେଲ କିଣି ଆତଙ୍କବାଦକୁ ପରୋକ୍ଷରେ ପ୍ରୋତ୍ସାହନ ଦେଉଛି ।

# ନାସାର ଉଡ଼ନ୍ତା ପରୀକ୍ଷାଗାର



**ଭର୍ଜିନିଆ,୫ା୫(ଏଜେନ୍ସି):** ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଏକ ପୁରୁଣା ଯାତ୍ରୀବାହୀ ବିମାନ ବୋଇଂ ୭୭୭କୁ ଏକ ଅତ୍ୟାଧୁନିକ ଉଡ଼ନ୍ତା ପରୀକ୍ଷାଗାରରେ ପରିଣତ କରିଛି । ଏହି ବିମାନଟି ନିକଟରେ ଟେକ୍ସାସରୁ ନିଜର ସମସ୍ତ ରୂପାନ୍ତରଣ ପ୍ରକ୍ରିୟା ଶେଷ କରି ଭର୍ଜିନିଆସ୍ଥିତ ଲାଙ୍ଗଲି ରିସର୍ଚ୍ଚ ସେଣ୍ଟରକୁ ଫେରିଛି । ବିମାନଟିର ବାହ୍ୟ ଓ ଆଭ୍ୟନ୍ତରୀଣ ସଂରଚନାରେ ବ୍ୟାପକ ପରିବର୍ତ୍ତନ କରାଯାଇଛି । ବୈଜ୍ଞାନିକ ଉପକରଣ ଖଞ୍ଜିବା ପାଇଁ ଏହାର ବଡିରେ ହଜାର ହଜାର କଣା କରାଯିବା ସହ ସ୍ୱତନ୍ତ୍ର ସେନ୍ସର, ଇନଫ୍ରାରେଡ୍ ଇମେଜିଙ୍ଗ୍ ସିଷ୍ଟମ୍ ଏବଂ ଲାଇଡାର୍ ଭଳି ଯନ୍ତ୍ରପାତି ଲଗାଯାଇଛି । ପୂର୍ବରୁ ବ୍ୟବହୃତ ହେଉଥିବା ଡିସି-୮ ବିମାନ ଅବସର ନେବା ପରେ ନାସା ଏହି ବଡ଼ ବିମାନକୁ ବାଛିଛି । ଏହା ଏକାସାଙ୍ଗରେ ୫୦ ରୁ ୧୦୦ ଜଣ ବୈଜ୍ଞାନିକ ଏବଂ ପ୍ରାୟ ୩୪,୦୦୦ କିଲୋଗ୍ରାମର ବୈଜ୍ଞାନିକ ଉପକରଣ ବହନ କରିପାରିବ । ଏହି ବିମାନଟି କ୍ରମାଗତ ଭାବେ ୧୮ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ରହି ଗବେଷଣା କରିପାରିବ । ଏହା ଦ୍ୱାରା ବୈଜ୍ଞାନିକମାନେ ଜଳବାୟୁ ପରିବର୍ତ୍ତନ, ବାୟୁମଣ୍ଡଳୀୟ ଗତିବିଧି ଏବଂ ପାଣିପାଗ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିପାରିବେ । ୨୦୨୭ ଜାନୁଆରୀ ମାସରେ ଏହି ବିମାନଟି ନିଜର ପ୍ରଥମ ବୈଜ୍ଞାନିକ ମିଶନ ନର୍ଟର' ଆରମ୍ଭ କରିବ । ଏହି ମିଶନରେ ଉତ୍ତର ଆମେରିକା, ଗ୍ରୀନଲ୍ୟାଣ୍ଡ ଏବଂ ଆର୍କଟିକ ଅଞ୍ଚଳରେ ପ୍ରବଳ ଶୀତ ଓ ବରଫପାତ ସମ୍ପର୍କରେ ଅଧ୍ୟୟନ କରାଯିବ । ନାସାର ଏହି ନୂତନ ପଦକ୍ଷେପ ବାୟୁମଣ୍ଡଳୀୟ ବିଜ୍ଞାନ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରିବ । ଏହି ଉଡ଼ନ୍ତା ପରୀକ୍ଷାଗାର ସାହାଯ୍ୟରେ ପୃଥିବୀର ଜଳବାୟୁ ସମସ୍ୟାଗୁଡ଼ିକୁ ବୁଝିବା ଏବଂ ସଠିକ୍ ପୂର୍ବାନୁମାନ କରିବା ଅଧିକ ସହଜ ହେବ ।

**ବୋଇଂ ୭୭୭ ଏବେ ବୈଜ୍ଞାନିକଙ୍କ ପାଇଁ ଶକ୍ତିଶାଳୀ ଲାବୋରେଟୋରୀ**

# ଆମେରିକୀୟ 'ଫ୍ଲାଇଙ୍ଗ୍ ଗ୍ୟାସ୍ ଷ୍ଟେସନ୍' ନିଖୋଜ



**ୱାସିଂଟନ,୫ା୫(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଆମେରିକା ବାୟୁସେନାର ଏକ ଗୁରୁତ୍ୱପୂର୍ଣ୍ଣ ବିମାନ 'ବୋଇଂ କଉ-୧୩୫ ଷ୍ଟ୍ରାଟୋଟାଙ୍କର୍' କାତାର ଆକାଶରେ ନିଖୋଜ ହୋଇଯାଇଛି । ନିଖୋଜ ହେବା ପୂର୍ବରୁ ବିମାନଟି ଏକ ଜରୁରୀକାଳୀନ ସଙ୍କେତ ପ୍ରଦାନ କରିଥିଲା । ଫ୍ଲାଇଟ୍-ଟ୍ରାକିଂ ଡାଟା ଅନୁସାରେ, ବିମାନଟି ପାରସ୍ୟ ଉପସାଗର ଉପରେ ଉଡୁଥିବା ସମୟରେ "୭୭୦୦" କୋଡ୍ ସହ ଏକ ବିପଦ ସଙ୍କେତ ଜାରି କରିଥିଲା । ଏହା ସଂଯୁକ୍ତ ଆରବ ଏମିରେଟ୍ସରୁ ଉଡ଼ାଣ ଆରମ୍ଭ କରିଥିଲା ।ସଙ୍କେତ ହରାଇବା ପୂର୍ବରୁ ବିମାନଟି କିଛି ସମୟ ପାଇଁ ଆକାଶରେ ଗୋଲାକାର ଭାବେ ବୁଲୁଥିବାର ଦେଖାଯାଇଥିଲା । ଏହାପରେ କାତାର ନିକଟରେ ଏହାର ରାଡାର ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଥିଲା । ବିମାନଟି କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନିଖୋଜ ହେଲା କିମ୍ବା ଶତ୍ରୁପକ୍ଷର ଆକ୍ରମଣର ଶିକାର ହେଲା, ସେ ନେଇ ଆମେରିକା ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଏହି ବିମାନକୁ 'ଫ୍ଲାଇଙ୍ଗ୍ ଗ୍ୟାସ୍ ଷ୍ଟେସନ୍' କୁହାଯାଏ, କାରଣ ଏହା ଆକାଶ ମାର୍ଗରେ ଅନ୍ୟ ଯୁଦ୍ଧ ବିମାନ ଗୁଡ଼ିକୁ ଇନ୍ଧନ ଯୋଗାଇଥାଏ । ଏଥିସହ ଏହା ଯାତ୍ରୀ ଓ ମାଲ୍ ପରିବହନ ପାଇଁ ମଧ୍ୟ ବ୍ୟବହୃତ ହୁଏ । ଗତ ମାର୍ଚ୍ଚ ମାସରେ ମଧ୍ୟ ଇରାକରେ ଏହିପରି ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବର୍ତ୍ତମାନର ଏହି ଘଟଣା ଆମେରିକୀୟ ବାୟୁସେନା ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି । ବିମାନ ଓ ଏହାର କର୍ମଚାରୀଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

**ଜାରି ହେଲା ଜରୁରୀକାଳୀନ ସଙ୍କେତ**

ସକାଳ THE SAKALA
ବୁଧବାର ୬ ମେ, ୨୦୨୬



### ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟରେ ଦୁର୍ଘଟଣା

# ବିଷାକ୍ତ ଗ୍ୟାସ୍ ଲିକ୍‌ରୁ ୩ ଶ୍ରମିକ ମୃତ



ଅନୁଗୋଳ/ହିନ୍ଦୋଳ, ୫।୫(ସମିସ): ଅନୁଗୋଳ ନିଶା ଥାନା ଅନ୍ତର୍ଗତ ଶ୍ରୀ ମେଟାଲିକ୍ସ ସ୍ପଞ୍ଜ ଆଇରନ୍ ପ୍ଲାଣ୍ଟରେ ଗତକାଲି ବିଳମ୍ବିତ ରାତିରେ ଏକ ବଡ଼ଧରଣର ଦୁର୍ଘଟଣା ଘଟି ୩ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ସୁନ୍ଦରଗଡ଼ ଜିଲ୍ଲା ତିନିଗୁଡ଼ା ଗାଁର ଶ୍ରୀଧର ବୋଗେନ୍, ମଣ୍ଟୁ କୁମାର ଏବଂ ରାଜଗାଙ୍ଗପୁରର ମଙ୍ଗଳ ମାଝୀ।

**ଘଟଣା ଚାପିଦେବାକୁ ଉଦ୍ୟମ**

ସୂଚନାନୁସାରେ, ପ୍ଲାଣ୍ଟର ଡିଆର୍‌ଆଇ ୟୁନିଟ୍‌ରେ କାମ ଚାଲିଥିବା ବେଳେ ବିଷାକ୍ତ ଗ୍ୟାସ୍ ଲିକ୍ ଯୋଗୁଁ ଏହି ଅଘଟଣ ଘଟିଥିବା ଆଶଙ୍କା କରାଯାଉଛି। ପ୍ଲାଣ୍ଟ କର୍ତ୍ତୃପକ୍ଷ ଘଟଣାକୁ ଲୁଚାଇବା ପାଇଁ ଶବଗୁଡ଼ିକୁ ସ୍ଥାନୀୟ ଡାକ୍ତରଖାନା ନ ନେଇ ୪୦ କିମି ଦୂର ହିନ୍ଦୋଳକୁ ପଠାଇ ଦେଇଥିବା ଅଭିଯୋଗ ହୋଇଛି। ଆଜି ସକାଳେ ଖବର ପ୍ରଚାରିତ ହେବା ପରେ ପୁଲିସ ପ୍ଲାଣ୍ଟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିବାର ପହଞ୍ଚି ସାରିଥିଲେ ମଧ୍ୟ ସମନ୍ୱୟ ଅଭାବରୁ ଶବ ବ୍ୟବଚ୍ଛେଦରେ ବିଳମ୍ବ ହୋଇଛି। ଏହି ହୃଦୟବିଦାରକ ଘଟଣାରେ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସାଧାରଣରେ ଦାବି ଜୋର୍ ଧରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

### ପୁଣି ସନ୍ଦେହ ନେଲା ଜୀବନ

# ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

ଝାରସୁଗୁଡ଼ା, ୫।୫(ସମିସ): ସନ୍ଦେହ ପୁଣି ଜଣଙ୍କ ଜୀବନ ନେଇଛି। ପରପୁରୁଷ ସହ ସଂପର୍କ ଥିବା ସନ୍ଦେହ କରି ସ୍ତ୍ରୀକୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଛି ସ୍ୱାମୀ। ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ବାଗଡ଼ିହି ଫାଣ୍ଡି ଅନ୍ତର୍ଗତ ଦେଓପାନ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଦେଓପାନ ଗ୍ରାମର ମନୋଜ ଛତ୍ରିଆ ତାଙ୍କ ପତ୍ନୀ ସୁଷମା ଛତ୍ରିଆ (୨୮)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂହ ଓ ଲଇକେରା ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେରଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ସହ ହତ୍ୟାରେ ବ୍ୟବହୃତ ଠେଙ୍ଗା ଓ ଫୁଙ୍କନଳୀକୁ ଜବତ କରିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ମନୋଜ ଛତ୍ରିଆକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁଯାୟୀ, ସୁଷମାଙ୍କ ଅନ୍ୟ ପୁରୁଷଙ୍କ ସହ ସଂପର୍କ ଥିବା ନେଇ ମନୋଜ ସନ୍ଦେହ କରି ଆସୁଥିଲେ। ଏହାକୁ ନେଇ ପ୍ରାୟ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ହେଉଥିଲା। ଗତ ରାତିରେ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଉଭୟଙ୍କ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମନୋଜ ଏକ ଠେଙ୍ଗା ଓ ଫୁଙ୍କନଳୀରେ ସୁଷମାକୁ ନିସ୍ତୁକ ମାଡ଼ ମାରିଥିଲେ। ପଡ଼ୋଶୀମାନେ ସୁଷମାଙ୍କୁ ଝାରସୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଶ୍ରୀ ମେହେର କହିଛନ୍ତି।

# ଶାରଳା ପୀଠରେ 'ବନ୍ଦୀ' ବଡ଼ଠାକୁର!


## ୧୦ ବର୍ଷ ହେବ ତାଳଧ୍ୱଜ ରଥଚକ ଥିବା ମନ୍ଦିରରେ ଝୁଲୁଛି ତାଲା

ପୁରୀ, ୫।୫ (ସମିସ): ଦାରୁବ୍ରହ୍ମ ଲୀଳାର ପବିତ୍ର ସ୍ମୃତିକୁ ବହନ କରୁଥିବା ମା' ସାରଳାଙ୍କ ପୀଠରେ ବଡ଼ଠାକୁର ବଳଭଦ୍ର ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏକପ୍ରକାର 'ବନ୍ଦୀ' ଅବସ୍ଥାରେ ଅଛନ୍ତି। ତାଳଧ୍ୱଜ ରଥଚକ ରଖାଯାଇଥିବା ସ୍ମୃତି ମନ୍ଦିରରେ ଦୀର୍ଘବର୍ଷ ଧରି ତାଲା ଝୁଲୁଛି। ମନ୍ଦିର ଉପରେ ଗଛ ଉଠିଲାଣି। ଗୁମୁଟ ଉପରେ ଥିବା ଦଶାବତାର ମୂର୍ତ୍ତି ମଧ୍ୟରୁ କେତେକ ହଜିଗଲେଣି। ତେବେ ମହାପ୍ରଭୁଙ୍କ ଦାରୁସ୍ଥଳ ପ୍ରତି ଏପରି ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜଗନ୍ନାଥପ୍ରେମୀ ଭକ୍ତ ଓ ବୁଦ୍ଧିଜୀବୀ।

୨୦୧୫ ଥିଲା ମହାପ୍ରଭୁଙ୍କ ନବକଳେବର ବର୍ଷ। କାକଟପୁର ମା' ମଙ୍ଗଳାଙ୍କ ସ୍ୱପ୍ନାଦେଶ ଅନୁସାରେ କନକପୁରସ୍ଥିତ ମା' ସାରଳାଙ୍କ ମନ୍ଦିର ନିକଟରୁ ବଡ଼ଠାକୁର ବଳଭଦ୍ରଙ୍କ ଦାରୁ ଚିହ୍ନଟ ହୋଇଥିଲା। ଝଙ୍କଡ଼ବାସିନୀ ମା' ସାରଳା ମାଟିର ଦାରୁ ପୁରୀ ଆସି ଦାରୁବ୍ରହ୍ମ ହେବା ଘଟଣା ସମଗ୍ର ଓଡ଼ିଶା ପାଇଁ ଥିଲା ଗୌରବର ବିଷୟ ଥିଲା। ଏହି ଐତିହାସିକ ଘଟଣାର ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ସହଯୋଗରେ ଦାରୁ ଅଣାଯାଇଥିବା ସ୍ଥଳରେ ଏକ ସ୍ମୃତି ମନ୍ଦିର ନିର୍ମାଣ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା, ଶ୍ରଦ୍ଧାଳୁ ଆସିଲେ ଏହିଠାରୁ ବଡ଼ଠାକୁରଙ୍କ ଦାରୁ ଯାଇଥିଲା ବୋଲି ମନେ ପକାଇବେ। ପରବର୍ତ୍ତୀ ସମୟରେ ଶ୍ରୀକ୍ଷେତ୍ର ପୁରୀରୁ ତାଳଧ୍ୱଜ ରଥର ଏକ ପବିତ୍ର ଚକ ଆଣି ସେହି ମନ୍ଦିରରେ ସ୍ଥାପନ କରାଯାଇଥିଲା। 'ରଥ କହେ ମୁଁ ଦେବତା, ଚକ କହେ ମୁଁ ଦେବତା' ଏହି ଲୋକକଥାକୁ ବିଶ୍ୱାସ କରି ସେଦିନ କନକପୁର ସମେତ ସମଗ୍ର ଅଞ୍ଚଳ ଭାବ ଭକ୍ତିରେ ଭିଜି ଯାଇଥିଲା। ମା' ସାରଳା ଏବଂ ଜୟ ଜଗନ୍ନାଥ ଧ୍ୱନିରେ କମ୍ପି ଉଠିଥିଲା ବାଣୀକ୍ଷେତ୍ର ଜଗତ୍‌ସିଂହପୁର। କିନ୍ତୁ ଦୁର୍ଭାଗ୍ୟର ବିଷୟ, ମନ୍ଦିର ପ୍ରତିଷ୍ଠା ପରେ ସେଥିରେ ପଡ଼ିଥିବା ତାଲା ଆଜି ଯାଏଁ ଖୋଲିନାହିଁ। ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ମନ୍ଦିର ବନ୍ଦ। ନା ନୀତିକାନ୍ତି ହେଉଛି, ନା ପୂଜାର୍ଚ୍ଚନା। ସ୍ଥାନୀୟ ଲୋକଙ୍କ ବିଶ୍ୱାସ, ମନ୍ଦିର ଭିତରେ ନିଜ ତାଳଧ୍ୱଜ ରଥଚକକୁ ଜଗି ବସିଛନ୍ତି ବଡଠାକୁର ଶ୍ରୀବଳଭଦ୍ର। ଆମେ କିନ୍ତୁ ତାଙ୍କୁ ଦର୍ଶନ କରିପାରୁନୁ। ଏହା ହିଁ ଅଞ୍ଚଳବାସୀ ଏବଂ ବାହାରୁ ଯାଉଥିବା ଶ୍ରଦ୍ଧାଳୁଙ୍କ ମନରେ କ୍ଷୋଭ।

ଆଗାମୀ ନବକଳେବର ୨୦୩୪ମସିହାରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି। ଜଗନ୍ନାଥ ସଂସ୍କୃତି ଅନୁସାରେ, ଯେଉଁବର୍ଷ ଦୁଇଟି ଆଷାଢ଼ ମାସ (ଯୁଗ୍ମ ଆଷାଢ଼) ପଡ଼େ, ସେହିବର୍ଷ ନବକଳେବର ଅନୁଷ୍ଠିତ ହୋଇଥାଏ। ତେଣୁ, ଆଗାମୀ ନବକଳେବରକୁ ମାତ୍ର ଆଠବର୍ଷ ଥିବା ବେଳେ ପୂର୍ବ ନବକଳେବର ଦାରୁସ୍ଥଳର ଏପରି ଦୁରବସ୍ଥା ଓ ବଡ଼ଠାକୁରଙ୍କ ପ୍ରତି ଅସମ୍ମାନକୁ ନେଇ ଭକ୍ତ ଓ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି।

ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନର ରାଜ୍ୟ ସଭାପତି ଡ. ବଦ୍ରି ମିଶ୍ର ଓ ସୁନାବେଶ ଭଜନ



ସମାରୋହର ସମ୍ପାଦକ ମନୋଜ ଦଇତାପତି ତୁରନ୍ତ ମନ୍ଦିରରୁ ତାଲା ଖୋଲି ନିୟମିତ ପୂଜାର୍ଚ୍ଚନା ଆରମ୍ଭ କରିବାକୁ ଦାବି କରିଛନ୍ତି। ନିକଟରେ ଉଭୟ ମା' ଶାରଳାଙ୍କ ଦର୍ଶନ ପାଇଁ ଯାଇଥିଲେ। ସେଠାରେ କିଛି ପୂଜକ ସେମାନଙ୍କୁ ବନ୍ଦ ପଡ଼ିଥିବା ମନ୍ଦିର ବିଷୟରେ କହିବା ସହ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଯଦି ବି କୌଣସି କାରଣ ପାଇଁ ଏହା ବନ୍ଦ ରହିଛି, ତେବେ ପ୍ରଶାସନ ଏ ଦିଗରେ ତତ୍ପରତା ପ୍ରକାଶ କରିବା ଦରକାର। ଶ୍ରୀମନ୍ଦିର ପ୍ରଶାସନ ବି ଏଥିରେ ହସ୍ତକ୍ଷେପ କରିବା ଉଚିତ ବୋଲି ସେମାନେ କହିଥିଲେ।

ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ରାଜ୍ୟ ସଭାପତି ଶ୍ରୀ ମିଶ୍ର କହିଛନ୍ତି, 'ତାଳଧ୍ୱଜ ରଥଚକ ନିଜେ ବଡ଼ଠାକୁରଙ୍କ ପ୍ରତୀକ। ତାଙ୍କ ପ୍ରତି ଏପରି ଅସମ୍ମାନ ସମଗ୍ର ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ, ଶ୍ରୀମନ୍ଦିର ପରିଚାଳନା କମିଟିର ସଂସ୍କୃତି ସବ୍ କମିଟି ରହିଛି। ଏହି କମିଟିର ପ୍ରମୁଖ ଦାୟିତ୍ୱ ହେଉଛି ଜଗନ୍ନାଥ ସଂସ୍କୃତି, ପରମ୍ପରା, ନୀତିକାନ୍ତି ଏବଂ ଧାର୍ମିକ ବିଧିବିଧାନର ସଠିକ୍ ପାଳନ କିପରି ହେବ, ତାହା ବଝିବା। ତେଣୁ ଏହି ସବ୍-କମିଟି ତୁରନ୍ତ ଏହି ମନ୍ଦିର ଖୋଲିବା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦେବା ଆବଶ୍ୟକ। ସଂସ୍କୃତି ମନ୍ତ୍ରୀ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମଧ୍ୟ ଏଥିରେ ହସ୍ତକ୍ଷେପ କରି ଭକ୍ତମାନଙ୍କ ପାଇଁ ମନ୍ଦିର ଖୋଲିବା ଦରକାର। ଏନେଇ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଇବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଗୁରୁତ୍ୱପୂର୍ଣ୍ଣ ହେଉଛି, ଦାରୁସ୍ଥଳ କେବଳ ଏକ ସ୍ଥାନ ନୁହେଁ, ଏହା କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ। ହେଲେ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ବଡ଼ଠାକୁରଙ୍କ ଦାରୁସ୍ଥଳରେ ନିର୍ମିତ ସ୍ମୃତି ମନ୍ଦିରରେ ତାଲା ପଡ଼ିବା ଦୁର୍ଭାଗ୍ୟଜନକ। ଏହି ମନ୍ଦିରର ତାଲା କେବେ ଖୋଲୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

### ରାଜ୍ୟସଭା ନିର୍ବାଚନରେ ଅନିୟମିତତା ଅଭିଯୋଗ

# ୧୧ ତାରିଖରେ ସିଇଓଙ୍କ ସହ ବିଜେଡିର ବୈଠକ

ଭୁବନେଶ୍ୱର, ୫।୫(ସମିସ): ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେପିର ଦୁଇ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଉପାସନା ମହାପାତ୍ରଙ୍କୁ ଭୋଟଦାନ ସମୟରେ ଦ୍ୱିତୀୟ ବାଲାଟ ବ୍ୟବହାର ପ୍ରସଙ୍ଗରେ ୧୧ ତାରିଖରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିବ ବିଜେଡି।

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ଓ ପୋଲିଂ ଏଜେଣ୍ଟ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ଉପମୁଖ୍ୟ ସଚେତକ ଓ ଦଳର ଅଧିକୃତ ଏଜେଣ୍ଟ ପ୍ରତାପ ଦେବ, ବିଧାୟକ ଓ କାଉଣ୍ଟିଂ ଏଜେଣ୍ଟ ଡ. ଅରୁଣ କୁମାର ସାହୁ, ସାଂସଦ ଓ କାଉଣ୍ଟିଂ ଏଜେଣ୍ଟ ତଥା ମାମଲାର ଆବେଦକ ଡ. ସସ୍ମିତ ପାତ୍ର ଏହି ଅବସରରେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଡ. ସସ୍ମିତ ପାତ୍ର ଆୟୋଗଙ୍କ ନିକଟରେ ଏନେଇ ଅଭିଯୋଗ ଦାଖଲ କରିଥିଲେ। ଏହାପରେ ଭାରତ ନିର୍ବାଚନ ଆୟୋଗର ଅନୁ ସଚିବ ରାଜେନ୍ଦ୍ର କୁମାର ସିଂହ ଗତ ୨୯ ତାରିଖରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ଲେଖି ବିଜେଡି ପ୍ରତିନିଧି ଦଳ ସହିତ ଏହି ବିଷୟରେ ତ୍ୱରିତ ଆଲୋଚନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ୧୧ ତାରିଖରେ ଏ ସଂକ୍ରାନ୍ତରେ ଆଲୋଚନା ପାଇଁ ସମୟ ଦେଇଥିବା ଜଣାପଡ଼ିଛି ।

### ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ

# ଦୁଇ ଅଭିଯୁକ୍ତଙ୍କ ଅନ୍ତରୀଣ ଜାମିନ ଆବେଦନ ଖାରଜ

କଟକ, ୫।୫ (ସମିସ): ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆରବି)ର ଏସ୍‌ଆଇ ପଦ ପାଇଁ ନିଯୁକ୍ତି ପରୀକ୍ଷା କେଲେଙ୍କାରୀରେ ଗିରଫ ଦୁଇଜଣ ଅଭିଯୁକ୍ତଙ୍କ ଅନ୍ତରୀଣ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ନିମାଇଁ ଚରଣ ସାହୁ ଓ ଅମିତ ଭାରତୀଙ୍କ ତରଫରୁ ରୁଜୁ ଅନ୍ତରୀଣ ଜାମିନ୍ ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି, ପତ୍ନୀଙ୍କ ଚିକିତ୍ସା କରାଇବା ପାଇଁ ନିମାଇଁ ଓ ମାତାଙ୍କ ଚିକିତ୍ସା ପାଇଁ ଅମିତ ହାଇକୋର୍ଟରେ ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ମାମଲା ଶୁଣାଣି ବେଳେ ହାଇକୋର୍ଟ ଅବଗତ ହୋଇଥିଲେ ଯେ ଆବେଦନକାରୀ ନିମାଇଁଙ୍କ ବାପା ଜଣେ ଗ୍ରୋସରି ଦୋକାନୀ ଏବଂ ତାଙ୍କର ଦୁଇ ଜଣ ଭାଇ ମଧ୍ୟ ଅଛନ୍ତି। ତେଣୁ, ନିମାଇଁଙ୍କ ଅନୁପସ୍ଥିତିରେ ମଧ୍ୟ ତାଙ୍କ ପରିବାରଲୋକେ ସ୍ତ୍ରୀଙ୍କ ଚିକିତ୍ସା କରାଇପାରିବେ ବୋଲି ଅଦାଲତ କହିଛନ୍ତି। ସେହିଭଳି, ଅମିତଙ୍କ ପତ୍ନୀ ଜଣେ ଜିଲ୍ଲା ପରିଷଦ ସଦସ୍ୟା ଓ ତାଙ୍କର ସାବାଳକ ପୁତ୍ର ଥିବାରୁ ମାତାଙ୍କ ଚିକିତ୍ସା କରାଇବାରେ ଅସୁବିଧା ନାହିଁ ବୋଲି ଅଦାଲତ କହିବା ସହ ଆବେଦନକୁ ଅଗ୍ରାହ୍ୟ କରିଛନ୍ତି। ଅନ୍ୟପକ୍ଷରେ, ଏହି କେଲେଙ୍କାରୀ ଘଟଣାର ପ୍ରମୁଖ ଅଭିଯୁକ୍ତ ମୁନା ମହାନ୍ତିଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତାକାଲିକୁ ଘୁଞ୍ଚିଛି।

### ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଲାଇନ ତଳେ ପେଟ୍ରୋଲ ପମ୍ପକୁ ଅନୁମତି

# ଉଦ୍‌ବେଗ ପ୍ରକାଶ କଲେ ହାଇକୋର୍ଟ

କଟକ, ୫।୫(ସମିସ): ଏକ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ଲାଇନ୍ ତଳେ ପେଟ୍ରୋଲ ପମ୍ପ ପ୍ରତିଷ୍ଠା ପାଇଁ ଅନୁମତି ଦିଆଯିବା ଘଟଣାକୁ ନେଇ ଓଡ଼ିଶା ହାଇକୋର୍ଟ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଏହା ଜୀବନ ଓ ସମ୍ପତ୍ତି ପ୍ରତି ଏକ ବଡ଼ ବିପଦ ବୋଲି ଅଦାଲତ ଦର୍ଶାଇଛନ୍ତି। ହାଇକୋର୍ଟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସମ୍ଭାବ୍ୟ ବିପଦର ଆକଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୨୦, ୨୦୨୬ ସୁଦ୍ଧା ଏହି ଯାଞ୍ଚ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି ଅଦାଲତ। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ ଅଞ୍ଚଳର ଅନ୍ନପୂର୍ଣ୍ଣା ମୁଦୁଲି ଓ ଅନ୍ୟ ୪ଜଣ ବାସିନ୍ଦାଙ୍କ ଦ୍ୱାରା ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

**ଯାଞ୍ଚ କରି ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ**

"ପେଟ୍ରୋଲ ଓ ଡିଜେଲ ଅତ୍ୟନ୍ତ ଜ୍ୱଳନଶୀଳ ପଦାର୍ଥ। ଯଦି କୌଣସି କାରଣରୁ ସର୍ଟସର୍କିଟ୍ ହୁଏ, ଏହା କେବଳ ସମ୍ପତ୍ତି ନୁହେଁ, ବରଂ ଜୀବନହାନିର ବଡ଼ କାରଣ ହୋଇପାରେ" ବୋଲି ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦ତାରିଖ ଦିନ ଅନୁଷ୍ଠିତ ହେବ।

ପ୍ରକାଶଥାଉକି, କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଅଞ୍ଚଳରେ ଏଭଳି ବିପଦକୁ ଆମନ୍ତ୍ରଣ କରି ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଲାଇନ ତଳେ ପେଟ୍ରୋଲ ପମ୍ପକୁ ଅନୁମତି ପ୍ରଦାନକୁ ବିରୋଧ କରି ଆବେଦନକାରୀ ଗ୍ରାମବାସିନ୍ଦା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରୀ ଓକିଲ ହାଇକୋର୍ଟଙ୍କୁ ଜଣାଇଥିଲେ ଯେ କର୍ତ୍ତୃପକ୍ଷ ଏହି ଅଭିଯୋଗକୁ ଅଣଦେଖା କରିବେ ନାହିଁ ଏବଂ ଏହାର ତଦନ୍ତ କରାଯିବ। ସେ କ୍ଷେତ୍ରସ୍ତରୀୟ ଯାଞ୍ଚ ପାଇଁ କୋର୍ଟଙ୍କ ନିକଟରୁ ସମୟ ମାଗିଥିଲେ।

### କିରାସିନି, ଦିଆସିଲି ଦେଇ ବାପଘରକୁ ପଠାଇଦେଲେ ସ୍ୱାମୀ

# ବାପା-ମା'ଙ୍କ ସାମ୍ନାରେ ନିଜକୁ ଜାଳିଦେଲା ଝିଅ

ଭଦ୍ରକ/ବାସୁଦେବପୁର, ୫।୫(ସମିସ): ବାପା-ମାଆଙ୍କ ଆଗରେ ଦେହରେ ନିଆଁ ଲଗାଇଦେଲା ବିବାହିତ ଝିଅ। ବାପଘରୁ ଯୌତୁକ ଆଣିବା ପାଇଁ ଦ୍ୱିତୀୟ ସ୍ୱାମୀ ଅତ୍ୟଧିକ ଚାପ ପକାଉଥିବାରୁ ଏଥିରେ ଅତିଷ୍ଠ ହୋଇ ମହିଳାଜଣଙ୍କ ଏପରି ଚରମ ପଦକ୍ଷେପ ନେଇଛନ୍ତି। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ପଦୁଆଁ ପଞ୍ଚାୟତର ପଦୁଆଁ ଗାଁରେ ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି। ଗୁରୁତର ମହିଳାଜଣଙ୍କ ହେଲେ, ଗାଁର ଗଜେନ୍ଦ୍ର ସାହୁଙ୍କ ଝିଅ ପ୍ରତିମା। ତାଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ପ୍ରତିମା ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳର ତୁଡ଼ିଗଡ଼ିଆର ହରିହରି ସାହୁଙ୍କୁ ବିବାହ କରିଥିଲେ। ବିବାହ ପରେ ସେମାନଙ୍କର ଏକ ଝିଅ ଜନ୍ମ ହୋଇଥିଲା। ତେବେ ପତି-ପତ୍ନୀଙ୍କ ମଧ୍ୟରେ ମନାନ୍ତର



ହେବାରୁ ଥାନାରେ ମାମଲା ପରେ ପ୍ରତିମା କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ପ୍ରତିମା ନିଜ ବାପ ଘରେ ରହୁଥିଲେ। ଏହି ସମୟରେ ପ୍ରତିମା ପଦୁଆଁର ବବୁଲୁ ବାରିକଙ୍କ ପ୍ରେମରେ ପଡ଼ିଥିଲେ। ତେବେ ହରିହର ସାହୁଙ୍କୁ ଛାଡ଼ପତ୍ର ନଦେଇ ବବୁଲଙ୍କୁ ଦ୍ୱିତୀୟ ବିବାହ କରି ତାଙ୍କ ଘରେ ପ୍ରାୟ ୧ବର୍ଷ ହେବ ରହି ଆସୁଥିଲେ। ଏବେ ବବୁଲ ଯୌତୁକ ଦାବି କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ବେଳେ ଆଜି ବବୁଲ୍ ପ୍ରତିମାଙ୍କୁ କିରାସିନି ଓ ଦିଆସିଲି ଦେଇ ବାପଘରକୁ ପଠାଇ ଦେଇଥିଲେ। ବାପା ଟଙ୍କା ନ ଦେଲେ କିରାସିନ ଢାଳି ହୋଇ ନିଆଁ ଲଗାଇ ମରିବୁ ବୋଲି କହିଥିଲେ ବୋଲି ଅଭିଯୋଗ ହୋଇଛି। ଦ୍ୱିତୀୟ ସ୍ୱାମୀର ନିର୍ଦ୍ଦେଶକ୍ରମେ ପ୍ରତିମା ବାପଘରକୁ ଆସି ବାପା-ମାଆଙ୍କୁ ଟଙ୍କା ମାଗିଥିଲେ। ମାତ୍ର ଟଙ୍କା ନ ମିଳିବାରୁ ଘର ଆଗରେ କିରାସିନି ଢାଳି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ବାପା-ମାଆଙ୍କ ଆଖି ଆଗରେ ଏହି ଘଟଣା ଘଟିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ଓଏଏସ୍ ଅଧିକାରୀଙ୍କ ବରିଷ୍ଠତା ବିବାଦରେ ପୂର୍ଣ୍ଣଚ୍ଛେଦ

କଟକ, ୫।୫ (ସମିସ): ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀଙ୍କ ଅନ୍ତଃ-ବରିଷ୍ଠତା ବିବାଦର ଅନ୍ତ ଘଟାଇଛନ୍ତି ହାଇକୋର୍ଟ। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏହି ବିବାଦ ସମ୍ପର୍କିତ ମାମଲାର ଶୁଣାଣି କରି ସିଧାସଳଖ ଓଏଏସ୍ ନିଯୁକ୍ତି ପାଇଥିବା ଅଧିକାରୀଙ୍କ ଆବେଦନକୁ ଖାରଜ କରିବା ସହ ରାଜ୍ୟ ସରକାରଙ୍କ ପୂର୍ବ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ଅଦାଲତ ଏହି ମାମଲାରେ ସ୍ପଷ୍ଟ କରିଛନ୍ତି ଯେ ବରିଷ୍ଠତା ନିର୍ଦ୍ଧାରଣ କ୍ଷେତ୍ରରେ 'କାର୍ଯ୍ୟରେ ଯୋଗଦାନ ତାରିଖ' ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ, ସୁପ୍ରିମକୋର୍ଟଙ୍କ ବିଭିନ୍ନ ପୂର୍ବ ରାୟକୁ ଆଧାର କରି କାର୍ଯ୍ୟରେ ଯୋଗଦାନ ତାରିଖକୁ ହିଁ ବିଚାରକୁ ନେଇଛନ୍ତି ହାଇକୋର୍ଟ। ହାଇକୋର୍ଟଙ୍କ ଏହି ରାୟ ପରେ ୨୦୨୧ ମସିହାର ସରକାରୀ ଆଦେଶ କାଏମ ରହିଛି। ଫଳରେ ପ୍ରତିପକ୍ଷ ପଦୋନ୍ନତିପ୍ରାପ୍ତ ଅଧିକାରୀମାନେ ସିଧାସଳଖ ନିଯୁକ୍ତିପ୍ରାପ୍ତ ଅଧିକାରୀଙ୍କ ତୁଳନାରେ ବରିଷ୍ଠ ବୋଲି ବିବେଚିତ ହେବେ। ଏହାସହ ଅଦାଲତ ସାଧାରଣ ପ୍ରଶାସନ ବିଭାଗର ଗତ ୨୦୨୧ର ଏକ ଆଦେଶକୁ ରଦ୍ଦ କରିବାକୁ ମନା କରିଦେଇଛନ୍ତି।

**ସିଧାସଳଖ ନିଯୁକ୍ତ ଅଧିକାରୀଙ୍କ ଆବେଦନ ଖାରଜ**

ମାମଲାରୁ ପ୍ରକାଶ ଯେ ୨୦୧୧ ମସିହାର ବିଜ୍ଞାପନ ଆଧାରରେ ସିଧାସଳଖ ଓଏଏସ୍ ନିଯୁକ୍ତି ପାଇଥିବା ଅଧିକାରୀମାନେ ଗତ ୨୦୧୬ ମାର୍ଚ୍ଚ ୪ରେ କାର୍ଯ୍ୟରେ ଯୋଗ ଦେଇଥିଲେ। ଅନ୍ୟପଟେ, ଓଡ଼ିଶା ରାଜସ୍ୱ ସେବା (ଓଆରଏସ)ରୁ ପଦୋନ୍ନତି ପାଇଥିବା ଅଧିକାରୀମାନେ ଅକ୍ଟୋବର ୧୭, ୨୦୧୫ରୁ ଏହି କ୍ୟାଡର୍‌ରେ ଆଡହକ୍ ଭାବେ କାର୍ଯ୍ୟରେ ଯୋଗ ଦେଇସାରିଥିଲେ। ୨୦୧୯ରେ ପ୍ରକାଶିତ ଏକ ଗ୍ରେଡେସନ୍ ତାଲିକାରେ ସିଧାସଳଖ ନିଯୁକ୍ତିପ୍ରାପ୍ତ ଅଧିକାରୀଙ୍କୁ ପଦୋନ୍ନତିପ୍ରାପ୍ତ ଅଧିକାରୀଙ୍କ ଉପରେ ରଖାଯାଇଥିଲା। ଏହାକୁ ପଦୋନ୍ନତିପ୍ରାପ୍ତ ଅଧିକାରୀମାନେ ଚ୍ୟାଲେଞ୍ଜ କରିଥିଲେ। ପରବର୍ତ୍ତୀ ସମୟରେ, ନଭେମ୍ବର ୧୫, ୨୦୨୧ରେ ସରକାର ଏକ ନୂତନ ଆଦେଶ ଜାରି କରି ପଦୋନ୍ନତିପ୍ରାପ୍ତ ଅଧିକାରୀଙ୍କୁ ବରିଷ୍ଠତା ପ୍ରଦାନ କରିଥିଲେ। ଏହା ବିରୋଧରେ ସିଧାସଳଖ ନିଯୁକ୍ତି ପାଇଥିବା ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି।

### ବିଏସ୍‌ଏନ୍‌ଏଲ୍ ସେବା

# ୫ଦିନରେ ବି ସରୁନାହିଁ ୫ମିନିଟ୍ କାମ

ଭୁବନେଶ୍ୱର, ୫।୫(ସମିସ): ଘରୋଇ ଟେଲିକମ୍ ସଂସ୍ଥା ୫-ଜି ସେବା ଯୋଗାଇ ଏବେ ୬-ଜି ଆଡ଼କୁ ବଢ଼ିଲେଣି । ମାତ୍ର ରାଷ୍ଟ୍ରାୟତ୍ତ ସଂସ୍ଥା ବିଏସ୍‌ଏନ୍‌ଏଲ୍‌ର ଦୁର୍ବଳ ସେବା ଦିନକୁ ଦିନ ଦୁର୍ବଳ ହୋଇ ଚାଲିଛି । ଓଡ଼ିଶାର ଅନେକ ଉପାନ୍ତ ଅଞ୍ଚଳରେ ମୋବାଇଲ୍ ନେଟୱାର୍କ ନାହିଁ; ମାତ୍ର ରାଜ୍ୟ ରାଜଧାନୀ ଭୁବନେଶ୍ୱର ଓ କଟକରେ ଗତ ୫ ଦିନ ହେଲା ବିଏସ୍‌ଏନ୍‌ଏଲ୍ ମୁଖ୍ୟାଳୟଗୁଡ଼ିକରେ ଲିଙ୍କ ନାହିଁ। ଯେଉଁ ସିମ୍ ପରିବର୍ତ୍ତନ କାମକୁ ୫ ମିନିଟ ମଧ୍ୟରେ ଶେଷ କରି ଉପଭୋକ୍ତାଙ୍କୁ ଉପଯୁକ୍ତ ସେବା ଯୋଗାଇ ଦିଆଯିବ ବୋଲି ବିଏସ୍‌ଏନ୍‌ଏଲ୍ ନିଜ କାର୍ଯ୍ୟାଳୟରେ ପୋଷ୍ଟର ଓ ଫ୍ଲେକ୍ସ ଲଗାଇଛି; ମାତ୍ର ସେହି ୫ ମିନିଟ୍ କାମଟି ଗତ ୫ ଦିନ ହେଲା ହୋଇ ପାରୁନାହିଁ। ଉପଭୋକ୍ତା ବିଏସ୍‌ଏନ୍‌ଏଲ୍‌ର ବିଭିନ୍ନ ଗ୍ରାହକ ସେବା କେନ୍ଦ୍ର ଘୁରିଘୁରି ନିରାଶ ହୋଇ ଫେରୁଛନ୍ତି। ଯାହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀମାନେ ଉପଭୋକ୍ତାଙ୍କ ପ୍ରଶ୍ନବାଣରୁ ବର୍ତ୍ତିବା ପାଇଁ ଟେକ୍‌ନିକାଲ୍ ଗ୍ଲିଚ୍ ଓ ହାର୍ଡୱେୟାର ସମସ୍ୟା ବାହାନା ଦେଖାଉଛନ୍ତି। ମାତ୍ର ତଥାକଥିତ ବୈଷୟିକ ସମସ୍ୟା ପାଇଁ ଗ୍ରାହକମାନେ ଯେଉଁ କଥା ହେବାର ଅବଧି, ଡ଼ାଟା ହରାଇବା ସହ ସମସ୍ୟା ଭୋଗୁଛନ୍ତି; ତାହାକୁ କିଏ ଭରଣା କରିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।

ଉପଭୋକ୍ତାମାନଙ୍କ ଅଭିଯୋଗ ଅନୁସାରେ ସାରା ଓଡ଼ିଶାରେ ଗତ ୫ ଦିନ ହେବ ବିଏସ୍‌ଏନ୍‌ଏଲ୍‌ର ଲିଙ୍କ୍ ଫେଲ୍ । ଯାହାଦ୍ୱାରା ଲୋକଙ୍କ ସିମ୍‌କାର୍ଡର୍ ସମ୍ପର୍କୀତ ସମସ୍ୟା ସମାଧାନ ହୋଇ ପାରୁ ନାହିଁ। ନିଜ ସିମ୍‌କାର୍ଡକୁ ଠିକ୍ କରିବାକୁ ଲୋକେ ଗାଡ଼ି ଭଡା କରି ଟଙ୍କା ଖର୍ଚ୍ଚ କରି ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଉଛନ୍ତି; ଲାଇନ୍‌ରେ ବି ଛିଡା ହେଉଛନ୍ତି। କିନ୍ତୁ କାଉଣ୍ଟରରେ ବସିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଉପଭୋକ୍ତାଙ୍କୁ ନିରାଶ କରୁଛନ୍ତି । ଗୋଟିଏ କାଉଣ୍ଟରରୁ ଅନ୍ୟ କାଉଣ୍ଟର ପର୍ଯ୍ୟନ୍ତ ଉପଭୋକ୍ତା ଦୌଡ଼ି ଦୌଡ଼ି ନିରାଶ ହୋଇ ଫେରୁଛନ୍ତି। ୧ ତାରିଖରୁ ବିଏସ୍‌ଏନ୍‌ଏଲ୍‌ର ଲିଙ୍କ୍ ଫେଲ୍ ହୋଇଯାଇଛି। କେବେ ଠିକ୍ ହେବ ତାହା ଜଣା ନାହିଁ ବୋଲି ସବୁଠି ଉତ୍ତର ମିଳୁଛି ।

ବିଏସ୍‌ଏନ୍‌ଏଲ୍‌ର ବିଭିନ୍ନ କାର୍ଯ୍ୟାଳୟ କାଉଣ୍ଟର ସାମ୍ନାରେ ହଳଦୀ ରଙ୍ଗର ଏକ ସୁନ୍ଦର ପୋଷ୍ଟର ମରାଯାଇଛି। ଯେଉଁଥିରେ ଉଭୟ ଇଂରାଜୀ ଓ ଓଡ଼ିଆରେ ୨ଜି/୩ଜି ବିଏସ୍‌ଏନ୍‌ଏଲ୍ ସିମ୍‌କୁ ୪ଜି ସିମ୍‌ରେ ମାତ୍ର ୫ମିନିଟ୍ ମଧ୍ୟରେ ପରିବର୍ତ୍ତନ କରାଯାଏ ବୋଲି ଲେଖା ରହିଛି। ହେଲେ ୫ ମିନିଟ୍‌ରେ ହେବା ଦୂରର କଥା ୫ଦିନରେ ବି କାମ ହୋଇ ପାରୁ ନାହିଁ। ଲିଙ୍କ୍ ଫେଲ୍ ଉପଭୋକ୍ତାଙ୍କୁ ସିମ୍‌କାର୍ଡ ସଂକ୍ରାନ୍ତ ବିଭିନ୍ନ ସେବାରୁ ବଞ୍ଚିତ କରିଛି । ସେବାକୁ ପୁନର୍ବାର ଚାଲୁ କରିବା, ଆଧାର ଲିଙ୍କ୍ କରାଇବା, ଅନ୍ୟ ନେଟ୍‌ୱାର୍କରୁ ପୋର୍ଟ କରାଇବା ଭଳି ସମସ୍ୟାର ସମାଧାନ ହୋଇ ପାରୁ ନାହିଁ। ଗ୍ରାହକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। କଟକ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟକୁ ଆସିଥିବା ସୁରଜ ବିଶୋଇ ନାମକ ବିଏସ୍‌ଏନ୍‌ଏଲ୍ ଉପଭୋକ୍ତା କହିଛନ୍ତି ମୋ ନମ୍ବରକୁ ମୁଁ ୨ଜିରୁ ୪ଜି କରିବାକୁ ଚାହୁଁଛି। ୩ଥର ଦୌଡ଼ିଲିଣି। ହେଲେ ସମାଧାନ ହୋଇ ପାରିଲା ନାହିଁ। ରାଜଧାନୀରେ ବିପ୍ଳବ ମହାପାତ୍ର ନାମକ ଜଣେ ଉପଭୋକ୍ତା ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି ।

**■ ପାଞ୍ଚ ଦିନ ହେଲା ଲିଙ୍କ୍ ବିଚ୍ଛିନ୍ନ, ଉପଭୋକ୍ତା ହନ୍ତସନ୍ତ**

**■ ରାଜଧାନୀରେ ମିଳୁନି ସେବା, ଉପାନ୍ତ ଅଞ୍ଚଳ ଅଲୋଡ଼ା**

# ବିଜେଡିରେ ନୂଆ ୮୯ ରାଜ୍ୟ ପଦାଧିକାରୀ ନିଯୁକ୍ତ

ଭୁବନେଶ୍ୱର, ୫।୫(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଜି ସାଂଗଠନିକ ସ୍ତରରେ ପୁନର୍ବିନ୍ୟାସ କରିଛନ୍ତି। ରାଜ୍ୟ ପଦାଧିକାରୀ ତାଲିକାରେ ମୋଟ ୮୯ ଜଣ ନେତାଙ୍କୁ ସ୍ଥାନ ମିଳିଛି। ଏନେଇ ମଙ୍ଗଳବାର ଦଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଦଳର ଉପ ସଭାପତି ଭାବେ ରଘୁନାଥ ମହାନ୍ତିଙ୍କୁ ଦାୟିତ୍ୱ ମିଳିଛି। ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ରଘୁନନ୍ଦନ ଦାସ, ଜୀବନ ପ୍ରଦୀପ ଦାସ, ସାନନ୍ଦ ମାରାଣ୍ଡି, ଚନ୍ଦ୍ର ସାରଥି ବେହେରା ଓ ରମାରଞ୍ଜନ ବଳିୟାର ସିଂ ସ୍ଥାନ ପାଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ବିଧାୟକ ସୁଦର୍ଶନ ହରିପାଲ, ପ୍ରଦୀପ କୁମାର ସାହୁ, ସୁଜାତା ସାହୁ, ମନୋରମା ମହାନ୍ତି, ମାଧବ ଧଡ଼ା, ରୂପେଶ କୁମାର ପାଣିଗ୍ରାହୀ, ସୁନିଲ ମହାନ୍ତି, ବିଶ୍ୱ ରଞ୍ଜନ ମଲ୍ଲିକ, ଅଭିମନ୍ୟୁ ସେଠୀ ରୋହିତ ଯୋଶେଫ ତିର୍କୀ ସ୍ଥାନ ପାଇଛନ୍ତି। ଅନୁରୂପ ଭାବରେ ରୁଦ୍ର ପ୍ରତାପ ମହାରଥୀ, ଧନୁର୍ଜୟ ସିଦ୍ଧୁ, ପ୍ରମୋଦ ସାମଲ, କାଶିନାଥ ହେମ୍ବ୍ରମ, ବିଷ୍ଣୁବ୍ରତ ରାଉତରାୟ, ଅବିନାଶ ସାମଲ, ଇଶ୍ୱର ପାଣିଗ୍ରାହୀ, ଗୋବର୍ଦ୍ଧନ ଦାସ, ଏମଡି ସକିଲ୍, ସୁବାଷ ଚନ୍ଦ୍ର ପାତ୍ର, ଜଗଦୀଶ ପାତ୍ର, ସୁରେନ୍ଦ୍ର ମହାପାତ୍ର, ଜଗବନ୍ଧୁ ଦାସ, ଶିଶିର ପରିଜା ଓ ପ୍ରଶାନ୍ତ ନାୟକ, ଅମୀୟ ଦାସ ଏବଂ ବିପ୍ଳବ ପାତ୍ରଙ୍କୁ ନବୀନ ନିଯୁକ୍ତି ପ୍ରଦାନ କରିଛନ୍ତି।

ସମ୍ପାଦକ ଭାବେ ଦେବାଶିଷ ମହାନ୍ତି, ସୁନିଲ କୁମାର ଦାସ, ସୁବ୍ରମଣିୟମ ମହାନ୍ତି ଓ ସତ୍ୟବ୍ରତ ଦାସ, ରାଜେଶ ପ୍ରଧାନ, ଦୁର୍ଗା ତ୍ରିପାଠୀ, ଅଭିମନ୍ୟୁ କୁଶାଲ, ମିଟୁ ଦାସ, କୈଳାଶ ମୁଖୀ, ସୌମିତ୍ର ମିତ୍ର, ଆଦିତ୍ୟ ନନ୍ଦ, ତନ୍ମୟ ସ୍ୱାଇଁ, ପ୍ରତାପ ମହାନ୍ତି, ବୈକୁଣ୍ଠ ନାୟକ, ମୁକୁନ୍ଦ ଗୌଡ, କାଳୀପ୍ରସାଦ ମିଶ୍ର, ଜିତେନ୍ଦ୍ର ମହାନ୍ତି, ଦୁର୍ଗା ସାମନ୍ତରାୟ, ଆର. ମୁରଲୀ ରାଓ, ସନ୍ତୋଷ ବେଜ୍, ଅଶୋକ ପାଟଯୋଶୀ, ଭଗବାନ ପଣ୍ଡା, ସୋଲାର ମିଶ୍ର, ଲକ୍ଷ୍ମଣ ମେହେର ଓ ପ୍ରଭାସ ପାଣିଗ୍ରାହୀ, ବିପ୍ଳବ ଜେନା, ମୁରଲୀଧର ବେହେରା ଓ ପ୍ରଦୀପ ମହାନ୍ତି, ପୃଥ୍ୱୀରାଜ ସାହୁ, ଅଶୋକ ସାହୁ, ନାରାୟଣ ଲୋହା, ବିକ୍ରମ ସିଂ ଦେଓ, ଜ୍ଞାନଗିରି ଗୋସ୍ୱାମୀ, ରତିକାନ୍ତ ରାଉତ, ପ୍ରଦୀପ୍ତ ଖୁଣ୍ଟିଆ ଓ ଚିରଞ୍ଜୀୟ ସାହୁ, ଦେବାଶିଷ ଆଚାର୍ଯ୍ୟ, ସନ୍ତୋଷ ପଟ୍ଟନାୟକ, ପ୍ରେମାନନ୍ଦ ବେହେରା, ଦୀପକ ମାଧୁଆଲ, ସତ୍ୟଜିତ ମିଶ୍ର, ଶିବଶଙ୍କର ସାମନ୍ତରାୟ, ସଞ୍ଜୀୟ ସେଠୀ, ଦୀପ୍ତିରଞ୍ଜନ କୁଅଁର ଓ କମଳାକାନ୍ତ ମହାପାତ୍ର ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଜୟ ନାରାୟଣ ତ୍ରିପାଠୀ, କିଶୋର ନାୟକ, ଦିଲ୍ଲୀପ ସେନାପତି, ଜିତେନ୍ଦ୍ର କୁମାର, ପ୍ରତାପ ରାଉତ, ସତ୍ୟଜିତ ଦାସ, ମନୋରଞ୍ଜନ ମହାନ୍ତି, ରବି ଛୋଟରାୟ ଓ ଏନ. ଏମ ରାଓ, ମୁକୁନ୍ଦଦେବ ସାମଲ ଏବଂ ସରୋଜ ପ୍ରଧାନଙ୍କୁ ନବୀନ ନିଯୁକ୍ତି ପ୍ରଦାନ କରିଛନ୍ତି।

● ହାଟରେ ଗଛ ପଡ଼ି ତିନି ମହିଳାଙ୍କ ମୃତ୍ୟୁ ଘଟଣା

# ଶୋକାକୁଳ ପରିବେଶରେ ଶବ ସଂସ୍କାର

ନନ୍ଦପୁର,୫।୫(ସମିସ):

ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପେଦାବାଇଲୁ ସାପ୍ତାହିକ ହାଟରେ ଗତ ସୋମବାର କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ସୋମବାର ହାଟ ଚାଲିଥିବା ସମୟରେ ହଠାତ୍ ପ୍ରବଳ ପବନ ସହ ମୂଷଳଧାରାରେ ବର୍ଷା ଆରମ୍ଭ ହୋଇଥିଲା। ଏହି ସମୟରେ ଅତିଶୟ ପବନରେ ଏକ ବଡ଼ ଗଛ ଉପୁଡ଼ି ଯାଇ ହାଟ ମଧ୍ୟରେ ପଡ଼ି ଥିବା ବେଳେ ବ୍ୟବସାୟ ପାଇଁ ହାଟରେ ବସି ଥିବା ଅନେକ ବ୍ୟବସାୟୀ କ୍ଷତାକ୍ତ ହୋଇ ଥିବା ବେଳେ ଓଡ଼ିଶା ସୀମାନ୍ତ କୋରାପୁଟ ଜିଲ୍ଲା ଅନ୍ତର୍ଗତ ନନ୍ଦପୁର ବ୍ଲକ୍ ପାଛୁଲୁଙ୍ଗ ଗ୍ରାମପଞ୍ଚାୟତର ତିନି ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ତିନି ମହିଳାଙ୍କ ଶବ ଓଡ଼ିଶା ମାଟିରେ ପହଞ୍ଚିଥିଲା। ତେବେ ମିଳିଥିବା ସୂଚନା ଅନୁସାରେ ହାଟରେ ମୃତ ମହିଳାଙ୍କ ପରିବାର ପକ୍ଷରୁ କ୍ଷତିପୂରଣ ନେଇ ଦାବି ହୋଇଥିବା ବେଳେ ଆନ୍ଧ୍ର ପ୍ରଶାସନ ପକ୍ଷରୁ ରେଡ୍‌କ୍ରସରୁ ତିନି ମହିଳାଙ୍କ ପରିବାରକୁ ଦଶ ହଜାର ଲେଖାଏଁ ସହାୟତା ପ୍ରଦାନ କରିବା ସହ କ୍ଷତିପୂରଣ ବାବଦକୁ ସରକାରଙ୍କ ନିର୍ଦ୍ଦେଶ ହେବା ପରେ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହା ପରେ ତିନି ମହିଳାଙ୍କ ଶବ ନେଇ ଓଡ଼ିଶା ଆସିଥିଲେ ପରିବାର ଲୋକେ। ମୃତକ ମହିଳା ତିନି ଜଣ ହେଲେ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପାଛୁଲୁଙ୍ଗ ପଞ୍ଚାୟତ ଅଧୀନସ୍ଥ ଜରାଇ ଗ୍ରାମର ଚିତାମା ଖଡା(୪୦) ଓ ତିଲୋତ୍ତମା ଖରା(୩୦) ଓ ମନି ପଙ୍ଗୀ। ଏହି ତିନି ମହିଳାଙ୍କ ଶବ ସୀମାନ୍ତ ପାଛୁଲୁଙ୍ଗରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶବ ସଂସ୍କାର କରାଯାଇଛି।

# ସ୍କୁଲ ପାଚେରି ଭାଙ୍ଗିଲେ ଜମି ମାଲିକ

କୁନ୍ଦୁରା,୫।୫(ସମିସ): କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ସଦର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆ ବ୍ୟକ୍ତିଗତ ଜମିରେ ରହିଥିଲା। ଆଜି ସକାଳ ୧୦ ରୁ ୧୧ଟା ଭିତରେ ଜେସିବି ଲଗାଇ ଭାଙ୍ଗି ଦେଇଛନ୍ତି ସେହି ଗାଁର ଜମି ମାଲିକ ନରସିଂହ ସାହୁ । ଏ ନେଇ ସେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ତାଙ୍କ ସପକ୍ଷରେ ରାୟ ଦେବା ପରେ ପ୍ରାୟ ଦୁଇ ଶହ ମିଟର ପାଚେରୀ ଭାଙ୍ଗି ଦେଇଛନ୍ତି । ଏ ବିଷୟରେ ଗ୍ରାମ୍ୟ ଉନ୍ନୟନ, ଜିଲ୍ଲା ମଙ୍ଗଳ ଓ ଶିକ୍ଷା ବିଭାଗ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି । ଏ ଭିତରେ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ବହୁବାର କୋର୍ଟରେ ହାଜର ହୋଇ ପକ୍ଷ ରଖିଛନ୍ତି । ଜମିର ସରକାରୀ ଦର ଦେଇ ସ୍କୁଲ ନାମରେ କିଣିବାକୁ ମଧ୍ୟ ସରକାରୀ ସ୍ତରରେ ଉଦ୍ୟମ କରାଯାଇଛି । କିନ୍ତୁ ସରକାରୀ ଦରରେ ବିକ୍ରି କରିବାକୁ ଜମି ମାଲିକ ରାଜି ହୋଇ ନଥିଲେ। ଶେଷରେ ଆଜି ପାଚେରୀ ଭାଙ୍ଗି ଦେଇଥିବା ବିଦ୍ୟାଳୟ ପକ୍ଷରୁ କହିଛନ୍ତି । ସୂଚନା ଥାଉକି,ଉକ୍ତ ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୭୩ ପିଲା ପଢୁଛନ୍ତି ଓ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏହି ସ୍କୁଲର ଛାତ୍ର ବ୍ଲକରେ ପ୍ରଥମ ହୋଇଛନ୍ତି । ବ୍ଲକର ସବୁଠାରୁ ଅଧିକ ସଂଖ୍ୟକ ପିଲା ଏଠାରେ ପଢୁଛନ୍ତି ଓ ଭଲ ପାଠପଢ଼ା ହେଉଥିବାରୁ ନିକଟସ୍ଥ ମସିଗାଁ ଓ ଘୁମର ପଞ୍ଚାୟତର ପିଲା ଏଠାରେ ପଢୁଛନ୍ତି ଓ ଚଳିତ



ବର୍ଷ ଏଠାରେ ଦଶମ ଶ୍ରେଣୀରେ ୨୩୩ ପିଲା ରହିଛନ୍ତି ଓ ଖେଳ ପଡ଼ିଆ ମାଲିକଙ୍କ ଦଖଲ ପରେ ସ୍କୁଲ ପାଇଁ ଆଉ ଖେଳ ପଡ଼ିଆ ନାହିଁ । ପାଠପଢ଼ା ସହ ଖେଳକୁଦ ଛାତଛାତ୍ରୀଙ୍କ ପାଇଁ ଏକ ପ୍ରମୁଖ ଅଙ୍ଗ। ତେବେ ଆଗକୁ ଖେଳକୁଦରୁ ସମ୍ପୂର୍ଣ୍ଣ ବଞ୍ଚିତ ହେବେ ପିଲା। ଏନେଇ ତହସିଲଦାର ବିନୋଦ କୁମାର ନାଏକଙ୍କୁ ପଚାରିବାରୁ ସେହି ଜମିକୁ ନେଇ ଜମି ମାଲିକ ଅଦାଲତର ଦ୍ୱାରସ୍ଥ ହୋଇଥିବା ସେ ଅବଗତ ଅଛନ୍ତି । କିନ୍ତୁ ଆଜି ପାଚେରୀ ଭାଙ୍ଗିବା ବିଷୟରେ ସେ ଜାଣି ନାହାନ୍ତି ବୋଲି କହିଛନ୍ତି । ଜମି ମାଲିକ ନରସିଂହ ସାହୁ କହିଛନ୍ତି ସ୍କୁଲ ନିର୍ମାଣ ସମୟରୁ ତାଙ୍କର ବ୍ୟକ୍ତିଗତ ଜମି ବୋଲି ଅଭିଯୋଗ କରି ଆସୁଛନ୍ତି । ତଥାପି ପ୍ରଶାସନ ଶୁଣିଲା ନାହିଁ। ଖେଳ ପଡ଼ିଆ ସାଙ୍ଗକୁ ପାଚେରୀ ନିର୍ମାଣ କଲା । ଖେଳ ପଡ଼ିଆ ସମୁଦାୟ ୮ ୭ ଡିସିମିଲ ଜମିରେ ରହିଥିଲା ଓ ଏହି ଜାଗା ବଜାର ଛକରେ ଥିବାରୁ ଏହାର ମୂଲ୍ୟ ବାବଦକୁ ୪୦ ଲକ୍ଷ ଟଙ୍କା କିମ୍ବା ଅନ୍ୟତ୍ର ସମରୁପ ଜମି ଯୋଗାଇ ଦେଲେ ଏହି ଜମି ସ୍କୁଲକୁ ପ୍ରଦାନ କରିବେ ବୋଲି କହିଥିଲେ। ଜମି ବାବଦକୁ ପଇସା କିମ୍ବା ଜମି ଦେବାରେ ସରକାର କିଛି ପଦକ୍ଷେପ ଗ୍ରହଣ କଲେ ନାହିଁ। ତେଣୁ ଆଜିକୁ ଦଶ ବର୍ଷ ହେବ ସେ ଅଦାଲତର ଆଶ୍ରୟ ନେଇଥିଲେ। ତାଙ୍କ ସପକ୍ଷରେ ରାୟ ପ୍ରକାଶ ପାଇବା ପରେ ଆଜି ପାଚେରୀ ଭାଙ୍ଗି ଜମି ଦଖଲ କରିଛନ୍ତି। ସ୍କୁଲ ନିର୍ମାଣ ସମୟରେ ରାଜସ୍ୱ ବିଭାଗର ଚରମ ଅବହେଳା ଯୋଗୁଁ ବର୍ତ୍ତମାନ ଖେଳ ପଡ଼ିଆରୁ ବଞ୍ଚିତ ହେଲା ସ୍କୁଲ ଅନ୍ୟପକ୍ଷେ ୨୦୦ ମିଟର ପାଚେରୀ ନିର୍ମାଣ ପାଇଁ ଖର୍ଚ୍ଚ ହୋଇଥିବା ୫/୬ ଲକ୍ଷ ଟଙ୍କା ପାଣିରେ ପଡ଼ିଲା । କୋଟି କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣରେ କୋଠା ନିର୍ମାଣକାରୀ ଉନ୍ନୟନ ବିଭାଗ ଓ ରାଜସ୍ୱ ବିଭାଗର ସମନ୍ୱୟ ଅଭାବାରୁ ଆଜିକୁ ୨୯ ବର୍ଷ ଧରି ସ୍କୁଲ ଅଧୀନରେ ରହିଥିବା ଖେଳ ପଡ଼ିଆ ବ୍ୟକ୍ତିଗତ ପଟ୍ଟାଧାରୀଙ୍କ ହାତକୁ ଚାଲି ଯାଇଛି। ୪୭୩ ପିଲା ପଢୁଥିବା ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆ ମାଲିକଙ୍କ ଦଖଲ ପରେ ଏକ ପ୍ରକାର ଶ୍ରୀହୀନ ହୋଇଯାଇଛି ସ୍କୁଲ। ଶିକ୍ଷା ଓ ମଙ୍ଗଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଏସଏମସି, ଅଭିଭାବକ ଏବଂ ଗ୍ରାମବାସୀ ଦାବି କରିଛନ୍ତି।

ଘନ ଘନ ବିଦ୍ୟୁତକାଟ୍

# ସାଉଥ୍‌କୋ ଟାଟା ପାୱାର କାର୍ଯ୍ୟାଳୟ ଘେରଉ

ଜୟପୁର,୫।୫(ସମିସ): ଜୟପୁର ସହରରେ ବାରମ୍ବାର ବିଦ୍ୟୁତ କାଟ୍ ସମସ୍ୟାକୁ ନେଇ ସହରବାସୀ ମାନେ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଶେଷରେ ଆଜି ସ୍ଥାନୀୟ ଟାଟା ପାୱାର କାର୍ଯ୍ୟାଳୟ ଜୟପୁର ବ୍ୟବସାୟୀକ ସଂଘ ଚାମ୍ବର ଅଫ କମର୍ସ ଏବଂ ପୌରସଂସ୍ଥାର କାଉନସିଲର ମାନେ ଟାଟା ପାୱାର ଡିଭିଜିନାଲ ମୁଖ୍ୟ ଦୀପକ ସିଂଙ୍କୁ ସାକ୍ଷାତ କରି ଲଗାତାର ବିଦ୍ୟୁତ କାଟ ଯୋଗୁଁ ସହରବାସୀଙ୍କ ଦୈନନ୍ଦିନ ଜୀବନ ଓ ବ୍ୟବସାୟରେ ବାଧା ସୃଷ୍ଟି ହେଉଛି ଏହିପରି ଅସହ୍ୟ ଗରମ ଯୋଗୁଁ ସାଧାରଣ ଲୋକ ସମସ୍ୟାରେ ରହୁଛନ୍ତି। ତେଣୁ ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରାଯାଇଥିଲା। ଏହିପରି ଦୈନିକ ବିନା ପବନ ଓ ବର୍ଷାରେ ମଧ୍ୟ ଦୈନିକି ୩କୁ ୪ ଥର ପ୍ରାୟ ଏକ ଘଣ୍ଟା ବିନା କାରଣରେ ବିଦ୍ୟୁତ କାଟ କରାଯାଉଛି ବୋଲି ଚାମ୍ବର ଅଫ କମର୍ସର ସଂପାଦକ ବି.ସତୀଶ, କୋଷାଧ୍ୟକ୍ଷ ସଞ୍ଜୟ ଜୈନ, ଉପଦେଷ୍ଟା ଶଶିଭୂଷଣ ପଟ୍ଟନାୟକ, ପୌ?ର ଉପାଧ୍ୟକ୍ଷା ବି. ସୁନୀତା, କାଉନସିଲର ସିମାଞ୍ଚଳ ବିଶୋୟୀ, ପାର୍ଥ ସାରଥୀ ମଲ୍ଲିକଙ୍କ ଉପସ୍ଥିତ ରହି ବିଭାଗର ଅଧିକାରୀଙ୍କୁ ଅଭିଯୋଗ କରିଥିଲେ । ଅନ୍ୟ ପକ୍ଷରେ ଟାଟା ପାୱାର ଡିଭିଜିନାଲ ମୁଖ୍ୟ ଶ୍ରୀ ସିଂ କହିଛନ୍ତି ବିଦ୍ୟୁତ ଚାହିଦା ଅତ୍ୟଧିକ ବୃଦ୍ଧି ପାଇବା ଏବଂ କିଛି ଯାନ୍ତ୍ରିକ ସମସ୍ୟା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହେଉଛି। ଶିଘ୍ର ସମାଧାନ ପାଇଁ କାର୍ଯ୍ୟ ଚାଲିଛି ବୋଲି ଆଶ୍ୱାସନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚାମ୍ବର ଅଫ କମର୍ସର ଉପସଭାପତି ଦିଲ୍ଲିପ ରେ‡, ସତିଶ ପାତ୍ର, ଲୋକନାଥ ପାତ୍ର, କେ.ଇଶ୍ୱର ରାଓ ଉପସ୍ଥିତ ଥିଲେ।



# ସେମିଳିଗୁଡ଼ା ମହାବିଦ୍ୟାଳୟରେ ଶୋକସଭା



ସେମିଳିଗୁଡ଼ା, ୫।୫ (ସମିସ): ସେମିଳିଗୁଡା ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷ ବାଣିଜ୍ୟ ବିଭାଗର ଛାତ୍ର ମୋଜେସ ଖୋସ୍ଲା କୋଲାବ୍ ଜଳ ଭଣ୍ଡାରରେ ଆଲବମ୍ ରିଲ୍ ସୁଟିଂ କରିବାକୁ ଯାଇ ପାଣିରେ ବୁଡି ପ୍ରାଣ ହରାଇଥିଲେ। ଗତ ଏପ୍ରିଲ ୨ ତାରିଖ ଦିନ କୋଲାବ୍ ନଗର ନିକଟସ୍ଥ ଚକର୍ଲିଗୁଡା ଠାରେ କୌଣସି ଏକ ଆଲବମ୍ ସଂସ୍ଥା ସହ ସେ ଏବଂ ତାଙ୍କର ଚାରି ଜଣ ସାଥୀ ରିଲ୍ ସୁଟିଂ କରିବାକୁ ଯାଇଥିଲେ। ସୁଟିଂ ସମୟରେ ହିଁ ସେ ଗଭୀର ଜଳକୁ ଖସି ପଡିଥିଲେ। ୧୧୨ ଅଗ୍ନିଶମ ବାହିନୀର ଓଡ୍ରାଫ ଟିମ୍ ତାଙ୍କୁ ଜଳରୁ ଉଦ୍ଧାର କରି ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ଆଣିଥିଲେ ଏବଂ ସେଠାରେ ସେ ମୃତ ବୋଲି ଡାକ୍ତର ଘୋଷଣା କରିଥିଲେ। ଏହି ଖବର ପ୍ରଚାର ହେବା ପରେ ସେମିଳିଗୁଡା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଧ୍ୟାପକ, ଅଧ୍ୟାପିକାମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଆଜି ଅଧ୍ୟକ୍ଷା ଡ. ଝାନ୍ ସି ସିଂହଙ୍କ ସଭାପତିତ୍ୱରେ ବାଣିଜ୍ୟ ବିଭାଗ ତରଫରୁ ଶୋକସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ବାଣିଜ୍ୟ ବିଭାଗର ମୁଖ୍ୟ ଦେବରାଜ ନାୟକଙ୍କ ସମେତ ଡ.ପ୍ରୀତୀଶ ବେହେରା, ଶ୍ରୀପତି ଗିରି, ଅସୀତ ମିଶ୍ର, ଅମିତା ହୋତା ଯୋଗ ଦେଇ ମୋଜେସ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ମୋଜେସ ମିଷ୍ଟଭାଷୀ, ବନ୍ଧୁବତ୍ସଳ ଏବଂ ଭଲ ପିଲା ଥିଲେ। ସେ ନୃତ୍ୟ ମଧ୍ୟ ଭଲ କରୁଥିଲେ। ବାଣିଜ୍ୟ ବିଭାଗ ସହିତ କଳା ଓ ବିଜ୍ଞାନର ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ମାନେ ମଧ୍ୟ ଏହି ଶୋକ ସଭାରେ ଯୋଗ ଦେଇ ମୋଜେସଙ୍କର ଆତ୍ମାର ସଦ୍‌ଗତି ପାଇଁ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ଅଧ୍ୟକ୍ଷା ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ରିଲ୍ ବନେଇବା ସମୟରେ ସତର୍କ ରହିବା ପାଇଁ ପରାମର୍ଶ ଦେଇ ଗଭୀର ଶୋକ ପ୍ରକାଶ କରିଥିଲେ।

## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଦୁଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ପଟ୍ଟାଙ୍ଗି,୫।୫(ସମିସ):ଓଡ଼ିଶା-ଆନ୍ଧ୍ରମଧ୍ୟରେ ବିବାଦ ଲାଗିରହିଥିବା କୋଟିଆରେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପହଞ୍ଚି ସୁଭଦ୍ରା ମା'ଙ୍କ ରଥ ଚକ ପ୍ରତିଷ୍ଠା କରିବା ନିମନ୍ତେ ପହଞ୍ଚିଥିଲେ। ସେଠାରେ ଆଉଟସୋର୍ସିଂ କର୍ମଚାରୀ ମାନେ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଲୋୟର ପିଏମଜି ଠାରେ ୧୦ ଦିନର ଆନ୍ଦୋଳନ ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଉଟସୋର୍ସିଂ ଫେଡେରେସନର ଏକ ୮ ସଦସ୍ୟୀୟ ପ୍ରତିନିଧ ଦଳ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଆଇନ, ପୂର୍ବ ଓ ଅବକାରୀ ମନ୍ତ୍ରୀ, ବିଧାୟକ ଭଟଲି ଇରାଶିଶ ଆଚାର୍ଯ୍ୟ, ବିଧାୟକ ଏକାମ୍ର ଶ୍ରୀ ବାବୁ ସିଂହ ଓ ସରକାରୀ ଚିଫ୍ ହୁଇପ୍ ସରୋଜ ପ୍ରଧାନ ଉପସ୍ଥିତ ଥିଲେ। ।କିରି ସ୍ଥାୟୀକରଣ, ଛଟେଇ କର୍ମଚାରୀଙ୍କ ପୁନଃନିଯୁକ୍ତି ଏବଂ ଆଉଟସୋର୍ସିଂରେ ଚାକିରି କରି ଡେଲି ୱେଜେସ ହାରରେ ଦରମା ଦିଆଯିବା ବନ୍ଦ୍ କରାଯାଉ ପ୍ରଭୃତି ଦାବି ମୁଖ୍ୟମନ୍ତ୍ରୀ ଶୁଣିବାପରେ ଯୁକ୍ତିସଙ୍ଗତ ବୋଲି ଗ୍ରହଣ କରିଥିଲେ। ଅନ୍ୟ ରାଜ୍ୟର ମଡେଲକୁ ଅନୁଧ୍ୟାନ କରିବା ସହିତ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାକୁ ଆଇନ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିଷ୍ପତ୍ତି ରାଜ୍ୟର ପ୍ରାୟ ୭୦,୦୦୦ ଆଉଟସୋର୍ସିଂ କର୍ମଚାରୀଙ୍କ ମଧ୍ୟରେ ଏକ ନୂତନ ଆଶାର ସଞ୍ଚାର ସୃଷ୍ଟି କରିଛି। ଏହି ପ୍ରକ୍ରିୟାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀସ୍ତରୀୟ କମିଟିର ଆନୁଷ୍ଠାନିକ ଗଠନ ଓ ରିପୋର୍ଟ ପ୍ରଦାନ ନିମନ୍ତେ ତୁରନ୍ତ ନିର୍ଦ୍ଦେଶ ଜାରି କରିବାକୁ ଅନୁରୋଧ କରାଯାଇଥିବା ଲେଖାଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ସମୟରେକୋରାପୁଟ ଜିଲ୍ଲା ଆଉଟ୍ ସୋର୍ସିଂ ବିଭାଗର ସଭାପତି ସନ୍ତୋଷ ଚୌଧୁରୀଙ୍କ ସମେତ ଅନ୍ୟ ସଦସ୍ୟ ଗଣ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି।

# ଶିଖପାଲି ପଞ୍ଚାୟତରେ ଶ୍ରମିକ ସଚେତନତା ଶିବିର



ମାଲକାନଗିରି, ୫।୫(ସମିସ):ମାଲକାନଗିରି ବ୍ଲକ ଅନ୍ତର୍ଗତ ଶିଖପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଏକ ସଚେତନତା ଓ ପଞ୍ଜିକରଣ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ର ମିଳିତ ପ୍ରୟାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୧୧୦ ଜଣ ହିତାଧିକାରୀ ଯୋଗ ଦେଇଥିଲେ। ଏହି ଶିବିରରେ ୬୮ ଜଣ ଶ୍ରମିକଙ୍କର ଅନଲାଇନ୍ ସ୍ୱଟ୍ ପଞ୍ଜିକରଣ କରାଯାଇଥିବା ବେଳେ ୩୯ ଜଣଙ୍କର ନବୀକରଣ ଏବଂ ୩୧ ଜଣଙ୍କର ପୁନଃ ପଞ୍ଜିକରଣ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସି.ଏସ.ସି କର୍ମଚାରୀ ଓ ଡାଟା ଏଣ୍ଟ୍ରି ଅପରେଟରମାନେ ଉପସ୍ଥିତ ରହି ଶ୍ରମିକମାନଙ୍କୁ ସକ୍ରିୟ ସହଯୋଗ କରିଥିଲେ। ଏହିଭଳି ଶିବିର ଦ୍ୱାରା ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ସହଜରେ ସାମିଲ ହୋଇପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି।

# ପାଣି ସମସ୍ୟା ନେଇ ମାଳିଗୁଡ଼ା ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ

ବୈପାରୀଗୁଡା, ୫।୫(ସମିସ): ପାନୀୟ ଜଳ ପାଇଁ ଲୋକେ ହେଉଛନ୍ତି ତହଲ ବିକଳ। ଶୁଦ୍ଧ ଜଳ ନ ପାଇ ନାଳରୁ ବ୍ୟବହାର କରୁଛନ୍ତି ପିଇବା ପାଣି। ଏପରି ସମସ୍ୟା ନେଇ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗାଁ ଲୋକେ। ପାଣି ସମସ୍ୟାକୁ ନେଇ ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବୋଦାପୁଟି ପଞ୍ଚାୟତର କୁସପାର ମାଲିଗୁଡା ଗାଁ ଲୋକେ ଆଜି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହି ଗାଁରେ ୧୦୦ରୁ ଅଧିକ ପରିବାର ବସବାସ କରନ୍ତି। ଗାଁରେ ୫ଟି ନଳକୂପ ରହିଛି । କିନ୍ତୁ ଗୋଟିଏ ହେଲେ ବି ନଳକୂପ ସଠିକ ନାହିଁ । ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସରକାରଙ୍କ ତରଫରୁ ଦୁଇ ବର୍ଷ ପୂର୍ବରୁ ବସୁଧା ଯୋଜନାରେ ଗାଁରେ ଗୋଟିଏ ବୋରୱାଲ ଖୋଳାଯାଇଛି, ପାଇପ୍ ବିଛା ଯାଇଥିଲେ ମଧ୍ୟ ପାଣି ଆସୁନାହିଁ। କାହିଁକି ନା ଟାଙ୍କି ନିର୍ମାଣ ହୋଇନାହିଁ । ଯାହା ଦ୍ୱାରା ପାଣି ଆସୁନି। ବାଧ ହୋଇ ଗାଁ ଲୋକେ ନାଳରୁ ପାଣି ନେଇ ବ୍ୟବହାର କରୁଛନ୍ତି। ଏନେଇ ଆଜି ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ଏବିଡ଼ିଓ ନିବେଦିତା ଦଣ୍ଡସେନାଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସେପଟେ ଏବିଡ଼ିଓ କହିଛନ୍ତି ଏନେଇ ଗ୍ରାମୀଣ ଜଳ ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି, ଅତିଶୀଘ୍ର ସମସ୍ୟା ସମାଧାନ ପାଇଁ ଗାଁ ଲୋକଙ୍କୁ ପ୍ରତିଶୃତି ଦିଆଯାଇଛି।



ପୁଣି ବିଏଲ୍‌ସିଙ୍କ ବିରୋଧରେ ଅଭିଯୋଗ

# ଧାରଣାରେ ବସିଲେ ପୂର୍ବତନ ଏମ୍‌ବିକେ

ନାରାୟଣପାଟଣା,୫।୫(ସମିସ):

'ମୋତେ ନାୟ ମିଳିଲାନି, ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଉପମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଗଲି। ଶେଷରେ ଯେଉଁ କାର୍ଯ୍ୟାଳୟରେ ଜୀବିକା ହରାଇଛି ସେହି କାର୍ଯ୍ୟାଳୟ ଆଗରେ ଧାରଣା ଦେଉଛି' ବୋଲି କହିଛନ୍ତି ନାରାୟଣପାଟଣା ବ୍ଲକ୍‌ର ଏମ୍‌ବିକେ ଭବାନୀ ପ୍ରଧାନ। ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଏଇଠୁ ଉଠିବେ ନାହିଁ ବୋଲି କହିଛନ୍ତି। ପୂର୍ବରୁ ନିଜ ମୋବାଇଲ୍ ଫୋନରେ ଆତ୍ମହତ୍ୟାର କାରଣ ସୋସିଆଲ ମିଡିଆରେ ପୋଷ୍ଟ କରି ସେ ବିଷ ଖାଇବା ପାଇଁ ଯାଉଥିବା ବେଳେ ତାଙ୍କୁ ସହକର୍ମୀ , ସ୍ଥାନୀୟ ଲୋକେ ଅଟକାଇ ଥିଲେ। ପରେ ଜିଲ୍ଲାପାଳ, ଉପମୁଖ୍ୟମନ୍ତ୍ରୀ ପାଖକୁ ଯାଇ ନିଜର ଅଭିଯୋଗ ରଖିଥିଲେ। ସୂଚନା ଅନୁସାରେ, ନାରାୟଣପାଟଣା ବ୍ଲକ ମିଶନ ଶକ୍ତି ବିଭାଗରେ ଏମ୍‌ବିକେ ଭାବେ ଭବାନି ପ୍ରଧାନ କାମ କରନ୍ତି। ଦୀର୍ଘ ୫/୬ ବର୍ଷ ହେବ ବିଭାଗର ବିଏଲ୍‌ସି ମୋହନ ଶବର ବିଭିନ୍ନ ସମୟରେ ତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିବା କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୧୬, ୨୫ ତାରିଖ ଦିନ ତଦନ୍ତ ଟିମ୍ ଗଠନ କରି ଏହାର ସତ୍ୟତା ଜାଣିବା ପାଇଁ ମିଶନ ଶକ୍ତି ସଭା ଗୃହରେ ଉଭୟ ପକ୍ଷଙ୍କୁ ଡାକି ଘଟଣାର ତଦନ୍ତ କରି ଫେରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ।। ତଦନ୍ତ ବେଳେ ସାକ୍ଷ୍ୟ ପ୍ରମାଣ ସହ ସହ ଏମ୍‌ବିକେ ଭବାନୀ ପ୍ରଧାନ ସବୁ କିଛି ତଥ୍ୟ ତଦନ୍ତ ଟିମ୍ ନିକଟରେ ରଖିଥିଲେ। ରିପୋର୍ଟ ମୁତାବକ ଏହା ମନଗଢା ବୋଲି ଜିଲ୍ଲାପାଳ କହିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ଏମ୍‌ବିକେ ଭବାନୀକୁ କାଢି ଦେଇଥିଲେ। ଘଟଣାର ବହୁ ଦିନପରେ ପୁଣି ନାୟ ପାଇଁ ଆଜି ଅନଶନରେ ବସିଛନ୍ତି ବର୍ଷା। ଅନ୍ୟପଟେ ବିଭାଗର ବିଏଲ୍‌ସି ମୋହନ ଶବର କହିଛନ୍ତି ଜିଲ୍ଲାପାଳ ଏହାର ତଦନ୍ତ କରିଛନ୍ତି, ଆଉ ସଠିକ ନିଷ୍ପତି ନେଇଛନ୍ତି। ବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବ୍ଲକ ଅଧ୍ୟକ୍ଷ ତ୍ରୀନାଥ ଘଟଣା ସ୍ଥଳରେ ପହଞ୍ଚି ଭବାନୀଙ୍କୁ ଏପରି କରିବା ଠିକ୍ ନୁହେଁ, ତୁମ ଅଭିଯୋଗ ଆଧାରରେ ଏହାର ତଦନ୍ତ ହୋଇଛି। ଏତେମାସ ପରେ ପୁଣି ଏପରି କରିବା ଅଞ୍ଚଳ ପ୍ରତି ଖରାପ ବାର୍ତା ଦେଉଛି। ଅନ୍ୟପଟେ ମିଶନ ଶକ୍ତିର ବିଏଲ୍‌ସି ମୋହନ ଶବର କହିଛନ୍ତି, ଆଜି ଯେଉଁ ଘଟଣା ଘଟିଲା ତାହା ଦୁର୍ଭାଗ୍ୟଜନକ। ତଦନ୍ତ ବେଳେ ସେ ଅଧିକାରୀଙ୍କୁ ସମ୍ପୁର୍ଣ ସହଯୋଗ କରିଛନ୍ତି। ଯଦି ଭୁଲ ଥିବ ନିଶ୍ଚିତ ଦଣ୍ଡ ମିଳିବ ବୋଲି ସେ କହିଛନ୍ତି।





ଆୟବର୍ହିଭୁତ ମାମଲା

# ଭିଜିଲାନ୍ସ କୋର୍ଟରେ ଅବସରପ୍ରାପ୍ତ ସିଲେଇ ଶିକ୍ଷକ ଦଣ୍ଡିତ



ଜୟପୁର,୫।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଆୟବର୍ହିଭୁତ ମାମଲାରେ ଅବସରପ୍ରାପ୍ତ ସିଲେଇ ଶିକ୍ଷକ ଦୋଷୀ ସାବସ୍ତ୍ୟ ହୋଇ ଦଣ୍ଡିତ ହୋଇଛନ୍ତି।ସ୍ୱତନ୍ତ୍ରଭିଜିଲାନ୍ସଜଜ୍‌ମାନସକୁମାର ପଣ୍ଡା ଏହି ମାମଲାରୁ ବିଚାରଣା କରିବା ସହିତ ଅଭିଯୁକ୍ତ ରାୟଗଡା ଜିଲ୍ଲା ଡୁକୁମ ଆଦିବାସୀ ଉନ୍ନୟନ ତଥା ସମାଜ କଲ୍ୟାଣ ବିଭାଗର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସିଲେଇ ଶିକ୍ଷକ ୟୁ .ରାଜେନ୍ଦ୍ର ପାତ୍ର(୬୯)ଙ୍କୁ ଦୋଷୀ ସାବସ୍ତ୍ୟ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି ଏବଂ ଜରିମାନା ଟଙ୍କା ଅନାଦେୟସ୍ଥଳେ ଅଧିକ ୪ ମାସ କାରାଦଣ୍ଡରେ ଦଣ୍ଡିତ ହେବେ। ମାମଲା ଅନୁଯାୟୀ, ଗତ ୨୦୧୩ ମସିହାରେ ସିଲେଇ ଶିକ୍ଷକ ଆୟବର୍ହିଭୁତ ନେଇ ଭିଜିଲାନ୍ସ ବିଭାଗରୁ ତଦନ୍ତ କରାଯାଇ ଦୁର୍ନିତୀ ନିବାରଣ ଧାରାର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଭାବେ ତତ୍କାଳିନ ଭିଜିଲାନ୍ସ ଡିଏସପି ରଞ୍ଜନ କୁମାର ଦାଶ ଏହାର ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ୨୦୧୬ ମସିହାରେ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସ୍ୟୁକେଟର ଶଶି ଭୂଷଣ ପଟ୍ଟନାୟକ ଏବଂ ଉଦିତ ବଟ୍ଟଶର୍ମା ମାମଲାକୁ ପରିଚାଳନା କରିଥିଲେ।

# ମାଟ୍ରିକ୍ ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କୋରାପୁଟ,୫।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଡୁମୁରିପୁଟ ସ୍ଥିତ ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ନିଘାମାନିଗୁଡ଼ାର ଏ-୨ ଓ ବି -୨ରେ ଉତ୍ତୀର୍ଣ୍ଣ ହୋଇଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆ ଯାଇଛି। ପ୍ରଧାନ ଶିକ୍ଷକ ଆର୍, ଶିବ ଶଙ୍କର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ସ୍କୁଲ ପରିଚାଳନା କମିଟି ସଭାପତି ନବୀନ ଚୌଧୁରୀ, ଆଲୁମିନି ସମ୍ପାଦକ ଜିତେନ୍ଦ୍ର ସାହୁ, ବରିଷ୍ଠ ସଦସ୍ୟ ସୁବୋଧ କୁମାର ଚେଟ୍ଟି, ଏମ୍, ସୁରେଶ କୁମାର ଅତିଥି ଭାବେ ଯୋଗ ଦେଇ କୃତିତ୍ୱ ହାସଲ କରିଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସୂଚନା ଅନୁଯାୟୀ ଚଳିତ ବର୍ଷ ବିଦ୍ୟାଳୟର ୧୨୯ ଜଣ ଛାତ୍ର ଛାତ୍ରୀ ଦଶମ ବୋର୍ଡ ପରୀକ୍ଷା ଦେଇଥିବା ବେଳେ ୧୨୩(୯୫.୩୪ ପ୍ରତିଶତ) ଜଣ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ସୋହନ ଖରା ଏ -୨(୪୮୦) ଗ୍ରେଡ ହାସଲ କରିଥିବା ବେଳେ ମନୀଷା ଖୋସଲା, ଅନୁସୂୟା ମାଝୀ, ଅର୍ଚ୍ଚନା ଟାକ୍ରୀ ଏବଂ ବାସନ୍ତୀ ସୁପିଆ ବି -୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ କାର୍ଯ୍ୟକ୍ରମରେ ଯୋଗଦେଲେ ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ପିଏମ୍‌ଶ୍ରୀ ସରକାରୀ ଉନ୍ନତି ଉଚ୍ଚ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ୩ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଉମରକୋଟ,୫।୫(ସମିସ):

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ପରୀକ୍ଷା ଫଳରେ ପି ଏମ୍ ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ୧୧୫ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସାଇନା ମଙ୍ଗଳମ ୫୪୮ ମାର୍କ ରଖି ଜିଲ୍ଲାରେ ଦ୍ୱିତୀୟ ଟପ୍ପର ହୋଇଛନ୍ତି। ଯାହା ପୁରା ଜିଲ୍ଲା ର ଶିକ୍ଷା କ୍ଷେତ୍ରରେ ଉମରକୋଟ ପି ଏମ୍ ଶ୍ରୀ ସରକାରୀ ଉନ୍ନତି ଉଚ୍ଚ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ବିଦ୍ୟାଳୟ କୁ ପୁଣି ଉତ୍ସାହ ରେ ଭରି ଦେଇଛି। ଏହି ସଫଳତା ପାଇଁ ପ୍ରଥମେ ବାପା ମାଁ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ଗୁରୁଜୀ ଗୁରୁମା ମାନଙ୍କୁ ଶ୍ରେୟ ଦେଇଥିବା ବେଳେ ସାଇନା ଆହୁରି ଅଧିକ ପାଠପଢି ଡାକ୍ତର ହେବା ସହ ଗରିବ ଅସହାୟ ମାନଙ୍କ ସେବା କରିବି ବୋଲି କହିଛନ୍ତି। ୫୪୦ ମାର୍କ ରଖି ସିଦ୍ଧାର୍ଥ ପାଣିଗ୍ରାହୀ ଓ ସ୍ୱଦେଶ ଗୌରବ ବିଦ୍ୟାଳୟର ସମ୍ମାନ ଅର୍ଜନ କରିଛନ୍ତି। ମଙ୍ଗଳବାର ବିଦ୍ୟାଳୟ ଠାରେ ଏହି ତିନି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଏବଂ ପ୍ରମାଣ ପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସଭାପତି ତଥା ଆଇନଜୀବୀ ଶାନ୍ତନୁ ବାହିନୀପତି, ପ୍ରଧାନ ଶିକ୍ଷୟିତ୍ରୀ ସୋରିତା ରଥ , ରାଜେନ୍ଦ୍ର ସେଠୀ, ସୁନୀତା ପରିଚ୍ଛା,ଶୋଭନା ସାହୁ,ରୀନା ବେହେରା, ପୂରବୀ ରଥ ,ବୁଲୁ ଗୌଡ଼, ସୁକାନ୍ତି ମହାରଣା, ଗୀତା ପ୍ରଧାନ, ଆଦିତ୍ୟ ଶର୍ମା,କଲ୍ୟାଣୀ ଆଚାରୀ, ଲକ୍ଷ୍ମୀ ଆଚାରୀ, ପୂଜା ବିଶ୍ୱାସ, ସୁପ୍ରଭା ମଣ୍ଡଳ,ଧନୀରାମ ଗୌଡ଼,ପିଙ୍କି ସରକାର,ପ୍ରଣତି ପଲେଇ, ଜୟମଣୀ ଭତ୍ରା, ଦାମର ନାୟକ ପ୍ରିୟା ମଣ୍ଡଳ ଓ ବୀଣା ମଣ୍ଡଳ ପ୍ରମୁଖ ଉପସ୍ଥିତ ରହିଥିଲେ।।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ନବରଙ୍ଗପୁର,୫।୫ (ସମିସ) :



ନବରଙ୍ଗପୁର ଜିଲ୍ଲା ସଦର ମହକୁମା ନିକଟ ନୂଆଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ପାଇଛି ଚଳିତ ୨୦୨୫-୨୬ ମେଟ୍ରିକ ପରୀକ୍ଷା ଫଳ। ଚଳିତ ବର୍ଷ ପ୍ରକାଶିତ ମାଟ୍ରିକ୍ ପରୀକ୍ଷା ଫଳାଫଳରେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ନବରଙ୍ଗପୁର ସହର ନିକଟ ନୂଆଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶତ ପ୍ରତିଶତ ପରୀକ୍ଷା ଫଳ ହାସଲ କରିଥିବା ବେଳେ ଚଳିତ ଦଶମ ଶ୍ରେଣୀ ବୋର୍ଡ ପରକ୍ଷାରେ ଏ'୧ ଓ ଏ'୨ ପାଇ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ଏବଂ ଭାରତୀକୃଷ୍ଣ ଗଣିତ ପ୍ରତିଭା ପ୍ରାଦେଶିକ ମେଧା ପରୀକ୍ଷାରେ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ସଫଳତା ପାଇଥିବା ୩ୟ, ୫ମ , ୭ମ ଓ ୯ମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ଏବଂ ମାନପତ୍ର ଦେଇ ମେଧାବୀ ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ୨୦୨୬ ମେଟ୍ରିକ୍ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସତ୍ୟମ ଭୋଇ ୫୪୦ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ସେହିପରି ଦ୍ୱିତୀୟ ସ୍ଥାନରେ ନବରଙ୍ଗପୁର ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ଇଶିକା ବ୍ରହ୍ମା- ୫୨୯ ମାର୍କ ପ୍ରତିଶତ ରଖିଛନ୍ତି ଏବଂ ତୃତୀୟ ସ୍ଥାନରେ ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଦର୍ଶ ବ୍ରହ୍ମ ୫୧୭ ପ୍ରତିଶତ ମାର୍କ ରଖି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମୋଟ ୧୦୨ ଜଣ ଛାତ୍ର ଛାତ୍ରୀ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ସେଥିରୁ ଏ'୧ ଜଣେ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ'୨ରେ ୧୪ ଜଣ , ବି'୧ରେ ୩୫ ଜଣ , ବି୨ ୪୦ଜଣ , ସି ଗ୍ରେଡରେ ୧୧ଜଣ ଏବଂ ଡି ଗ୍ରେଡ ରେ ଜଣେ ମିଶି ମୋଟ ୧୦୨ ଜଣ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ତେବେ ଚଳିତ ବର୍ଷ ମଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶତ ପ୍ରତିଶତ ପରୀକ୍ଷା ଫଳ ହାସଲ କରିଥିବା ସୂଚନା ଦେଇଛନ୍ତି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ବସ୍ତିଆ। ମଙ୍ଗଳବାର ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏସିଇଓ ଶ୍ରୀକାନ୍ତ ଜାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁଙ୍କୁ ପୁରସ୍କୃତ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିଶୋରୀ ପଟ୍ଟନାୟକ, ଉପସଭାପତି ଲକ୍ଷ୍ମୀଧର ସାହୁ, ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ବସ୍ତିଆ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ସଂଯୋଜନା ପରୀକ୍ଷା ପ୍ରମୁଖ ତୁଷାର କାନ୍ତ ଠାକୁର କରିଥିବା ବେଳେ ଆଚାର୍ଯ୍ୟ ପ୍ରଭଞ୍ଜନ ତ୍ରିପାଠୀ, ହରେକୃଷ୍ଣ ତ୍ରିପାଠୀ, କରମ ଚାନ୍ଦ ପଣ୍ଡା , ଶଙ୍କର ନାରାୟଣ ସାହୁ,ବିଷ୍ଣୁପ୍ରିୟା ମହପାତ୍ର, ପଦ୍ମିନୀ ମହାପାତ୍ର, ନିବେଦିତା ମହାପାତ୍ର ପ୍ରମୁଖ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ।

# ବିଲ ହିଡରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବିଷମ କଟକ,୫।୫(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ଚାଟିକୋଣା ଗ୍ରାମର ଏକ ବିଲ ହିଡରେ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ଯୁବକର ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ୱଷ୍ଟ ରହିଛି। ଜଣେ ଯୁବକର ମୃତ ଦେହ ପଡିଥିବା ନେଇ ସ୍ଥାନୀୟ ଲୋକେ ବିଷମ କଟକ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା। ମୃତ ଯୁବକ ନିକଟରୁ ଆଧାରକାର୍ଡ ମିଳିଛି। ମୃତ ଯୁବକ ଜଣକ କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ପାଣି ଗାଁର ଯୁଧିଷ୍ଠୀର ନାୟକ (୪୫) ବୋଲି ଜଣାପଡିଛି। ଘଟଣା ସଂକ୍ରାନ୍ତରେ ପୁଲିସ୍ ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିବା ପରେ ପରିବାର ଲୋକେ ବିଷମ କଟକ ପହଞ୍ଚି ଶବ ଚିହ୍ନଟ କରିଛନ୍ତି। ସଂପୃକ୍ତ ଯୁବକ ବେଙ୍ଗାଲୁରରୁ ଘରକୁ ଫେରୁଥିବା ସମୟରେ କୌଣସି କାରଣରୁ ଗତକାଲି ବିଷମ କଟକ ରେଳ ଷ୍ଟେସନ୍‌ରେ ଓହ୍ଲାଇ ଯାଇଥିବା ନେଇ ସନ୍ଦେହ କରାଯାଉଛି। ସଂପୃକ୍ତ ଯୁବକ କାହିଁକି ସେ ବିଲ ହିଡ ପଟେ ଯାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ପୁଲିସ୍ ମୃତଦେହକୁ ଜବତ କରିଛି। ଶବ ବ୍ୟବଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି।

# ନବରଙ୍ଗପୁର ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଯାଞ୍ଚ




ନବରଙ୍ଗପୁର, ୫।୫ (ସମିସ):

ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ବିଭିନ୍ନ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ମନୋନୀତ ପ୍ରାର୍ଥୀ ମାନେ ନିଜ ନିଜ ପ୍ରସ୍ତାବକ ଓ ସମର୍ଥକ ମାନଙ୍କ ସହିତ ନିର୍ବାଚନ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ଭାଗ ନେଇଥିଲେ। ନାମାଙ୍କନ ଯାଞ୍ଚ ପରେ ସମସ୍ତଙ୍କ ନାମାଙ୍କନ କାଏମ ରହିଥିଲା। ଏହି କ୍ରମରେ ମନୋନୀତ ପ୍ରାର୍ଥୀ ରୂପେ ସଭାପତି ପଦବୀ ପାଇଁ ସିରାଜୁଦ୍ଦିନ ଅହମ୍ମଦ ଓ ସନ୍ତୋଷ କୁମାର ମିଶ୍ର, ଉପ ସଭାପତି ପଦବୀ ପାଇଁ ସ୍ନେହଲତା ଦେବୀ, ସମ୍ପାଦକ ପଦବୀ ପାଇଁ ତପନ କୁମାର ସିଂ ଓ କିଶୋରୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପଦବୀ ପାଇଁ ସ୍ୱାଗତିକା ସାମନ୍ତରାୟ, କୋଷାଧ୍ୟକ୍ଷ ପଦବୀ ପାଇଁ ଶେଖ ବାବା ଅଲିଶା, କାର୍ଯ୍ୟକାରି ସଦସ୍ୟ ପଦବୀ ପାଇଁ ଶ୍ରିନିବାସ ପାତ୍ର, ପ୍ରଶାନ୍ତ ପଟ୍ଟନାୟକ, ଗୋପାଳ ଶତପଥୀ ଓ ବାଲାଜୀ ପ୍ରସାଦ ମିଶ୍ରଙ୍କ ନାମାଙ୍କନ ଯୋଗ୍ୟ ବିବେଚିତ ହୋଇଛି। ଚଳିତ ନିର୍ବାଚନରେ ମୋଟ ୯ ଗୋଟି ପଦବୀ ପାଇଁ ୧୧ ଜଣ ନାମାଙ୍କନ ଦାଖଲ କରିଥିଲେ। ଆଗାମି ୮ ତାରିଖରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ଦିବସ ରହିଛି। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଆଇନଜୀବୀ ସରୋଜ କୁମାର ବେହେରା, ସହକାରୀ ନିର୍ବାଚନ ଅଧିକାରୀ ଆଇନଜୀବୀ କିଶୋର କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ।

# ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା

ଉମରକୋଟ,୫।୫ (ସମିସ): ବେକରେ ଗାମୁଛା ବାନ୍ଧି ଗଛରେ ଝୁଲିପଡି ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ଆତ୍ମହତ୍ୟା କରିଥିବା ବ୍ୟକ୍ତି ଜଣକ ହେଲେ କୋଡିଗାଁ ଥାନା ଅନ୍ତର୍ଗତ ଦେଓଗାଁର ଜଗନ୍ନାଥ କଳାର(୪୫)। ସୂଚନା ଅନୁସାରେ ଜଗନ୍ନାଥ ବିଗତ ୧୫ ଦିନ ହେବ ଉମରକୋଟ ବ୍ଲକ ହିରାପୁର ଗ୍ରାମରେ ଥିବା ଭାଣିଜି ତୁଲେଶ୍ୱରି ଘରକୁ ବୁଲିବାକୁ ଆସିଥିଲେ। ଗତକାଲି ରାତିରେ ତୁଲେଶ୍ୱରିଙ୍କ ପରିବାର ଲୋକେ ଓ ଜଗନ୍ନାଥ ଖାଇପିଇ ଶୋଇ ପଡିଥିଲେ। ଆଜି ସକାଳ ୫ ଘଣ୍ଟା ସମୟରେ ପରିବାର ଲୋକେ ଜାଣିବାକୁ ପାଇଲେ ଯେ ଜଗନ୍ନାଥ ହିରାପୁର ଗ୍ରାମ ନିକଟରେ ଥିବା କେନାଲ ପାଖରେ ଏକ ଗଛରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ଭାର ଏସଆଇ ଅକ୍ଷୟ ମିଶ୍ର ସମ୍ଭାଳିଛନ୍ତି। ସୂଚନା ଥାଉକି ଗତ କିଛି ଦିନ ହେବ ଜଗନ୍ନାଥଙ୍କର ମାନସିକ ଅବସ୍ଥା ଠିକ୍ ନଥିଲା।

● ଫସଲ ଋଣ ଟଙ୍କା ହଡ଼ପ ଅଭିଯୋଗ

# ଗିରଫ ବ୍ୟାଙ୍କ ମ୍ୟାନେଜର କୋର୍ଟ ଚାଲାଣ



ଜୟପୁର,୫। ୫(ସମିସ): ଜୟପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲା ସଦର କୋରାପୁଟ କେନ୍ଦ୍ରୀୟ ସମବାୟ(କେସିସି) ବ୍ୟାଙ୍କର ଚାଷୀଙ୍କ ଠାରୁ ଫସଲ ଋଣ ବାବଦକୁ ଆଦାୟ ହୋଇଥିବା ୧ କୋଟି ୮ ଲକ୍ଷ ୭୫ ହଜାର ଟଙ୍କା ଆତ୍ମସାତ ଅଭିଯୋଗରେ ବ୍ୟାଙ୍କ ମ୍ୟାନେଜରଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଥିଲେ। ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ସୁଧାଂଶୁ ଖରାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ତାଙ୍କ ଜାମିନ ଆବେଦନକୁ ଅଦାଲତ ଗ୍ରହଣ କରିଛନ୍ତି। ଏ ନେଇ ଶୁଣାଣି ଆସନ୍ତା ୧୫ ତାରିଖ ହେବ। ସେତେଦିନ ପର୍ଯ୍ୟନ୍ତ ସେ ଜେଲ୍ ହାଜତରେ ରହିବେ ବୋଲି ଜଣାପଡ଼ିଛି। ମାଲକାନଗିରି ଜିଲ୍ଲାର ପ୍ରାୟ ୫ଟି ଲ୍ୟାମ୍ପସ ପକ୍ଷରୁ ଚାଷୀ ମାନଙ୍କ ଠାରୁ ଫସଲ ଋଣ ଆଦାୟ ବାବଦକୁ ୮୬ ଲକ୍ଷ ୮୦ ହଜାର ଟଙ୍କା ଏବଂ ୯୦ ଜଣ ଚାଷୀ ମାନଙ୍କ ଋଣ ନୂତନୀକରଣ କରାଯାଇ ଅଧିକ ଋଣ ପ୍ରଦାନ ନେଇ ୨୧ ଲକ୍ଷ ୯୫ ହଜାର ଟଙ୍କା ପୁନଃର୍ବାର ଋଣ ଟଙ୍କା ମଧ୍ୟ ଆତ୍ମସାତ କରିଛନ୍ତି। ଏହି ଟଙ୍କା ଗୁଡିକ ଗତ ଫେବୃୟାରୀ ଓ ମାର୍ଚ୍ଚ ମାସ ମଧ୍ୟରେ ନିଜର ସମ୍ପର୍କୀୟ ଏବଂ ଅନ୍ୟାନ୍ୟ ଲୋକଙ୍କ ଜମାଖାତାକୁ ପଠାଇବା ସହିତ ଉପରୋକ୍ତ ଟଙ୍କା ଆତ୍ମସାତ୍ କରିଥିବା ନେଇ ଲ୍ୟାମ୍ପସ ଗୁଡିକର ପରିଚାଳନା ନିର୍ଦ୍ଦେଶକଙ୍କ ବିରୋଧରେ ଜୟପୁର କେସିସି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଠାରେ ଅଭିଯୋଗ କରିଥିଲେ। ଏଥିନେଇ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲେ ସୁଦ୍ଧା ଏତେ ପରିମାଣର ଟଙ୍କା ଆତ୍ମସାତ ନେଇ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କ୍ରମେ ଡିଏସ୍‌ପି ସଦାନନ୍ଦ ପାଣି ଏବଂ ଅଭୟ ପ୍ରଧାନଙ୍କୁ ନେଇ ଗଠିତ ଦୁଇଜଣିଆ ଭିଜିଲାନ୍ସ ଦଳ ତଦନ୍ତ କରିଥିଲେ। ଏଥିରେ ବ୍ୟାପକ ଅନିୟମିତା ହୋଇଥିବା ଏବଂ ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ଏଥିରେ ସିଧାସଳଖ ଜଡିତ ନେଇ ପ୍ରମାଣ ହାସଲ କରିବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନିତୀ ନିବାରଣର ବିଭିନ୍ନ ଦଫାରେ ଦୁଇଟି ମାମଲା ରୁଜୁ କରାଯାଇ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ରବିନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

# କୋଟିଆରେ ହେଲା ସୁଭଦ୍ରାଙ୍କ ରଥଚକ ପ୍ରତିଷ୍ଠା

ପଟ୍ଟାଙ୍ଗି,୫।୫(ସମିସ): ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆରେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ପହଞ୍ଚି ସୁଭଦ୍ରା ମାଙ୍କ ରଥଚକ ପ୍ରତିଷ୍ଠା କରିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ ଦେଇଥିଲେ। ମନ୍ତ୍ରୀଗଣ ଭୁବନେଶ୍ୱରରୁ ହେଲିକାପ୍ଟରରେ ଆସି ବିଏସ୍‌ଏଫ୍ ହେଲିପ୍ୟାଡ ଠାରେ ଅବତରଣ କରିଥିଲେ। କୋରାପୁଟ

## ରାଜସ୍ୱ ଓ ଆଇନ ମନ୍ତ୍ରୀ ଉପସ୍ଥିତ

ଠାରେ ପହଞ୍ଚି ସେଠାରୁ କୋଟିଆରେ ପହଞ୍ଚିଥିଲେ। ଗଞ୍ଜେଇପଦର ଗ୍ରାମ ନିକଟରୁ ଉଭୟ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରୁ ସଂକୀର୍ତ୍ତନ ଏବଂ କଳସ ଯାତ୍ରା ମାଧ୍ୟମରେ ପ୍ରାୟ ଏକ କିମି ଚାଲି କୋଟିଆ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ପ୍ରଥମେ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଦର୍ଶନ କରିବା ସହ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ମନ୍ଦିର ପ୍ରାଙ୍ଗଣରେ ସୁଭଦ୍ରା ମାଙ୍କ ରଥଚକଟିକୁ ପୂଜାର୍ଚ୍ଚନା କରାଯାଇ ପ୍ରତିଷ୍ଠା କରାଯାଇଥିଲା। ଏହାପରେ ସେଠାରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜନ ହୋଇଥିବା ସଭାକାର୍ଯ୍ୟରେ ଯୋଗଦାନ ଦେଇଥିଲେ। ସେଠାରେ





ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ କୋଟିଆ ସଦା ସର୍ବଦା ଓଡ଼ିଶାର ହୋଇ ରହିବ କୋଟିଆ ଜଗନ୍ନାଥ ମନ୍ଦିରର ଉନ୍ନତି କରଣ କରାଯିବା ସହ କୁଦୁଲି ଠାରୁ ଦେଓମାଳି ଓ କୋଟିଆର ରାସ୍ତାକୁ ସାଢ଼େ ସାତ ମିଟର ରାସ୍ତା ପ୍ରଶସ୍ତ କରିବା ଯୋଜନା କରାଯାଇଥିବା ସହ ସମସ୍ତ ପ୍ରକାର ଉନ୍ନତି କରାଯିବ ବୋଲି ନିଜର ମତ ପ୍ରକାଶ କରିଥିଲେ। ଏହାପରେ ନୂତନ ଜଙ୍ଗଲ ଜମି ପଟ୍ଟା, ନୂତନ ସୁଭଦ୍ରା ଯୋଜନା ହିତାଧିକାରୀ, ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ସମୟରେ ପୁରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ,ଜୟପୁର ବିଧାୟକ ତାରାପ୍ରସାଦ ବାହିନୀ ପତି,ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରକ୍ଷୀ ଅଧିକ୍ଷକ ରୋହିତ ଭର୍ମା, ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଜିଲ୍ଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି,ଜିଲ୍ଲାପରିଷଦ ସଦସ୍ୟା ଟିକାଇ ଗେମେଲ, ଜିଲ୍ଲାପରିଷଦ ସଦସ୍ୟ ଲଇଛନ ଖରା, କୋଟିଆ ସରପଞ୍ଚ ଲିୟୁ ଗେମେଲ, ବିଜେପି ଦଳର ରାଜ୍ୟ ଅନୁସୂଚିତ ଜନଜାତିର ଉପ ସଭାପତି ଚୈତ୍ୟନ ନାନ୍ଦିବାଲି ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମ କୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ଧାରୁଆ ତତ୍ତ୍ୱାବଧାନରେ ସମସ୍ତ ବ୍ଲକ୍‌ର ବିଭିନ୍ନ ବିଭାଗର କର୍ମଚାରୀ ସହଯୋଗ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଏସ୍‌ଡିପିଓ ସୁମିତ୍ରା ଜେନା, ଲକ୍ଷ୍ମୀପୁର ଏସ୍‌ଡି ପିଓ ମନୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ପୁଲିସ କର୍ମଚାରୀ ମୁତୟନ ରହିଥିଲେ।

ସକାଳ
THE SAKALA



# ସମ୍ପାଦକୀୟ



ଯେଉଁଠି ସ୍ୱଚ୍ଛତାର ଅଭାବ ଥାଏ, ସେଠାରେ ଅବିଶ୍ୱାସ ଓ ଅସୁରକ୍ଷିତ ଭାବନା ସୃଷ୍ଟି ହୁଏ।
-ଦଲାଇଲାମା

## ଆମ ଗତି କୁଆଡ଼େ?

ମେ' ଆରମ୍ଭ ହେବା ପୂର୍ବରୁ ଭାରତରେ ପ୍ରଚଣ୍ଡ ଗ୍ରୀଷ୍ମଲହର ଆରମ୍ଭ ହୋଇସାରିଲାଣି। ହିମାଳୟ ପାଦଦେଶରେ ଅବସ୍ଥିତ ଉତ୍ତର-ପୂର୍ବ ଭାରତର ହାତଗଣତି କେତୋଟି ରାଜ୍ୟକୁ ଛାଡ଼ିଦେଲେ ବାକି ଦେଶ ତତଲା କଡ଼େଇରେ। ଆଭ୍ୟନ୍ତରୀଣରୁ ଆରମ୍ଭ କରି ପୂର୍ବ, ପଶ୍ଚିମ, ଦକ୍ଷିଣ; ସବୁଠି ପାରଦ ୪୦ରୁ ୪୫ ଡିଗ୍ରୀ ମଧ୍ୟରେ। ଉଦ୍‌ବେଗର ବିଷୟ ହେଲା, ଗତ ୨୭ ତାରିଖରେ ମହାରାଷ୍ଟ୍ରର ଅକୋଲାରେ ଦେଶର ସର୍ବାଧିକ ତାପମାତ୍ରା ୪୬.୯ ଡିଗ୍ରୀ ରେକର୍ଡ ହୋଇଥିଲା। ଥାର୍ ମରୁଭୂମିଯୁକ୍ତ ରାଜ୍ୟ ରାଜସ୍ଥାନର ତାପମାତ୍ରାଠାରୁ ମଧ୍ୟ ଏହା ଅଧିକ ରହିଥିଲା।

ଏବେ ଦେଶର ରାଜଧାନୀ ଦିଲ୍ଲୀ ସମେତ ଓଡ଼ିଶା, ବିହାର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ତାମିଲନାଡୁରେ ନିଆଁ ବର୍ଷା ହେଉଛି। କିଛି ସ୍ଥାନରେ ରାତିରେ ବି ପାରଦ ୩୦ ତଳକୁ ଖସୁନି। ୪/୫ଦିନ ତଳେ ବିଶ୍ୱର ୧୦୦ ଉତ୍ତପ୍ତ ସହର ମଧ୍ୟରୁ ୯୫ଟି ସହର ଭାରତର ରହିଥିଲା। ବିଶେଷତଃ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ତାପମାତ୍ରା ଅଧିକ ରହିଥାଏ। କିନ୍ତୁ ଭାରତର ଏ ଅଲୋଡ଼ା ରେକର୍ଡ ପାଣିପାଗ ଓ ଜଳବାୟୁ ବିଶେଷଜ୍ଞଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ପଛରେ ଅସ୍ୱାଭାବିକ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯେତେ ରହିଛି, ତା'ଠାରୁ ଅଧିକ ରହିଛି ଅପରିଣାମଦର୍ଶୀ ମାନବୀୟ କାର୍ଯ୍ୟକଳାପ।

କିଛି ବିଦେଶୀ ପାଣିପାଗ ସଂସ୍ଥା ଏବେ ଏଲ୍-ନିନୋକୁ ନେଇ ବିଶ୍ୱକୁ ବଡ଼ ଚେତାବନୀ ଦେଇଛନ୍ତି। ସେମାନଙ୍କ କହିବା କଥା, ୨୦୨୬ କିମ୍ବା ୨୦୨୭ରେ ବିଶ୍ୱ ଏକ ଭୟଙ୍କର ସଂକଟ ଦେଇ ଗତି କରିପାରେ। ପ୍ରଶାନ୍ତ ମହାସାଗରରେ 'ଏଲ୍-ନିନୋ' କ୍ରମଶଃ ଶକ୍ତିଶାଳୀ ହେଉଛି। ବିଶ୍ୱର ସବୁଠୁ ବଡ଼ ଏହି ମହାସାଗରରେ ଦକ୍ଷିଣ ଆମେରିକାରୁ ଅଷ୍ଟ୍ରେଲିଆ ଓ ଏସିଆ ଆଡ଼କୁ ପ୍ରବାହିତ ହେଉଥିବା ଜଳୀୟବାଷ୍ପ ଧୀରେଧୀରେ ବନ୍ଦ ହେବା ସହ ଏହାର ଗତି ବିପରୀତ ଦିଗମୁହାଁ ହେବାରେ ଲାଗିଛି। ଏହି କାରଣରୁ ପ୍ରଶାନ୍ତ ମହାସାଗରର ଉପରିଭାଗର ତାପମାତ୍ରା ବଢ଼ିବାରେ ଲାଗିଛି। ସାମୁଦ୍ରିକ ଜଳୀୟବାଷ୍ପର ଏହି ଗତି ଜାରି ରହିଲେ ବିଶ୍ୱରେ ଭୟଙ୍କର ସଂକଟ ସୃଷ୍ଟି ହେବ। ପ୍ରଚଣ୍ଡ ଗରମ ସାଙ୍ଗକୁ ଅନାବୃଷ୍ଟି, ମରୁଡ଼ି, ଉତ୍କଟ ଜଳସଙ୍କଟ ସହିତ ଖାଦ୍ୟାଭାବ ଭଳି ବିପର୍ଯ୍ୟୟ ସୃଷ୍ଟି ହେବ।

ପ୍ରତି ୪ରୁ ୫ବର୍ଷରେ ଏଲ୍-ନିନୋର ଉତ୍ପତ୍ତି ଓ ପ୍ରଭାବ ଦେଖିବାକୁ ମିଳିଥାଏ। କିନ୍ତୁ କିଛି ଜଳବାୟୁ ବିଶେଷଜ୍ଞଙ୍କ କହିବା କଥା ପ୍ରାୟ ୧୪୮ ବର୍ଷ ତଳେ ଦେଖାଦେଇଥିବା କରାଳ ଏଲ୍-ନିନୋଠାରୁ ମଧ୍ୟ ଚଳିତ ବର୍ଷର ଏଲ୍-ନିନୋ ପ୍ରଭାବ ଅଧିକ ଭୟଙ୍କର ହେବ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୧୮୭୭-୭୮ ମସିହାର ଏଲ୍-ନିନୋର ପ୍ରଭାବ ପୂରା ବିଶ୍ୱରେ ପରିଲକ୍ଷିତ ହୋଇଥିଲା। ମରୁଡ଼ି, ଖାଦ୍ୟାଭାବରୁ ବିଶ୍ୱର ସେତେବେଳର ପ୍ରାୟ ୪ପ୍ରତିଶତ ଲୋକଙ୍କ ଅକାଳମୃତ୍ୟୁ ହୋଇଥିଲା। ବ୍ରିଟିଶ୍ ଶାସନାଧୀନ ଭାରତରେ ଲୋକେ ସେତେବେଳେ ପୋକ-ମାଛି ଭଳି ପ୍ରାଣ ହରାଇଥିଲେ। ଚୀନ୍, ଅଷ୍ଟ୍ରେଲିଆ, ଆଫ୍ରିକା, ଉତ୍ତର ଆମେରିକା ଆଦି ଦେଶରେ ମଧ୍ୟ ଭୟଙ୍କର ସଂକଟ ଦେଖାଦେଇଥିଲା। ସେହିବର୍ଷ ଉତ୍ତର ଆମେରିକାରେ ଶୀତ ଅନୁଭୂତ ନ ହେବାରୁ ତାହାକୁ 'ଇୟର୍ ୱିଦାଉଟ୍ ଏ ୱିଣ୍ଟର୍' ଭାବେ ସ୍ମରଣ କରାଯାଇଥାଏ। ବର୍ତ୍ତମାନ ଦେଶରେ ଆରମ୍ଭ ହୋଇଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ କିଛି ପାଣିପାଗ ବିଶେଷଜ୍ଞ ଏଲ୍-ନିନୋର ପୂର୍ବାବସ୍ଥା ବୋଲି ବିବେଚନା କରୁଛନ୍ତି।

କିଛି ପାଣିପାଗ ଓ ଜଳବାୟୁ ବିଶେଷଜ୍ଞ ଏହି ଆକଳନକୁ ସଂପୂର୍ଣ୍ଣ ଖଣ୍ଡନ ନ କଲେ ବି ସେମାନେ ଏକ ଭିନ୍ନ ଯୁକ୍ତି ବାଢ଼ୁଛନ୍ତି। ସେମାନଙ୍କ କହିବା କଥା, ଏଲ୍-ନିନୋ ଏକ ସ୍ୱାଭାବିକ ଓ ଭୌଗୋଳିକ ପ୍ରକ୍ରିୟା। ପ୍ରତି ୪ରୁ ୫ବର୍ଷରେ ଏହା ସୃଷ୍ଟି ହୋଇଥାଏ ଏବଂ ପୂରା ବିଶ୍ୱରେ ଏହାର ପ୍ରଭାବ ଦେଖାଦେଇଥାଏ। କିନ୍ତୁ ଅନ୍ୟ ଦେଶଗୁଡ଼ିକ ଅପେକ୍ଷା ମେ' ପୂର୍ବରୁ ଭାରତରେ ଦେଖାଦେଇଥିବା ଅସହ୍ୟ ତାତିର କାରଣ ସଂପୂର୍ଣ୍ଣ ମନୁଷ୍ୟକୃତ। ଗତ କିଛିବର୍ଷ ହେଲା ଭାରତରେ ବିକାଶ ନାମରେ ଯେପରି ଜଙ୍ଗଲ ହ୍ରାସ ପାଇ ଚାଲିଛି, ତାହା ଦେଶ ପାଇଁ ଏକ ବଡ଼ ବିପଦକୁ ନିମନ୍ତ୍ରଣ ଦେଉଛି। ଗୋଟିଏ ବଡ଼ ବଗିଚାକୁ କିମ୍ବା ଆମ୍ବତୋଟା କିମ୍ବା ପଣସ ତୋଟାକୁ ଆମେ ଜଙ୍ଗଲ କହିପାରିବା ନାହିଁ। ଜଙ୍ଗଲର ପରିଭାଷା ଅତ୍ୟନ୍ତ ବ୍ୟାପକ। ଜଙ୍ଗଲ ଏକ ଜୀବନ୍ତ ପ୍ରଣାଳୀ; ଏକ ନିର୍ଦ୍ଦିଷ୍ଟ ଭୂମି ଓ ଜଳବାୟୁର ମାଟି, ପାଣି, କୀଟପତଙ୍ଗ, ପକ୍ଷୀ, ସ୍ତନ୍ୟପାୟୀ ପ୍ରାଣୀଙ୍କ ଦଶନ୍ଧି ଦଶନ୍ଧିର ସମାହାର। ଏହାକୁ ମଣିଷ ସଂରଚନା କରିପାରିବ ନାହିଁ; ଏହା ପ୍ରକୃତିଦତ୍ତ। ମଣିଷ ଚାରାରୋପଣ କରିପାରିବ। କିନ୍ତୁ ତାହା ଜଙ୍ଗଲର ରୂପ ନେବାକୁ ଦଶନ୍ଧିଦଶନ୍ଧି ସମୟ ଲାଗିବ।

ବିକାଶ ନାଁରେ ଭାରତରେ ଯେପରି ଜଙ୍ଗଲ ହ୍ରାସ ପାଇ ଚାଲିଛି, ତାହା ଭାରତର ଜଳବାୟୁକୁ ଗୁରୁତର ଭାବେ ପ୍ରଭାବିତ କରିଚାଲିଛି। ଏଥିପାଇଁ ଆମ ଆଇନକାନୁନରେ ଥିବା ଗଳାବାଟ ମଧ୍ୟ ଦାୟୀ। ହଜାରହଜାର ଏକରରେ ପରିବେଷ୍ଟିତ ଜଙ୍ଗଲକୁ ଶିଳ୍ପସଂସ୍ଥା ହାତକୁ ଟେକି ଦିଆଯାଉଥିବା ବେଳେ ତାହାର ଭରଣା ପାଇଁ ଯେଉଁ ଚାରାରୋପଣ କରାଯାଉଛି, ତାହା ସମୁଦ୍ରକୁ ଶଙ୍ଖେ ମଧ୍ୟ ନୁହେଁ। ଶହଶହ ବର୍ଷର ବିଶାଳ ଦ୍ରୁମ କାଟି, ତା' ବଦଳରେ ସୌଖୀନ ଗଛ ଲଗାଯିବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି। ଏ କ୍ଷେତ୍ରରେ ଜୈବବିବିଧତାକୁ ମଧ୍ୟ ସଂପୂର୍ଣ୍ଣ ଭାବେ ଅବହେଳା କରାଯାଉଛି। କିଛିଦିନ ତଳେ ଆରାବଲୀ ପର୍ବତମାଳାରେ ଖନନ ପାଇଁ ସରକାର ଉଦ୍ୟତ ହେବା ଏବଂ ଏବେ ଗ୍ରେଟ୍-ନିକୋବର ଦ୍ୱୀପରେ ବିକାଶ ନାମରେ ଶହଶହ ଏକର ଜଙ୍ଗଲକୁ ବଳି ପକାଇବା ପାଇଁ ଉଦ୍ୟମ ଭାରତକୁ ଏକ ବିପଦ ଆଡ଼କୁ ଠେଲି ଦେଉଛି। ପରିବେଶକୁ ବଳି ଦେଇ ବିକାଶର ପରିକଳ୍ପନାର ପରିଣତି କ'ଣ ହୋଇପାରେ ତାହା ପଶ୍ଚିମଘାଟ ପର୍ବତମାଳାର ୱାଇନାଡ଼ ଭୂସ୍ଖଳନ ଆମକୁ ଚେତାଇ ଦେଇଥିଲା। ଅପରିଣାମଦର୍ଶୀ ବିକାଶର ବିନାଶ ଲୀଳା ହିମାଳୟ ପାର୍ବତ୍ୟାଞ୍ଚଳର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଆଦିରେ ପ୍ରାୟତଃ ପ୍ରତିବର୍ଷ ଦେଖିବାକୁ ମିଳୁଛି। ତେଣୁ ଆମ ବିକାଶ ଯୋଜନା ଓ ରୂପାୟନରେ ପୁନଃଚିନ୍ତନର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପଡ଼ିଛି।

## ଭକ୍ଷକ ଯେଉଁଠି ରକ୍ଷକ ହୁଅନ୍ତି

ଡ. ବିଜୟ କେତନ ପଟ୍ଟନାୟକ

ଓଡ଼ିଶାରେ ବହୁ ପ୍ରଚଳିତ ଢଗ ମଧ୍ୟରୁ - 'ରକ୍ଷକ ଯଦି ଭକ୍ଷକ ହୁଏ' ବା 'ବାଡ଼ ଯେବେ କ୍ଷେତ ଖାଏ', ଦୁଇଟିର ଅର୍ଥ ହେଲା ଯାହାକୁ ଘର ଜଣାଇ ଦେଇଯାଇଛି ସେ ଯଦି ଘରେ କଳାକନା ବୁଲାଇ ଦେଲା ତେବେ କାହାକୁ ଦୋଷ ଦେବା? ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ବ୍ଲକରେ ଥିବା ଚିଲିକା ହ୍ରଦ କୂଳର ମଙ୍ଗଳାଯୋଡ଼ି ଗାଁରେ ଏହି ଉକ୍ତିଟିର ବିପରୀତ ଚମକପ୍ରଦ ଘଟଣାଟିଏ ଘଟିଛି। ଏଠି ଭକ୍ଷକ ରକ୍ଷକ ପାଲଟିଛନ୍ତି। ଯେଉଁମାନେ ଦିନେ ଚିଲିକାରୁ ପକ୍ଷୀ ଶିକାର କରି ପକ୍ଷୀ ମାଂସ ବିକ୍ରୟ କରି ଜୀବିକା ନିର୍ବାହ କରୁଥିଲେ, ସେମାନେ ଆଜି ପକ୍ଷୀ ସଂରକ୍ଷକ ରୂପେ ଦେଶ ବିଦେଶରେ ପରିଚୟ ହାସଲ କରିଛନ୍ତି।

ଚିଲିକା ହ୍ରଦର ଉତ୍ତର ପାର୍ଶ୍ୱ ସୀମାରେ ଅବସ୍ଥିତ ଏକ ପୁରାତନ ଗାଁ ମଙ୍ଗଳାଯୋଡ଼ି। ଭୁବନେଶ୍ୱରରୁ ବ୍ରହ୍ମପୁର ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ ଟାଙ୍ଗୀର ଦକ୍ଷିଣପୂର୍ବରେ ମାତ୍ର ୪ କିଲୋମିଟର ଦୂରରେ ଅବସ୍ଥିତ ମଙ୍ଗଳାଯୋଡ଼ି ଏକଦା 'ମାଛୁଆ ଗାଁ' ହିସାବରେ ପ୍ରସିଦ୍ଧି ଲାଭ କରିଥିଲା। ଗାଁରେ ୧୦ ବର୍ଗ କିଲୋମିଟରର ପରିମିତ ଅଞ୍ଚଳରେ ଦୟା ନଦୀରୁ ପ୍ରବାହିତ ମଧୁର ଜଳ ଏବଂ ଚିଲିକାର ଅନ୍ୟ ଭାଗରୁ ଡେଙ୍ଗା ନଳଘାସ ବଣ ମଝିରେ ଆସିଥିବା ଛୋଟ ଛୋଟ ନାଳରେ କ୍ଷାରୀୟ ଜଳ ପ୍ରବେଶ କରେ। କ୍ଷାରୀୟ ଓ ମଧୁର ଜଳର ମିଶ୍ରଣ ତଥା ସନ୍ତସନ୍ତିଆ ଆର୍ଦ୍ରଭୂମିରେ ଥିବା ବଡ଼ ବଡ଼ ଘାସ ବୁଦାରେ ରହିଥିବା ନୀଡ଼ ଦେଶୀୟ ହ୍ରଦକୂଳିଆ ପକ୍ଷୀମାନଙ୍କ ପାଇଁ ଅଣ୍ଡା ଦେବାର ପ୍ରକୃଷ୍ଟ ସ୍ଥାନ। ସେଠାରେ ମଧ୍ୟ ମହଜୁଦ୍ ଥାଏ ପକ୍ଷୀ ଓ ପକ୍ଷୀଶାବକଙ୍କ ପାଇଁ ପ୍ରଚୁର ଆହାର। ମତ୍ସ୍ୟଜୀବୀମାନଙ୍କ ବ୍ୟତୀତ ଗାଁରେ କେତେକ କୁଶଳୀ କାରିଗର ପରିବାର ମଧ୍ୟ ଥିଲେ, ଯେଉଁମାନଙ୍କର ବେଉସା ଥିଲା ଦେଶୀ ଡଙ୍ଗା ତିଆରି କରି ବିକିବା। ଏବେ ମଧ୍ୟ ମଙ୍ଗଳାଯୋଡ଼ିର ୧୪୦ ଟି ପରିବାର ଦେଶୀ ମାଛଧରା ଡଙ୍ଗା ପାଇଁ ସେମାନଙ୍କ ଉପରେ ନିର୍ଭର କରନ୍ତି।

ସମୟକ୍ରମେ ଗାଁର ଖ୍ୟାତି ବଦଳି 'ପକ୍ଷୀଶିକାରୀ' ଗାଁ ଭାବେ ଅପଖ୍ୟାତି ବ୍ୟାପିଗଲା। ଗାଁର ଲୋକମାନେ ଚିଲିକାକୁ ଆସୁଥିବା ବା ଚିଲିକା କୂଳର ଘାସବଣ ପରିବେଷ୍ଟିତ ଆର୍ଦ୍ରଭୂମିରେ ଆଶ୍ରୟ ନେଇଥିବା ଦେଶୀ/ବିଦେଶୀ ପକ୍ଷୀଙ୍କୁ ଶିକାର କରି ସେମାଙ୍କର ମାଂସ ଓ ପକ୍ଷୀବସାରୁ ଅଣ୍ଡା ଚୋରି କରି ବିକ୍ରୟ କରି ଗୁଜୁରାଣ ମେଣ୍ଟେଇବାକୁ ଲାଗିଲେ। ଗାଁର ପିଲାମାନେ ମଧ୍ୟ ଏହି ଅପକାର୍ଯ୍ୟରୁ ବାଦ ପଡ଼ିଲେ ନାହିଁ। ଦାରିଦ୍ର୍ୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାର ଅଭାବ ସେମାନଙ୍କୁ ଚିଲିକାରୁ ପକ୍ଷୀଶିକାର କରିବାକୁ ପ୍ରୋତ୍ସାହିତ କରୁଥିଲା। ୧୯୯୦ ମସିହା ପରଠାରୁ ଜାତୀୟ ରାଜପଥରେ ଗଲାବେଳେ ଟାଙ୍ଗୀ- ବାଲୁଗାଁ ମଝିରେ ରାସ୍ତା କଡ଼ରେ ଗଢ଼ି ଉଠିଥିବା ଢାବାମାନଙ୍କରେ ନିଶ୍ଚିତ ଭାବେ ସୁସ୍ୱାଦୁ ପକ୍ଷୀମାଂସ ଓ ଅଣ୍ଡା ମିଳୁଥିଲା। ସ୍ଥିତି ଏପରି ହେଲା ଯେ ୨୦୦୦ ମସିହାରେ ମଙ୍ଗଳାଯୋଡ଼ି ସନ୍ନିକଟ ଚିଲିକା ହ୍ରଦରେ କରାଯାଇଥିବା ପକ୍ଷୀଗଣନାରୁ ସେଠାରେ ମାତ୍ର ୫୦୦୦ ଜଳଚର ପକ୍ଷୀ ଥିବାର ଜଣାପଡ଼ିଲା।

ସେ ସମୟରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ବାଲୁଗାଁସ୍ଥିତ ବନ୍ୟପ୍ରାଣୀ ଡିଭିଜନର ବନ ବିଭାଗ ଅଧିକାରୀ ଓ କର୍ମଚାରୀବୃନ୍ଦ ମଙ୍ଗଳାଯୋଡ଼ି ଗାଁର ପକ୍ଷୀଶିକାରୀମାନଙ୍କ ମନରେ ପରିବର୍ତ୍ତନ ଆଣିବାକୁ ପ୍ରୟାସ କଲେ। ୧୯୯୦ ମସିହା ପରଠାରୁ ସ୍ଥାନୀୟ ଏକ ସ୍ୱେଚ୍ଛାସେବୀ ସଂସ୍ଥା 'ୱାଇଲଡ ଓଡ଼ିଶା' ମଧ୍ୟ ଗାଁର ଶିକାରୀମାନଙ୍କୁ ସଂଗଠିତ କରି ସେମାନେ କିପରି ଅବୈଧ ପକ୍ଷୀ ଶିକାରରୁ ଓହରିଯିବେ ଏବଂ ପ୍ରତିବଦଳରେ ସେମାନଙ୍କୁ ସୁରକ୍ଷା ଓ ସଂରକ୍ଷଣ ମିଳିବ ସେ ଦିଗରେ ପ୍ରବର୍ତ୍ତାଇଲେ। ବନ ବିଭାଗ ଏହି ପ୍ରଚେଷ୍ଟାରେ ଉତ୍‌ପ୍ରେରକ ଭାବେ କାର୍ଯ୍ୟ କଲା। ଚିଲିକାରୁ ପକ୍ଷୀଶିକାର କରି ଜୀବିକା ଅର୍ଜନ କରିବା ପରିବର୍ତ୍ତେ କିପରି ପକ୍ଷୀସୁରକ୍ଷା ତଥା ସଂରକ୍ଷଣ କରାଯାଇପାରିବ ଏବଂ ପ୍ରକୃତି ପ୍ରେମୀ, ପକ୍ଷୀପ୍ରେମୀ, ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରି ମଙ୍ଗଳାଯୋଡ଼ିରେ ପାରିପାର୍ଶ୍ୱିକ ପର୍ଯ୍ୟଟନର ବିକାଶ କରାଯାଇ ପାରିବ ସେଥିପାଇଁ ବନ ବିଭାଗ ଯୋଗାଇ ଦେଲା ଆବଶ୍ୟକୀୟ ଅର୍ଥ, ଭିତ୍ତିଭୂମି, ନୌକା, ଦୂରବୀକ୍ଷଣ ଯନ୍ତ୍ର, ପକ୍ଷୀମାନଙ୍କ ଉପରେ ପୁସ୍ତକ ଏବଂ ପ୍ରକୃତି ପର୍ଯ୍ୟଟନ ନିମନ୍ତେ ତମ୍ବୁ ଇତ୍ୟାଦି ଆବଶ୍ୟକୀୟ ସାଜସରଞ୍ଜାମ। ଗାଁର ଲୋକମାନଙ୍କୁ ପକ୍ଷୀମାନଙ୍କର ଇଂରାଜୀ ନାମ ଶିଖେଇବା ସହିତ ଆତିଥେୟତା ଓ ପର୍ଯ୍ୟଟକମାନଙ୍କ ସହିତ ବ୍ୟବହାର ବିଷୟରେ ମଧ୍ୟ ତାଲିମ୍ ଦିଆଗଲା।

ବନ ବିଭାଗର ପ୍ରଥମ ଉଦ୍ୟମ ଥିଲା, ଶିକାରୀମାନଙ୍କୁ ସେମାନଙ୍କର କାର୍ଯ୍ୟକଳାପ ନିମନ୍ତେ ଦଣ୍ଡ ଦେବା ପରିବର୍ତ୍ତେ ପକ୍ଷୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ସହଯୋଗ ଲୋଡ଼ିବା। ଏହି ପ୍ରଚେଷ୍ଟାରୁ ୨୦୦୦ ମସିହାରେ ମଙ୍ଗଳାଯୋଡ଼ି ଗାଁରେ ଜନ୍ମ ନେଲା 'ମହାବୀର ପକ୍ଷୀସୁରକ୍ଷା ସମିତି'। ପକ୍ଷୀଶିକାର ପରିବର୍ତ୍ତେ ସେମାନେ ଆପଣେଇ ନେଲେ ପ୍ରକୃତି ପର୍ଯ୍ୟଟନର ମାର୍ଗ ଦର୍ଶକ। ଦେଶୀ, ବିଦେଶୀ ପକ୍ଷୀମାନଙ୍କୁ ଚିହ୍ନଟ କରି ପକ୍ଷୀପ୍ରେମୀ ପର୍ଯ୍ୟଟକମାନଙ୍କୁ ଦେଖାଇବାରେ ସେମାନଙ୍କର ଚିଲିକାର ପକ୍ଷୀମାନଙ୍କ ସଂପର୍କରେ ଥିବା ପାରମ୍ପରିକ ଜ୍ଞାନ ବେଶ ସହାୟକ ହେଲା। ଚିଲିକାର 'ବୀରାପ୍ପାନ' ଭାବେ ପରିଚିତ ଶିକାରୀ ଦଳର ମୁଖ୍ୟ ପକ୍ଷୀ ସଂରକ୍ଷଣର ପ୍ରମୁଖ ଉଦ୍ୟୋକ୍ତା ପାଲଟିଗଲା। ତାଙ୍କ ନେତୃତ୍ୱରେ ଗାଁର ପକ୍ଷୀଶିକାରୀମାନେ ସେମାନଙ୍କ ନିକଟରେ ଥିବା ଜାଲ, ଫାସ, ଖେପା, ତେଣ୍ଟା ଆଦି ହାତହତିଆର ବନ ବିଭାଗ ନିକଟରେ ସମର୍ପଣ କରି ଗ୍ରାମ ନିକଟସ୍ଥ ଆର୍ଦ୍ରଭୂମିକୁ ଆସୁଥିବା ପକ୍ଷୀମାନଙ୍କୁ ସର୍ବାନ୍ତକରଣରେ ସୁରକ୍ଷା ଦେବା ପାଇଁ ଶପଥ ନେଲେ।

'ମହାବୀର ପକ୍ଷୀ ସୁରକ୍ଷା ସମିତି'କୁ ଆମ ରାଜ୍ୟରେ ୨୦୦୫ ମସିହାଠାରୁ ପ୍ରଚଳନ କରାଯାଇଥିବା 'ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର' ୨୦୦୭ ମସିହାରେ ଗୋଷ୍ଠୀଗତ ଉଦ୍ୟମରେ ପକ୍ଷୀ ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ପ୍ରଦାନ କରାଗଲା। 'ପ୍ରକୃତି ବନ୍ଧୁ' ପୁରସ୍କାରରେ ମଧ୍ୟ ସମ୍ମାନିତ କରାଗଲା। ରାଜ୍ୟସ୍ତରୀୟ ପୁରସ୍କାର ଲାଭ କରି ସମିତିର ସଭ୍ୟ ତଥା ଗ୍ରାମବାସୀ ଅଧିକ ଉତ୍ସାହିତ ହେଲେ। ବନ ବିଭାଗ ମଙ୍ଗଳାଯୋଡ଼ି ଗ୍ରାମବାସୀଙ୍କୁ ସାମାଜିକ ସ୍ୱୀକୃତି ଓ ଭିତ୍ତିଭୂମି ଯୋଗଇଦେବାରେ ସହଯୋଗର ହାତ ବଢ଼ାଇଲା। ସେମାନଙ୍କୁ ଚିଲିକାରେ ରାତ୍ରିକାଳୀନ ପକ୍ଷୀ ଜଗୁଆଳ ଭାବେ ନିଯୁକ୍ତି ଦେଲା। ପର୍ଯ୍ୟଟନ ଗାଇଡ୍ ଭାବେ ସାର୍ଟିଫିକେଟ୍ ପ୍ରଦାନ କଲା।

ନୈତିକତା ପର୍ଯ୍ୟଟନ ଥିଲା ସେମାନଙ୍କର ମୂଳମନ୍ତ୍ର। ଅର୍ଥାତ୍ ଅଧିକ ବା କ୍ଷଣିକ ଲାଭ ଆଶାରେ ପକ୍ଷୀସମ୍ବଳକୁ ଉତ୍ପୀଡ଼ନ ନ କରିବା, ପର୍ଯ୍ୟଟକମାନଙ୍କୁ ଚିଲିକା ଆର୍ଦ୍ରଭୂମିରେ ବୁଲାଇବା ସମୟରେ ଯନ୍ତ୍ରଚାଳିତ ଡଙ୍ଗା ବ୍ୟବହାର ନ କରି ଦେଶୀ ଡଙ୍ଗା ବ୍ୟବହାର କରିବା, ଆର୍ଦ୍ରଭୂମିର ନଳ ଘାସ ବଣ ଭିତରେ କୂଳରେ ରହୁଥିବା ପକ୍ଷୀମାନଙ୍କର ନୀଡ଼ ବା ଅଣ୍ଡା ଦେଇଥିବା ସ୍ଥାନକୁ ନ ଯିବା କାରଣ ମଙ୍ଗଳାଯୋଡ଼ି ଘେର ହିଁ ଅନେକ ସ୍ଥାନୀୟ ପକ୍ଷୀଙ୍କର ପ୍ରଜନନ ସ୍ଥଳୀ। ତୃତୀୟରେ ପକ୍ଷୀମାନଙ୍କର କଳରବକୁ ରେକର୍ଡ କରି ପର୍ଯ୍ୟଟନମାନଙ୍କୁ ଶୁଣାଇ ଭ୍ରମିତ ନ କରିବା ଇତ୍ୟାଦି।

ପରିବେଶ ଓ ପରିସଂସ୍ଥା ଉପରେ କମ ପ୍ରଭାବ ପକାଉଥିବା ଢଙ୍ଗରେ ପକ୍ଷୀ ପର୍ଯ୍ୟଟନକୁ ଆଦରି ନେଇଥିବା ସେମାନଙ୍କର ଉଦ୍ୟମ ଏବେ ଫଳପ୍ରସୂ ହେବାରେ ଲାଗିଛି। ମଙ୍ଗଳାଯୋଡ଼ି ସନ୍ନିକଟ ଚିଲିକା ଆର୍ଦ୍ରଭୂମିରେ ଏବେ ଦୁଇ ଲକ୍ଷରୁ ଅଢ଼େଇଲକ୍ଷ ପକ୍ଷୀ ଦେଖିବାକୁ ମିଳୁଛନ୍ତି। ପ୍ରତିବର୍ଷ ଶୀତ ଋତୁରେ ଏଠାରେ ଦେଖିବାକୁ ମିଳୁଥିବା ପକ୍ଷୀମାନଙ୍କ ଭିତରେ ଅଛନ୍ତି ସ୍ଥାନୀୟ ବ୍ରାଜକ ପକ୍ଷୀ ଯଥା: ବଗ ପକ୍ଷୀ, ବାଜପକ୍ଷୀ, ଦେଶ ବିଦେଶରୁ ପରିବ୍ରଜନରେ ଆସୁଥିବା ପକ୍ଷୀ ଯଥା କୁରାରୀ, ଟିଟ୍ଟିଭ, ବାଲିତେଣ୍ଟେଇ, ଗେଣ୍ଡି, ପଣ୍ଡା ହଂସ, ଚଟୁଆ ଗେଣ୍ଡି, ଲାଞ୍ଜୁଆ ବତକ ଇତ୍ୟାଦି। ଏହାଛଡ଼ା ଚିଲିକା ତଟରେ ରହୁଥିବା ଏବଂ ଗାଁ ପାଖ ଆର୍ଦ୍ରଭୂମିର ନଳଘାସରେ ଅଣ୍ଡା ଦେଉଥିବା ପକ୍ଷୀ କାଣ୍ଠିଆବଗ, କୁଜି ବଗ, ଡାହୁକ, ଗେଣ୍ଡାଳିଆ, ପାଣିକୁଆ, ଅଞ୍ଜନା ଅନ୍ୟତମ।

ପୂର୍ବରୁ ପକ୍ଷୀ ଶିକାର କରି ଚଳୁଥିବା ମଙ୍ଗଳାଯୋଡି ଗାଁର ୮୫ ଟି ପରିବାର ଏବେ ପର୍ଯ୍ୟଟକମାନଙ୍କୁ ଦେଶୀ ଡଙ୍ଗାରେ ବୁଲାଇ, ପକ୍ଷୀଦେଖାଇ ଗୁଜୁରାଣ ମେଣ୍ଟାଉଛନ୍ତି। ରୟାଲ ବ୍ୟାଙ୍କ ଅଫ ସ୍କଟଲ୍ୟାଣ୍ଡ (ଆର୍‌ବିଏସ୍) ଫାଉଣ୍ଡେସନର ଭାରତରେ ଥିବା ଶାଖା ଏଠାରେ ମଙ୍ଗଳାଯୋଡ଼ି ପର୍ଯ୍ୟଟନ ଟ୍ରଷ୍ଟ ଗଠନ କରି ସହନୀୟ ପର୍ଯ୍ୟଟନ ବିକାଶର ରାସ୍ତା ଦେଖାଇଛନ୍ତି। ୨୦୧୮ ମସିହାରେ ଏହି ସଂଗଠନକୁ ସ୍ପେନର ମାଡ୍ରିଡ୍‌ଠାରେ ମିଳିଛି 'ଇନୋଭେଟିଭ ଇନ୍ ଟୁରିଜିମ' ପୁରସ୍କାର। ମଙ୍ଗଳାଯୋଡ଼ି ଏବେ ପକ୍ଷୀ ସଂରକ୍ଷଣ ଓ ପକ୍ଷୀସଂଭାରର ବ୍ୟାପକତା ପାଇଁ ଅନ୍ତର୍ଜାତୀୟ ସ୍ତରରେ ସୁବିଦିତ। ଏବେ ଭକ୍ଷକ ସାଜିଛନ୍ତି ରକ୍ଷକ। ପକ୍ଷୀଶିକାରୀ ସାଜିଛନ୍ତି ପକ୍ଷୀସଂରକ୍ଷକ। ଯଥାର୍ଥରେ କୁହାଯାଏ ଯେଉଁଠି ସ୍ଥାନୀୟ ଲୋକମାନେ ସଂରକ୍ଷଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତି, ସେଠି ପ୍ରକୃତି ମଧ୍ୟ ଅନୁରୂପ ଉତ୍ତର ଦେଇ ନିଜର ପୂର୍ବାବସ୍ଥାକୁ ଫେରିଆସେ।

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟ ପ୍ରାଣୀ ସଂରକ୍ଷକ, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଲଞ୍ଚ ବ୍ରେକ୍ ..., ସର୍ଭର ଡାଉନ୍ ...

ମହମ୍ମଦ ହିଫ୍‌ଜୁର ରହେମାନ୍

କିଛିଦିନ ହେବ ସାମାଜିକ ଗଣମାଧ୍ୟମରେ ଏକ ରିଲ୍‌ସ ଭାଇରାଲ ହେବାରେ ଲାଗିଛି। ରିଲ୍‌ସଟି ଏମିତି - ଜଣେ ଗୋପାଳକ ଗାଈମାନଙ୍କ ସେବାରେ ବ୍ୟସ୍ତ ଥିବା ବେଳେ ଜଣେ ଭଦ୍ର ବ୍ୟକ୍ତି ସେଠାରେ ପହଞ୍ଚନ୍ତି। ଗୋପାଳକ ତାଙ୍କୁ ଦେଖି ହଡ଼ବଡ଼େଇ ଗଲେ। ଲାଗୁଥିଲା ସେ ଯେମିତି ତାଙ୍କୁ ଚିହ୍ନିଛନ୍ତି। ଏହି ସମୟରେ ଭଦ୍ରବ୍ୟକ୍ତି ଜଣକ ପଚାରିଲେ, 'କ୍ଷୀର ମିଳିବ?' ଗୋପାଳକ ହାତଘଣ୍ଟାକୁ ଦେଖି କହିଲେ, 'ଏବେ ସମ୍ଭବ ନୁହେଁ।' 'କାହିଁକି' ବୋଲି ଭଦ୍ରବ୍ୟକ୍ତି ପଚାରିବାରୁ ଉତ୍ତର ମିଳିଲା, 'କ୍ଷୀର ଦୁହୁଁଥିବା ବାଳକ ଖାଇବାକୁ ଯାଇଛି, ଆପଣ ଘଣ୍ଟାଏ ପରେ ଆସନ୍ତୁ।' ଭଦ୍ରବ୍ୟକ୍ତି ଯେତେ କାକୁତିମିନତି ହେଲେ ମଧ୍ୟ ଗୋପାଳକ ଅସହାୟ ଥିବା କହିଲେ।

ଘଣ୍ଟାଏ ପରେ ଭଦ୍ର ବ୍ୟକ୍ତି ଆସି ପଚାରିଲେ, 'ଆପଣଙ୍କ ପିଲା ଆସିଲା?' ଗୋପାଳକ କହିଲେ, 'ହଁ ଆସିଲାଣି। ଟିକିଏ ଅପେକ୍ଷା କରନ୍ତୁ, ସେ ଦୁହୁଁଛି।' ଅପେକ୍ଷା କରୁ କରୁ ଘଣ୍ଟାଏ ବିତିଲା। ବ୍ୟସ୍ତ ହୋଇ ଭଦ୍ରବ୍ୟକ୍ତି କହିଲେ, 'ଆରେ ବାବୁ ଶୀଘ୍ର ଦେ, ଘରେ ଅସୁବିଧା ଅଛି।' ଗୋପାଳକ ଗୁହାଳ ଭିତରକୁ ଯାଇ ଖାଲି ହାତରେ ଫେରିଲେ ଓ କହିଲେ, 'ସରି ସାର। ସର୍ଭର ଡାଉନ୍ ଅଛି, ଗାଈ କ୍ଷୀର ଦେଇପାରୁନି।' ଏହା ଶୁଣି ବିରକ୍ତ ହେଲେ ବ୍ୟକ୍ତି ଜଣକ। କହିଲେ, 'ପାଗଳ ଟା ନା କ'ଣ? ଗାଈ କ୍ଷୀର ସହ ସର୍ଭରର କି ସମ୍ପର୍କ? ମୋ ସାଙ୍ଗରେ ଥଟ୍ଟା କରୁଛୁ?' ଗୋପାଳକ କହିଲେ, 'ହଁ ଆଜ୍ଞା, ମୁଁ ପାଗଳ। ଆପଣଙ୍କ ଭଳି ଲୋକ ମତେ ପାଗଳ କରିଦେଇଛନ୍ତି। ଆପଣ ସେହି ବ୍ୟାଙ୍କ ମ୍ୟାନେଜର ନା? ମୁଁ ଆପଣଙ୍କ ପାଖକୁ ଯାଇ ଏମିତି ଅନେକବାର ନିରାଶ ହୋଇଛି। ନିଜର ପଇସା ଉଠାଇବାକୁ ଯାଇଥିଲି, ଋଣ ପାଇଁ ନୁହେଁ। ଧାଡ଼ିରେ ଛିଡ଼ା ହେଲା ବେଳେ କେବେ ଲଞ୍ଚ ବ୍ରେକ୍ ହୋଇଯାଏ, କେବେ କେବେ ସର୍ଭର ଡାଉନ୍ ହୋଇଯାଏ। ଆପଣଙ୍କୁ ଗୁହାରି କରିଥିଲି, ମ୍ୟାନେଜର ହେଇ କି ମଧ୍ୟ ଆପଣଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା, ଲଞ୍ଚ ବ୍ରେକ...ସର୍ଭର ଡାଉନ୍...। ମୁଁ ମା'ଙ୍କର ମେଡିକାଲ ଖର୍ଚ୍ଚ ପାଇଁ ଟଙ୍କା ଉଠାଇବାକୁ ଯାଇ ଏମିତି ହଇରାଣ ହୋଇଥିଲି। ଏବେ ଆପଣଙ୍କ ଛୁଆ ପାଇଁ ଆପଣ ଯେମିତି ବ୍ୟସ୍ତ ହେଉଛନ୍ତି, ମୁଁ ମୋ ମା' ପାଇଁ ମଧ୍ୟ ଏହାଠାରୁ ଅଧିକ ବ୍ୟାକୁଳ ହୋଇଥିଲି। ଯେତେ କାକୁତିମିନତି କରିଥିଲେ ମଧ୍ୟ କିଛି ଫଳ ମିଳିନଥିଲା।

ଏହି ରିଲ୍‌ସଟି କେବଳ ବ୍ୟାଙ୍କ ନୁହେଁ, ପ୍ରାୟ ସମସ୍ତ ସରକାରୀ ବ୍ୟବସ୍ଥାରେ ଥିବା ସମ୍ବେଦନହୀନତାକୁ ଦର୍ଶାଉଛି। ବ୍ୟାଙ୍କ ହେଉ କି ଅନ୍ୟ କୌଣସି ସରକାରୀ ଦପ୍ତର ସେଠାରେ ସାଧାରଣ ଲୋକ 'ଲଞ୍ଚ ବ୍ରେକ' ଓ 'ସର୍ଭର ଡାଉନ୍', ଏହି ଦୁଇଟି କଥା ଶୁଣି ଶୁଣି କାନ ପଚିଗଲାଣି। ଲଞ୍ଚ ବ୍ରେକ ହେଉ କି ସର୍ଭର ଡାଉନ୍ ହେଉ, ମ୍ୟାନେଜର/ଅଫିସରଙ୍କ ଚାମ୍ବରରେ କିନ୍ତୁ ସେବା ଚାଲିଥିବ। ଜଣେ ସାଧାରଣ ନାଗରିକ ୧୦ ହଜାର ଟଙ୍କା ଋଣ ପାଇଁ ବ୍ୟାଙ୍କ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବା ବେଳେ ୧୦ କୋଟି ଋଣ ନେଉଥିବା ବ୍ୟକ୍ତି ବ୍ୟାଙ୍କ ମ୍ୟାନେଜରଙ୍କ ଚାମ୍ବରରେ ବସି ଆରାମରେ ସେବା ହାସଲ କରିନେଉଛି। ଏଭଳି ଘଟଣା ସବୁଠି ଘଟୁଛି ବୋଲି କହିବା ବୋଧହୁଏ ଭୁଲ ହୋଇପାରେ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ସାଧାରଣ ବ୍ୟକ୍ତି ଜଣକ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସାଧାରଣ କଥାରେ ପରିଣତ ହୋଇଗଲାଣି।

କେନ୍ଦୁଝରର ଜିତୁ ମୁଣ୍ଡା ଘଟଣା ସାଧାରଣ ଓ ଗରିବ ଲୋକର ଯନ୍ତ୍ରଣା କଥାକୁ ପୁଣି ତାଜା କରିଦେଇଛି। ବ୍ୟାଙ୍କ ଅଧିକାରୀ କହୁଛନ୍ତି ଯେ ନିୟମ ଅନୁଯାୟୀ ହିଁ କାମ ହୋଇଛି। ଏଥିରେ ଆମର କୌଣସି ତ୍ରୁଟି ନାହିଁ। ଜିତୁ ମୁଣ୍ଡା ପାଖରେ ଡେଥ୍ ସାର୍ଟିଫିକେଟ ନଥିଲା, କି ଲିଗାଲ ହେୟାର ସାର୍ଟିଫିକେଟ ନଥିଲା। ତା' ପାଖରେ ଯଦି ଏହିସବୁ ସାର୍ଟିଫିକେଟ୍ ନଥିଲା, ତା'ହେଲେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବ୍ୟାଙ୍କ ଅଧିକାରୀ ତା' ଘରେ ପହଞ୍ଚି କେମିତି ଟଙ୍କା ଦେଲେ? କ'ଣ ଦୁଇତିନି ଦିନ ମଧ୍ୟରେ ଏହିସବୁ ସାର୍ଟିଫିକେଟ ମିଳିଗଲା? ଯେଉଁ ସାର୍ଟିଫିକେଟ ପାଇଁ ସାଧାରଣ ଲୋକକୁ ମାସ ମାସ ଧରି ଅଫିସ ଦୌଡ଼ିବାକୁ ପଡ଼େ ଏବଂ ସେଠାରେ ଲଞ୍ଚ ବ୍ରେକ ଓ ସର୍ଭର ଡାଉନ୍ କଥା ଶୁଣିବାକୁ ପଡ଼େ ସେଠି ଦୁଇଦିନ ମଧ୍ୟରେ ମିଳିଗଲା କେମିତି? ଏଥିରେ ଅଧିକାରୀଙ୍କର କୌଣସି ଭୂମିକା ନାହିଁ? ଗଣମାଧ୍ୟମରେ ଏହି କଥାଟି ଭାଇରାଲ ହୋଇ ନ ଥିଲେ ଜିତୁ ମୁଣ୍ଡାଙ୍କୁ ନ୍ୟାୟ ମିଳି ନ ଥା'ନ୍ତା। ଏହି ଘଟଣାଟି ଏମିତି ଭାଇରାଲ ହେଲା ଯେ କିଛି ସମ୍ବେଦନହୀନ ଅଧିକାରୀଙ୍କ ପାଇଁ ଓଡ଼ିଶାର ଭାବମୂର୍ତ୍ତି ଦେଶବିଦେଶରେ କ୍ଷୁଣ୍ଣ ହେଲା।

ଅଧିକାରୀମାନେ ସବୁକଥାରେ ବ୍ୟବସ୍ଥାଗତ ତ୍ରୁଟିକୁ ଦୋଷ ଦେଇ ଖସିବାକୁ ଚେଷ୍ଟା କରୁଛନ୍ତି। ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଜଣେ ସାଧାରଣ ବ୍ୟକ୍ତି ଯନ୍ତ୍ରଣାର ଶିକାର ହେଉଛି ବୋଲି କହିବା ଠିକ୍ ନୁହେଁ। ସାଧାରଣ ଲୋକକୁ ଯେଉଁ କଥାଟି ବେଶି କଷ୍ଟ ଦେଉଛି, ତା'ହେଲା ଅଫିସର ଓ କର୍ମକର୍ତ୍ତାଙ୍କ ପାଖରେ ମାନବିକତାର ଅଭାବ। ସରକାର ଯେତେସବୁ ବିଧି ବ୍ୟସ୍ଥା କରୁଛନ୍ତି, ତାହା ସାଧାରଣ ଲୋକର ସେବା ପାଇଁ ଉଦ୍ଦିଷ୍ଟ। କିନ୍ତୁ କର୍ମଚାରୀ/ଅଧିକାରୀଙ୍କ ସମ୍ବେଦନହୀନତା ଏବଂ ମାନବିକତାର ଅଭାବ ଏହିସବୁ ବ୍ୟବସ୍ଥାକୁ ନଷ୍ଟଭ୍ରଷ୍ଟ କରିଦେଉଛି। ଯେଉଁଥିପାଇଁ ଜଣେ ବ୍ୟକ୍ତି ଅବସର ପରେ ବି ବର୍ଷ ବର୍ଷ ଧରି ନିଜର ପ୍ରାପ୍ୟ ପାଇଁ ଅପେକ୍ଷା କରି କରି ଆଖିବୁଜୁଛି। ଯୋଗ୍ୟତା ଥାଇ କାହାକୁ ଭତ୍ତା ମିଳୁନାହିଁ ତ କିଏ ନ୍ୟାୟ ଅପେକ୍ଷାରେ ସଢ଼ୁଛି। ଯେଉଁଦିନ ଆମ ଅଫିସର/କର୍ମଚାରୀ ସମ୍ବେଦନଶୀଳ ହୋଇଯିବେ, ସବୁ ବ୍ୟବସ୍ଥା ଠିକ୍ ଭାବେ କାମ କରିବା ଆରମ୍ଭ କରିବ।

ଭୁବନେଶ୍ୱର, ମୋ: ୯୯୩୭୦୫୯୯୫୪

## ବାବନା ବନ୍ଧ ଓ ଗୁଣ୍ଡିଚା ମନ୍ଦିର ସୁରକ୍ଷା

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ମହାତ୍ମା ଯଶୋବନ୍ତ ଦାସ ଦେବୀ ନଦୀ ନିକଟ ଅଡ଼ଙ୍ଗ ଗଡ଼ରେ ଆଶ୍ରମ ସ୍ଥାପନ କରି ଜଣେ ଗୃହୀ ସନ୍ନ୍ୟାସୀ ଭାବେ ସାଧନାରେ ରତ ଥିଲେ। ନିଜର ସିଦ୍ଧି ବଳରେ ସେ ଅନେକ ଅଲୌକିକ କ୍ଷମତାର ଅଧିକାରୀ ଥିଲେ। ଥରେ ଯଶୋବନ୍ତ ଶିଷ୍ୟଙ୍କ ଗହଣରେ ଗାଆଁ ପାଖରେ ବୁଲୁ ଥିଲା ବେଳେ ଜଣେ ସ୍ତ୍ରୀଲୋକ ପିଠା ନେଇ ଘରକୁ ଫେରୁଥିଲେ। ଶିଷ୍ୟମାନେ ଖାଇବାକୁ ମାଗିବାରୁ ସ୍ତ୍ରୀଲୋକ ଜଣକ ଟୋକେଇରୁ ପିଠା ବାହାର କରି ସେମାନଙ୍କୁ ଦେଲେ। କିନ୍ତୁ ଶିଷ୍ୟମାନେ ଖାଉ ଖାଉ ସବୁପିଠା ଖାଇ ଦେଲେ। ଏହା ଦେଖି ସ୍ତ୍ରୀ ଲୋକ ଜଣକ ଶାଶୂନଣନ୍ଦଙ୍କ ଗଞ୍ଜଣା ଭୟରେ କାନ୍ଦିବାକୁ ଲାଗିଲା। ଏହା ଦେଖି ମହାତ୍ମା ଯଶୋବନ୍ତ ମହାପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ। କ୍ଷଣକ ଭିତରେ ସ୍ତ୍ରୀଲୋକଙ୍କ ଶୂନ୍ୟ ଟୋକେଇ ମହାପ୍ରସାଦରେ ପୂର୍ଣ୍ଣ ହୋଇଗଲା। ଆଉ ଦିନେ ମହାପୁରୁଷ ଅଚ୍ୟୁତାନନ୍ଦ ଯଶୋବନ୍ତଙ୍କୁ ଭେଟିବା ପାଇଁ ଗୋଟିଏ ବାଘ ଛାଲ ଉପରେ ବସି ଶୂନ୍ୟମାର୍ଗରେ ଉଡ଼ି ଆସୁଥିଲେ। ସେତେବେଳେ ଯଶୋବନ୍ତ ପିଣ୍ଡାରେ ବସି ଦାନ୍ତ ଘଷୁ ଥିଲେ। ସେ ଦୂରରୁ ଅଚ୍ୟୁତାନନ୍ଦଙ୍କୁ ଦେଖି ସଂଗେସଂଗେ ବସିଥିବା ପିଣ୍ଡାକୁ ଆଜ୍ଞା ଦେଲେ। ପିଣ୍ଡା ଯଶୋବନ୍ତଙ୍କୁ ଧରି ଆକାଶ ମାର୍ଗରେ ଉଡ଼ି ଚାଲିଲା। ଅଧା ବାଟରେ ଦୁହେଁ ପରସ୍ପରକୁ ଭେଟିଲେ। ସେହିଦିନଠାରୁ ସେ ଯାଗାର ନାଆଁ ରହିଲା ଭେଟକଣା। ସେହିପରି ଆହୁରି ଅନେକ ଅଲୌକିକ ଘଟଣା ଯୋଗୁଁ ସେ ଅଞ୍ଚଳର ଲୋକମାନେ ସେମାନଙ୍କର ଯାବତୀୟ ସମସ୍ୟାର ସମାଧାନ ପାଇଁ ମହାତ୍ମାଙ୍କ ଆଶୀର୍ବାଦ ପ୍ରାର୍ଥନା କରୁଥିଲେ ଏବଂ ତାଙ୍କୁ ନିଜର ଗୁରୁ ମାନ୍ୟ କରୁଥିଲେ। କୁହାଯାଏ ଯେ ଜଣେ ବାବନା ଭୂତ ଅଶରୀରୀ ହେଲେ ମଧ୍ୟ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲା ଏବଂ ଗୁରୁଙ୍କ ଆଦେଶରେ ଅସାଧ୍ୟ ସାଧନ କରିପାରୁଥିଲା।

ଥରେ ଦେବୀ ନଦୀରେ ପ୍ରବଳ ବନ୍ୟା ଆସିଲା। ଗାଆଁଗଣ୍ଡାରେ ପାଣି ପଶିଲା। ଯେତେ ଚେଷ୍ଟା କଲେ ମଧ୍ୟ ଲୋକମାନେ ଘାଇ ବନ୍ଧେଇ ପାରିଲେ ନାହିଁ। ଅଧିକାଂଶ ଲୋକ ଘର ଚାଳ ଉପରେ ଉପାସ ଭୋକରେ ଦିନ କଟେଇଲେ। ଶେଷରେ କିଛି ଲୋକ ଅଡ଼ଙ୍ଗ ଗଡ଼ରେ ମହାତ୍ମା ଯଶୋବନ୍ତଙ୍କ ଶରଣାପନ୍ନ ହୋଇ ବିପଦରୁ ଉଦ୍ଧାର କରିବାକୁ ନିବେଦନ କଲେ। ଯଶୋବନ୍ତ ତନ୍ତ୍ର ଶିରୋମଣି ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ। ତା' ପରେ ସେ ବାବନା ଭୂତକୁ ଡାକି ନଦୀ ବନ୍ଧର ଘାଇ ବାନ୍ଧିଦେବାକୁ ଆଦେଶ ଦେଲେ। ସେ ଦିନ ରାତି ପାହିବା ବେଳକୁ ଘାଇ ବନ୍ଧା କାମ ସରି ଯାଇଥିଲା। ନଦୀ ପାଣି ନଦୀରେ ଯାଉଥିଲା। ଲୋକମାନେ ଏକ ବଡ଼ ବିପଦରୁ ରକ୍ଷା ପାଇଗଲେ। ସମସ୍ତେ ମହାତ୍ମାଙ୍କ ପାଖକୁ ଯାଇ କୃତଜ୍ଞତା ଜ୍ଞାପନ କଲେ। ଯଶୋବନ୍ତ କହିଲେ, 'ଏ ଘାଇ ମୁଁ ବନ୍ଧେଇ ନାହିଁ। ମୋର ଶିଷ୍ୟ ବାବନା ଭୂତ ନାମକ ଜଣେ ଅଶରୀରୀ ପ୍ରେତ ରାତିକ ଭିତରେ ଏ ଚମତ୍କାରିତା କରି ଦେଖେଇଛି। ତା'ର ଉପକାରକୁ ସବୁଦିନ ପାଇଁ ମନେ ରଖିବାକୁ ନଦୀ ବନ୍ଧର ସେହି ଅଂଶ 'ବାବନା ବନ୍ଧ' ନାମରେ ନାମିତ ହେବ।'

ଏହି ଘଟଣା ପରେ ଦିନେ ରାତିଅଧରେ ବାବନା ଭୂତ ସନ୍ଥଙ୍କ ପାଖରେ ପହଞ୍ଚି କହିଲା, 'ଗୁରୁଦେବ! କୋଉ ଜନ୍ମର କୋଉ ପାପର ପରିଣାମ ସ୍ୱରୂପ ମୁଁ ଆଜି ଅଶରୀରୀ ପ୍ରେତ ହୋଇ ଘୂରି ବୁଲୁଛି। ଆପଣ କୃପା କଲେ ମୁଁ ଏ ପ୍ରେତଜନ୍ମରୁ ମୁକ୍ତି ଲାଭ କରି ପାରନ୍ତି।' ଯଶୋବନ୍ତ କହିଲେ, 'ବାବନା, ତମେ ମୋ ଆଦେଶରେ ଦେବୀ ନଦୀର ଘାଇ ବନ୍ଧେଇ ଅଞ୍ଚଳ ଲୋକଙ୍କର ଅସୀମ ଉପକାର କରିଛ। ମୁଁ ତୁମ ପାଖରେ ଋଣୀ। କିନ୍ତୁ ତୁମର ପ୍ରେତଜନ୍ମ ବିଧିନିର୍ଦ୍ଦିଷ୍ଟ। ବିଧିର ବିଧାନରେ ହସ୍ତକ୍ଷେପ କରିବା ମୋ କ୍ଷମତାର ବାହାରେ। କିନ୍ତୁ ମୁଁ ତୁମକୁ ଏପରି ଏକ ପୁଣ୍ୟ କର୍ମରେ ନିଯୁକ୍ତ କରିବି, ଯା' ଫଳରେ ତୁମର ପ୍ରେତଜନ୍ମ ଧନ୍ୟ ହୋଇଯିବ। ତୁମେ ଏକମାତ୍ର ପ୍ରେତ, ଯାହାକୁ ମହାପ୍ରଭୁ ଜଗନ୍ନାଥଙ୍କ ସେବା କରିବାର ସୁଯୋଗ ମିଳିବ। ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରେ ନଅ ଦିନ ଅବସ୍ଥାନ କରନ୍ତି। ବର୍ଷର ବାକି ସମୟରେ ଏ ମନ୍ଦିର ଅସୁରକ୍ଷିତ ହୋଇଥାଏ। ତୁମେ ଏହି ମନ୍ଦିରର ସୁରକ୍ଷା ଦାୟିତ୍ୱରେ ରହିବ। ଯେତେବେଳେ ନବ ଦିନ ଯାତ୍ରା ପାଇଁ ମହାପ୍ରଭୁ ଗୁଣ୍ଡିଚା ଅବସ୍ଥାନ କରିବେ, ସେତେବେଳେ ମହାପ୍ରଭୁଙ୍କ ଦେବଭୋଗ୍ୟ ମହାପ୍ରସାଦ ତୁମକୁ ପ୍ରାପ୍ତ ହେବ।' ବାବନା ଭୂତ ଏହା ଶୁଣି କହିଲା, 'ଗୁରୁଦେବ, ମୋର ପ୍ରେତଜନ୍ମରୁ ମୁକ୍ତି ଦରକାର ନାହିଁ। ଅନେକ ବର୍ଷର ତପସ୍ୟା ପରେ ଦେବତାମାନଙ୍କୁ ମଧ୍ୟ ଯେଉଁ ସେବା ଦୁର୍ଲଭ, ସେ ସେବା କେବଳ ଆପଣଙ୍କ କୃପାରୁ ମୋ ପରି ଜଣେ ପ୍ରେତକୁ ମିଳିବାକୁ ଯାଉଛି। ସେ ସେବା ପାଇଁ ମୁଁ ଯୁଗଯୁଗ ଧରି ଅଶରୀରୀ ପ୍ରେତ ହୋଇ ରହିବାକୁ ମୋର ସୌଭାଗ୍ୟ ମନେ କରିବି।'

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କାହା ଇଙ୍ଗିତରେ ବେଆଇନ ଖଣି ଖନନ!

ଭୁବନେଶ୍ୱର/ରାଉରକେଲା, ୫।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ସାନିନ୍ଦପୁର ଲୁହାପଥର ଖଣିରେ ବେଆଇନ ଖନନ ଅଭିଯୋଗ ପରେ ରାଜ୍ୟରେ ପୁଣି ତେଜିଛି ଖଣି ଚୋରି ପ୍ରସଙ୍ଗ। ମେସର୍ସ ଗ୍ରିୱାଲ ମିନେରାଲ୍ସ ଆଣ୍ଡ ମେଟାଲ୍ସ କମ୍ପାନୀର ଏହି ଖଣିରେ ବେଆଇନ କାର୍ଯ୍ୟ ଚାଲିଥିବା ଅଭିଯୋଗ ହେବା ପରେ ବଣେଇ ଉପଜିଲ୍ଲାପାଳ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ୨୦୩୦ ପର୍ଯ୍ୟନ୍ତ

## କୋଇଡ଼ା ଖଣି ଅଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ

ଖଣିର ଲିଜ୍ ବୈଧ ଥିଲେ ହେଁ ଲିଜ୍ ଅଞ୍ଚଳ ବହିର୍ଭୁତ ୧. ୭୫୬ ହେକ୍ଟର ଜମିରୁ ବିପୁଳ ଲୁହାପଥର ଖନନ ପ୍ରସଙ୍ଗ ଏବେ ସ୍ଥାନୀୟ ଖଣି ପ୍ରଶାସନଠାରୁ ଆରମ୍ଭ କରି ଖଣି ବିଭାଗର ଅଧିକାରୀଙ୍କୁ ବି କାଠଗଡ଼ାରେ ଠିଆ କରିଛି। ଏପରିକି ସ୍ଥାନୀୟ ଖଣି ଉପନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀମାନେ କିପରି ଏହି ଅନିୟମିତତାକୁ ଜାଣି ପାରିଲେ ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି।

ସୁନ୍ଦରଗଡ ଜିଲ୍ଲା କୋଇଡା ତହସିଲ ଅନ୍ତର୍ଗତ ସାନିନ୍ଦପୁର ଆଇରନ ଏଣ୍ଡ ମାଙ୍ଗାନିଜ ମାଇନ୍ସ ମେସର୍ସ ଗ୍ରିୱାଲ ମିନେରାଲ ଏଣ୍ଡ ମେଟାଲ୍ସ ଏଲଏଲପି ନାମରେ ୭୦.୯୧୭ ହେକ୍ଟର ଖଣି ଲିଜ୍ ରହିଛି। ଲିଜ ଅଞ୍ଚଳ ମଧ୍ୟରୁ ୫୪.୩୯ ୯ ହେକ୍ଟର ଜଙ୍ଗଲ ଜମି ଓ ୧୬.୫୧୮ ହେକ୍ଟର ଅଣ ଜଙ୍ଗଲ ଜମି ରହିଛି। ମାତ୍ର ଏହି ଅଞ୍ଚଳ



ବାହାରେ ଖଣି କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତ ଅଭିଯୋଗ ହେବା ପରେ କୋଇଡା ତହସିଲଦାର ତଦନ୍ତ ନିମନ୍ତେ ବିଭାଗୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ମାପଚୁପ ପରେ ଲିଜ୍ ବାହାରେ ଡିଏଲସି ଫରେଷ୍ଟରେ ବେଆଇନ ଖଣି ଖନନ ଏବଂ ଉତ୍ତୋଳନ ହୋଇଥିବା ଜଣାପଡିଥିଲା। ଏପ୍ରିଲ ମାସ ୯ ତାରିଖରେ ଯୁଗ୍ମ ତଦନ୍ତ କମିଟି ରିପୋର୍ଟ ଆଧାରରେ କୋଇଡ଼ା ତହସିଲଦାର ସୁନ୍ଦରଗଡ ଅତିରିକ୍ତ ଜିଲ୍ଲାପାଳଙ୍କୁ କୋଇଡା ସାନଇନ୍ଦପୁର ଲୁହାପଥର ଖଣିରେ ବନ ସଂରକ୍ଷଣ ଆଇନ ୧୯୮୦ ଉଲ୍ଲଙ୍ଘନ ହୋଇଥିବା ନେଇ ରିପୋର୍ଟ କରିଥିଲେ। ଖୁଣ୍ଟ ପୋତା ଯାଇଥିବା ସୀମା ବାହାରେ ୮୦ ମିଟର ପର୍ଯ୍ୟନ୍ତ ଖଣି ଖନନ କରାଯାଇଥିବା ଓ ଏଥିନିମନ୍ତେ କୋଟି କୋଟି ଟଙ୍କା ରାଜସ୍ୱ ହାନି ସହ ପରିବେଶ ନଷ୍ଟ ହୋଇଥିବା କୁହାଯାଇଥିଲା। ଏ ସଂକ୍ରାନ୍ତରେ କୋଇଡା ଡିଡିଏମଙ୍କୁ ରିପୋର୍ଟ ଦିଆଯାଇଥିଲା ଓ ଏହାପରେ ସେଠାରେ ଖଣି ଖନନ ଏବଂ ଖଣିଜ ପଦାର୍ଥ ପରିବହନ ବନ୍ଦ କରାଯାଇଛି। ତେବେ ବେଆଇନ ଖଣି ଖନନ ଜଣାପଡିବା ପରେ ପଟ୍ଟାଦାରଙ୍କ ନାମରେ ଏମ୍ଏମ୍ଡିଆର ଆକ୍ଟ ୧୯୫୭ରେ ମାମଲା ରୁଜୁ ନ ହେବା କିମ୍ବା ଜୋରିମାନା ନୋଟିସ ଦିଆ ନ ଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ଏ ସମ୍ପର୍କରେ ଉପ ଜିଲ୍ଲାପାଳ ଭାବେ ଅଶୋକ କୁମାର ଦାସ କହିଛନ୍ତି ଯେ ସୀମା ବାହାରେ ବେଆଇନ ଖଣି ଖନନ ନେଇ ହୋଇଥିବା ଅଭିଯୋଗର ଯୁଗ୍ମ କମିଟି ତଦନ୍ତ କରି ରିପୋର୍ଟ ଦାଖଲ କରିଛି। ସୀମା ବାହାରେ ୮୦ ମିଟର ପର୍ଯ୍ୟନ୍ତ ବେଆଇନ ଖଣି ଖନନ କରାଯାଇଥିବା ବେଳେ କେତେ ଖଣିଜ ସମ୍ପଦ ଖନନ ହୋଇଛି ଓ ପରିବହନ କରାଯାଇଛି ତାହା ଖଣି ବିଭାଗ ଆକଳନ କରିନାହିଁ। ଏ ସମ୍ପର୍କରେ ଅନୁଧ୍ୟାନ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ଆଟିଗାଁ ପଞ୍ଚାୟତ ଏଡିଇଓ



ଜୁନାଗଡ଼/ଧର୍ମଗଡ଼, ୫।୫(ସମିସ): ଲାଞ୍ଚ ନେଇ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ଅନ୍ତର୍ଗତ ଆଟିଗାଁ ପଞ୍ଚାୟତର ଏଡିଇଓ ଦେବେନ୍ଦ୍ର ସାହୁ ଗିରଫ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବା ପାଇଁ ଏଡିଇଓ ଆଟିଗାଁର ଶ୍ରୀବତ୍ସ ଭୋଇଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସଂପର୍କରେ ଶ୍ରୀବତ୍ସ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ତାଙ୍କୁ ଧରିବାକୁ ଜାଲ ବିଛାଯାଇଥିଲା। ପୂର୍ବ ପ୍ରସ୍ତୁତି ଅନୁସାରେ, ଦେବେନ୍ଦ୍ର ବ୍ଲକ୍ ଅଫିସ୍ ସମ୍ମୁଖରେ ଶ୍ରୀବତ୍ସଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ। ପରେ ଭିଜିଲାନ୍ସ ଟିମ୍ ବ୍ଲକ୍ ଅଫିସ୍‌ରେ ଚଢ଼ଉ କରି ଛାନଭିନ୍ କରି କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଜଣାଯାଇଛି।

**FOR SALE**

**Ultrasound Machine – Voluson S8 BT22 (2022),** well-maintained with 4 probes. Ideal for diagnostic centers & hospitals. Location: Khordha. **Contact: 9136067570 / 9237158357 / 7873044100.**

**AFFIDAVIT**

By virtue of an affidavit sworn before Excutive Magistrate, Bahanaga Tahashil on 30.04.2026 I, Alinarani Das, At/Po-Kuruda, Ps-Soro, Balasore-756046, declare that I have changed my name from Elina Das to Alinarani Das. Henceforth, I shall be known as **Alinarani Das** for all purposes.

**Alinarani Das**

**AFFIDAVIT**

By virtue of an affidavit sworn before the Notary Public, Sunabeda, on dated 04.05.2026 bearing No. 3255, I Santosh Kuamr Pani, S/o. Late Gadadhar Pani, resident of Village: Amara, Po. – Kerandi, Ps. Paralakhemundi, Dist. Gajapati declared that I have changed my name from Santosh Pani to Santosh Kumar Pani. Henceforth I shall be known as **Santosh Kumar Pani** for all purposes.

**Santosh Kumar Pani**

**AFFIDAVIT**

By virtue an affidavit sworn before Executive Magistrate, Dhenkanal, dtd. 20.04.2026, I Sipteeta Sitiswapna Brahma, D/o. Sarbeswar Brahma, At-Mandapal, PO: Tarava, PS-Tarava, PS-Sadar, Dist-Dhenkanal, declare that I have changed my name from Sipitas Situ Swapna Brahma to Sipteeta Sitiswapna Brahma. Henceforth I shall be known as **SIPTEETA SITISWAPNA BRAHMA** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 785, dated 04.05.2026, I, TARUN PAIKO, S/o - Tripati Paiko, permanent resident of Village - Purunapani, PO - Majhiguda, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from PINTU PAIK to TARUN PAIKO. Henceforth, I shall be known as **TARUN PAIKO** for all purposes.

**Sd/- Tarun Paiko**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 431, dated 17.04.2026, I, BIBHUTI BHUSAN HARIJAN, S/o - Krushna Harijan, permanent resident of Village - Garudaguda, PO - Mahendri, PS - Dabugaon, Dist - Nabarangpur, Odisha, Pin - 764072, declare that I have changed the name of my Son from BEAVAN BHUSAN to EVAN ZION BAGHA. Henceforth, he shall be known as **EVAN ZION BAGHA** for all purposes.

**Sd/- Bibhuti Bhusan Harijan**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 781, dated 04.05.2026, I, BIJAYA KUMAR NAYAK, S/o - Late. Somanath Nayak, permanent resident of Village - Banuaguda, PO - Sirishi, PS - Papadahandi, Dist- Nabarangpur, Odisha, Pin - 764071, declare that I have changed my name from BIJAY KUMAR NAYAK to BIJAYA KUMAR NAYAK. Henceforth, I shall be known as **BIJAYA KUMAR NAYAK** for all purposes.

**Sd/- Bijaya Kumar Nayak**

**AFFIDAVIT**

I, Santosha Kumar Das, aged about 43 years, S/o- Kailash Chandra Das, resident of AT- Gondia, PO- Gondia, Dist- Dhenkanal, State- Odisha, PIN- 759016 declared by this affidavit No. 87AA 928993, dtd- 02/04/2026 that now onwards I shall be known as **SANTOSH KUMAR DAS,** Son of Kailash Chandra Das for all future purposes.

**AFFIDAVIT**

I, Jyotsna Kumari Sahu, aged about 62 years, W/o- Dambarudhar Sahu resident of At- Jamuguda, Po/Ps- Tikiri, Dist- Rayagada, Pin-765015, Odisha do hereby declare by this affidavit No.925, dtd- 05/05/2026, that now onwards I shall be known as **JYOSTNA KUMARI SAHU** for all future purposes.

**AFFIDAVIT**

I, Shaik Roheet, S/o- Shaik Akhtar Ahmad, resident of Tarikunda, Po-Tarikunda, Ps/Dist: Jagatsinghpur, Pin-754102, Odisha declare by this affidavit No- 13472, dtd- 04/05/2026 that now onwards I shall be known as **SK ROHEET** for all future purposes.

**AFFIDAVIT**

I, Akriti Agrawal, aged about 43 years, W/o- Amit Kumar Chanduka, resident of At- Flat No.1001, Tower-2, Vipul Garden, Ghatikia, PS-Bharatpur, Bhubaneswar, Dist- Khordha, PIN-751029, Odisha declared by this affidavit No. 924, dtd- 05/05/2026 that now onwards I shall be known as **AKRITI CHANDUKA** for all future purposes.

**LOST**

I, Tanisha Mohanty, D/o Pramod Kumar Mohanty, resident of Village Kailash Nagar, P.S. Semiliguda, Dist. Koraput, Odisha, hereby inform that I have lost my CBSE Marksheet-cum-Certificate (Roll No. 12655311) issued by the Central Board of Secondary Education, New Delhi.The document was lost while travelling from Damanjodi to Semiliguda on 20/04/2026. Despite thorough search, the same could not be traced.A General Diary Entry has been made at Semiliguda Police Station vide G.D. No. 023 dated 20/04/2026. If anyone finds the above document, kindly return it to the undersigned or contact the nearest police station.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁଇ ବର୍ଷର ଝିଅ...

ମାତ୍ର, ପୁଲିସ ଖାମଖିଆଲି ଭାବେ ପୂଜାଙ୍କ ଶାଶୁ, ଶଶୁର, ନଣନ୍ଦ ଓ ସ୍ୱାମୀଙ୍କୁ ଡାକି ୪୧ରେ ନୋଟିସ ଜାରି ଛାଡ଼ିଦେଇଥିଲା। ଏହାସହ ମହିଳାଙ୍କୁ ବ୍ରହ୍ମପୁର ସଖୀ ସେଣ୍ଟରକୁ ପଠାଇ ଦେଇଥିଲେ। ହିଞ୍ଜିଳି ଥାନା ପୁଲିସ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନଥିବା ମହିଳାଜଣଙ୍କ ଅଭିଯୋଗ କରିଥିଲେ। ଫଳରେ ସୋମବାର ପୁଣି ପୂଜା ବ୍ରହ୍ମପୁର ମହିଳା ଥାନାରେ ପାରିବାରିକ ହିଂସା ନେଇ ପୁଣି ଏକ ଅଭିଯୋଗ କରିଥିଲେ। ସୋମବାର ସନ୍ଧ୍ୟାରେ ହିଞ୍ଜିଳି ଥାନା ଆସି ଖରିଡ଼ା ଗ୍ରାମର ସ୍ୱାମୀଙ୍କ ଘର ସମ୍ମୁଖରେ ଧାରଣା ଦେବାକୁ କହିବା ସହ ସୁରକ୍ଷା ଦାବି କରିଥିଲେ। ସୋମବାର ସନ୍ଧ୍ୟାରେ ଖରିଡା ଗ୍ରାମରେ ପହଞ୍ଚି ସ୍ୱାମୀଙ୍କ ଘର ବାରଣ୍ଡାରେ ୨ବର୍ଷର ଝିଅକୁ ଧରି ବସିଥିଲେ। ଶଶୁରଘର ଲୋକ ଘରର ଦାଣ୍ଡ କବାଟ ତାଲା ପକାଇ କୁଆଡ଼େ ଫେରାର୍ ହୋଇଯାଇଥିଲେ। ମଙ୍ଗଳବାର ପୂଜା ତାଙ୍କ ଝିଅ ସହ ଶଶୁରଘର ବାରଣ୍ଡାରେ ଖାଇ ବସିଥିବା ବେଳେ ଦିଅର ଏକ ଟାଙ୍ଗିଆରେ ପୂଜାଙ୍କ ବେକ, ମୁଣ୍ଡକୁ ହାଣି ଦେଇଥିଲା। ଘଟଣାସ୍ଥଳରେ ହିଁ ପୂଜା ଟଳି ପଡ଼ିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଅଭିଯୁକ୍ତ ଦିଅରଙ୍କୁ ଖରିଡ଼ା ଗ୍ରାମରୁ କାବୁ କରି ଥାନାରେ ଅଟକ ରଖିଛି। ସନ୍ଧ୍ୟାରେ ସାଇଣ୍ଟିଫିକ୍ ଓ ଫରେନ୍ସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ହିଞ୍ଜିଳି ଥାନାରେ ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ଇସ୍ତଫା ଦେବେନି...

ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ପ୍ରଦାନ କରନ୍ତି। ନୂଆ ସରକାର ଶପଥ ନେବା ପର୍ଯ୍ୟନ୍ତ କାମଚଳା ସରକାରର ଦାୟିତ୍ୱରେ ରହିବା ଲାଗି ରାଜ୍ୟପାଳ ତାଙ୍କୁ ପରାମର୍ଶ ଦିଅନ୍ତି। କିନ୍ତୁ ଇସ୍ତଫା ନଦେବାଲାଗି ମମତାଙ୍କ ଜିଦ ଯୋଗୁଁ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏହା କୌଣସି ସାମ୍ବିଧାନିକ ସଙ୍କଟ ସୃଷ୍ଟି କରିବ ନାହିଁ ବୋଲି ଆଇନ ବିଶାରଦ ମତ ଦେଇଛନ୍ତି। ସେମାନେ କହୁଛନ୍ତି ୬ ତାରିଖରେ ବିଧାନସଭାର କାର୍ଯ୍ୟକାଳ ଶେଷ ହେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ମଧ୍ୟ ସମାପ୍ତ ହୋଇଯିବ। ଏହାସହିତ ମୁଖ୍ୟମନ୍ତ୍ରୀ ପଦ ହରାଇବେ ମମତା। ସେମାନଙ୍କ ମତରେ ରାଜ୍ୟପାଳ ଚାହିଁଲେ ମମତା ଏବଂ ବିଧାନସଭାକୁ ବରଖାସ୍ତ ମଧ୍ୟ କରିପାରିବେ। ତେଣୁ ମମତା ଇସ୍ତଫା ନଦେଲେ ବିଶେଷ କିଛି ଫରକ ପଡ଼ିବାର ନାହିଁ।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମମତା କହିଛନ୍ତି ଯେ ରାଜଭବନ ଯିବେ ନାହିଁ କି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନାହିଁ।। ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଥିବା ସେ ଅଭିଯୋଗ କରିଛନ୍ତି। "ମୁଁ ଇସ୍ତଫା ଦେବି ନାହିଁ, କାରଣ ମୁଁ ହାରିନାହିଁ। ଆମେ ବିଜେପି ବିରୋଧରେ ନୁହେଁ, ବରଂ ନିର୍ବାଚନ କମିସନଙ୍କ ବିରୋଧରେ ଲଢୁଥିଲୁ। ନୈତିକ ଭାବେ ଆମେ ହିଁ ଏହି ନିର୍ବାଚନ ଜିତିଛୁ। ନିର୍ବାଚନ କମିସନ ଏବଂ ସରକାରୀ ଯନ୍ତ୍ରର ଅପବ୍ୟବହାର କରି ଆମକୁ ହରାଯାଇଛି।' ଭୋଟର ତାଲିକାରୁ ପ୍ରାୟ ୯୦ ଲକ୍ଷ ନାମ କଟାଯିବା ଏକ ବଡ଼ ଧରଣର ଷଡ଼ଯନ୍ତ୍ର ଥିଲା। ଭୋଟ ଗଣତି ବେଳେ କେନ୍ଦ୍ର ଭିତରେ କେନ୍ଦ୍ରର ସୁରକ୍ଷା କର୍ମୀ ତାଙ୍କୁ ମାରପିଟ୍ କରିଥିବା ନେଇ ଅଭିଯୋଗ କରିଛନ୍ତି। ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ଟିଏମସି ଏଜେଣ୍ଟମାନଙ୍କୁ ମଧ୍ୟ ମାରପିଟ୍ କରାଯାଇଛି।

ମମତା ଆହୁରି କହିଛନ୍ତି ଯେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଅଖିଳେଶ ଯାଦବ ଏବଂ ଅରବିନ୍ଦ କେଜ୍ରିୱାଲଙ୍କ ଭଳି ବହୁ ନେତା ତାଙ୍କ ସହ କଥା ହୋଇ ସମର୍ଥନ ଜଣାଇଛନ୍ତି। ଆସନ୍ତାକାଲି ଅଖିଳେଶ ଯାଦବ କଲିକତା ଆସି ତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସେ ନିଜକୁ ଏବେ ଜଣେ 'ମୁକ୍ତ ବିହଙ୍ଗ' ବୋଲି କହିବା ସହ 'ଇଣ୍ଡିଆ' ମେଣ୍ଟକୁ ଦେଶବ୍ୟାପୀ ଅଧିକ ଶକ୍ତିଶାଳୀ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତୃଣମୂଳ କଂଗ୍ରେସ ଏହି ନିର୍ବାଚନ ଫଳାଫଳ ବିରୋଧରେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଯୋଜନା କରୁଛି। ବିଶେଷ କରି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସେମାନେ ଚ୍ୟାଲେଞ୍ଜ କରିବେ। ଏହାଛଡ଼ା ନିର୍ବାଚନ ପରବର୍ତ୍ତୀ ହିଂସାର ତଦନ୍ତ ପାଇଁ ଦଳ ପକ୍ଷରୁ ଏକ ୧୦ ଜଣିଆ ଅନୁସନ୍ଧାନକାରୀ କମିଟି ଗଠନ କରାଯାଇଛି।

### ବଙ୍ଗର ମଙ୍ଗ...

୨୦୭ ଆସନ ମିଳିଛି। ତେବେ ରାଜ୍ୟରେ ଇତିହାସ ରଚିଥିବା ବିଜେପି କାହାକୁ ମୁଖ୍ୟମନ୍ତ୍ରୀ କରିବ। ଏହାକୁ ନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଯାଇଛି। ବିରୋଧୀ ଦଳର ନେତା ଶୁଭେନ୍ଦୁ ଅଧିକାରୀ ଏଥିପାଇଁ ପ୍ରବଳ ଦାବିଦାର ଥିବା ବେଳେ ତାଙ୍କ ସହ ଏହି ଦୌଡ଼ରେ ଅଛନ୍ତି ରାଜ୍ୟ ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ, ଦିଲୀପ ଘୋଷ, ରୁପା ଗାଙ୍ଗୁଲି ଏବଂ ଅଗ୍ନିମିତ୍ର ପାଲ। ବିଜେପିର ଗତ କିଛି ବର୍ଷର ପରମ୍ପରାକୁ ଦେଖିଲେ ଏମାନଙ୍କର ସମ୍ଭାବନା କମ୍ ବୋଲି କୁହାଯାଉଛି। କାରଣ ନିର୍ବାଚନ ସଫଳତା ପାଇଁ ଏମାନଙ୍କ ଅପେକ୍ଷା ମୋଦୀଙ୍କ ଲୋକପ୍ରିୟତା ଓ ଶାହଙ୍କ ରଣନୀତି ଦାୟୀ। ତେଣୁ ହାଇକମାଣ୍ଡ ସଫଳତାର ଶ୍ରେୟ ନିଜେ ନେଉଥିବାରୁ ନିଜ ମନପସନ୍ଦର ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ଥୟ। ଯାହା ସୂଚନା ମିଳୁଛି ଆଦୌ ଚର୍ଚ୍ଚାରେ ନଥିବା ନେତା କିମ୍ବା ନେତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ। ଶୁଭେନ୍ଦୁ, ଦିଲୀପ ସମେତ ତିନି ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବ। ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ଗୁଜରାଟ, ହରିଆଣା, ଦିଲ୍ଲୀ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ ବିଜେପି ହାଇକମାଣ୍ଡ ଏଭଳି ଫର୍ମୁଲା ପ୍ରୟୋଗ କରିଛନ୍ତି। ପୁଣି ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଥିବାରୁ ବିଜେପି ଦିଲ୍ଲୀ ଭଳି ଜଣେ ମହିଳା ନେତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

ସେହିଭଳି ତାମିଲନାଡୁରେ ଅପ୍ରତ୍ୟାଶିତ ଭାବେ ବିଜୟ ହାସଲ କରିଥିବା ଅଭିନେତା ବିଜୟଙ୍କ ନବଗଠିତ ପାର୍ଟି ଟିଭିକେ ମଧ୍ୟ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ବିଜୟ ନିଜେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ସରକାର ଗଠନ ପାଇଁ ସେ ଖୁବଶୀଘ୍ର ରାଜ୍ୟପାଳଙ୍କୁ ଭେଟି ଦାବି ଜଣାଇବେ। ଆସନ୍ତା ୭ ତାରିଖରେ ସେ ଶପଥ ଗ୍ରହଣ କରିପାରନ୍ତି ବୋଲି ସୂଚନା ମିଳିଛି। ୨୩୪ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ଟିଭିକେ ସର୍ବାଧିକ ୧୦୮ ଆସନ କରିଛି। ତେବେ ସରକାର ଗଠନ ପାଇଁ ଆଉ ୧୦ ବିଧାୟକଙ୍କ ସମର୍ଥନ ଦରକାର ଥିବାରୁ ସେ କଂଗ୍ରେସ ଏବଂ ସିପିଆଇ-ସିପିଏମ୍ ଭଳି ଛୋଟଛାଟ ଦଳମାନଙ୍କ ସହିତ ଆଲୋଚନା ଚଳାଇଥିବାର ଖବର ମିଳିଛି।

ଏହି ଦୁଇ ରାଜ୍ୟ ସମେତ ଆସାମ, କେରଳ ଏବଂ ପୁଡୁଚେରୀରେ ମଧ୍ୟ ନିର୍ବାଚନ ହୋଇଥିଲା। ଆସାମ ଓ ପୁଡୁଚେରୀରେ ବିଜେପି ମେଣ୍ଟ ଶାସନ କ୍ଷମତା ବଜାୟ ରଖିଥିବା ବେଳେ କେରଳରେ ବାମ ସାମ୍ମୁଖ୍ୟକୁ ପରାସ୍ତ କରି କଂଗ୍ରେସ ସାମ୍ମୁଖ୍ୟ ସରକାର ଗଠନ କରିବାକୁ ଯାଉଛି।

### ମୋହନ ସହ ପର୍ଯ୍ୟବେକ୍ଷକ...

ନାୟବ ସିଂହ ସାଇନିଙ୍କୁ ଆସାମ ପାଇଁ ସହ-ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ପଶ୍ଚିମବଙ୍ଗରେ ବିଜେପି ତୃଣମୂଳ କଂଗ୍ରେସକୁ କ୍ଷମତାରୁ ହଟାଇ ଏକ ଐତିହାସିକ ବିଜୟ ହାସଲ କରିଛି। ଅପରପକ୍ଷରେ, ଆସାମରେ ଦଳ କ୍ରମାଗତ ତୃତୀୟ ଥର ପାଇଁ ନିଜର ଗଡ଼ ରକ୍ଷା କରିବାରେ ସଫଳ ହୋଇଛି। ନୂତନ ଭାବେ ନିଯୁକ୍ତ ହୋଇଥିବା ଏହି ପର୍ଯ୍ୟବେକ୍ଷକମାନେ ଉଭୟ ରାଜ୍ୟର ବିଜୟୀ ବିଧାୟକମାନଙ୍କ ସହ ଆଲୋଚନା କରିବେ। ସେମାନଙ୍କର ମୁଖ୍ୟ କାର୍ଯ୍ୟ ହେଉଛି ସମସ୍ତଙ୍କ ସହମତିରେ ବିଧାୟକ ଦଳର ନେତା ତଥା ଆଗାମୀ ମୁଖ୍ୟମନ୍ତ୍ରୀଙ୍କ ନାମ ଚୂଡ଼ାନ୍ତ କରିବା। ବିଶେଷ କରି ପଶ୍ଚିମବଙ୍ଗରେ ସରକାର ଗଠନ ପ୍ରକ୍ରିୟା ଉପରେ ସାରା ଦେଶର ନଜର ରହିଛି।

### ଜୁନ ପହିଲାରୁ...

ପୂର୍ବତଟ ରେଳବାଇକୁ ବିକଳାଙ୍ଗ କରି ଦକ୍ଷିଣତଟ ରେଳ ଜୋନ ଗଠନ ଦ୍ୱାରା ଓଡ଼ିଶାର କୌଣସି କ୍ଷତି ହେବ ନାହିଁ, ରାଜସ୍ୱ ହାନି ଘଟିବ ନାହିଁ ବୋଲି ରେଳମନ୍ତ୍ରୀ ବାରମ୍ବାର କହୁଛନ୍ତି। ମାତ୍ର ପୂର୍ବତଟ ରେଳବାଇକୁ ବିକଳାଙ୍ଗ କରି ଓଡ଼ିଶାକୁ କେନ୍ଦ୍ର ସରକାର ଉପହାସ କରିଥିବା ଅଭିଯୋଗ ହୋଇଛି। କିଛିଦିନ ପୂର୍ବରୁ ପୂର୍ବତଟ ରେଳବାଇ ଅଧୀନସ୍ଥ ପଲାସା-ଇଚ୍ଛାପୁରମ୍ ସେକ୍ସନକୁ ପ୍ରସ୍ତାବିତ ଦକ୍ଷିଣତଟ ରେଳବାଇରେ ସାମିଲ କରିବାକୁ ନିଷ୍ପତ୍ତି ବିରୋଧରେ ଓଡ଼ିଶାରେ ଉଠିଥିବା ପ୍ରତିବାଦ ସ୍ୱରକୁ ମଧ୍ୟ କେନ୍ଦ୍ର ସରକାର ଓ ରେଳମନ୍ତ୍ରୀ ସଂପୂର୍ଣ୍ଣ ଉପେକ୍ଷା କରିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ୨୦ ବିଜେପି ସାଂସଦ ମଧ୍ୟ ଏହି ପ୍ରସଙ୍ଗରେ ରହସ୍ୟମୟ ନିରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ସାରା ଦେଶରେ ରେଳବାଇର ୧୭ ଡ଼ିଭିଜନ ମଧ୍ୟରୁ ମାତ୍ର ୧୦ଟି ଡ଼ିଭିଜନ ଲାଭରେ ଚାଲୁଛି ଓ ଏହା ମଧ୍ୟରୁ ସର୍ବାଧିକ ଲାଭ ଦେଉଛି ପୂର୍ବତଟ ରେଳବାଇ। ଅନ୍ୟ ଡ଼ିଭିଜନରେ ୧୦୦ ଟଙ୍କା ଆୟ ନିମନ୍ତେ ରେଳବାଇକୁ ୧୦୭ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବାବେଳେ ପୂର୍ବତଟ ରେଳବାଇରେ ୧୦୦ ଟଙ୍କା ଆୟ ପାଇଁ ରେଳବାଇକୁ ମାତ୍ର ୪୭ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ୧୯୯୮ ରେ ଗଠନ ହୋଇଥିବା ପୂର୍ବତଟ ରେଳବାଇ ଇତିମଧ୍ୟରେ ରେଳ ବିଭାଗକୁ ୩ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ଦେଇଛି ଏବଂ ଏହାର ୬୦ ପ୍ରତିଶତ ୱାଲଟିୟର ଡ଼ିଭିଜନରୁ ଆସିଛି। ୱାଲଟିୟର ଡ଼ିଭିଜନ ଭାଙ୍ଗି ଏହାର ସିଂହ ଭାଗ ଆନ୍ଧ୍ରପ୍ରଦେଶରେ ମୁଖ୍ୟାଳୟ ଥିବା ଦକ୍ଷିଣ ତଟ ରେଳବାଇରେ ସାମିଲ କରାଯିବା ଦ୍ୱାରା ରାୟଗଡ଼ା ଡ଼ିଭିଜନ ଭାଗରେ ମାତ୍ର ଅଳ୍ପ କିଛି ଅଞ୍ଚଳ ରହିଛି । ଅନ୍ୟପକ୍ଷରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ଏହାମଧ୍ୟରେ ଲୁଚି ଯାଇଛି ତାହା ହେଉଛି ପୂର୍ବତଟ ରେଳବାଇର ସଂକୋଚନ। ସେହିପରି ରାଜସ୍ୱ ସଂଗ୍ରହର ପ୍ରମୁଖ ଉତ୍ସ କୁହାଯାଉଥିବା ଭାଇଜାଗ ଷ୍ଟିଲ, ଭାଇଜାଗ ବନ୍ଦର, ଗଙ୍ଗାଭରମ୍ ପୋର୍ଟ ଅଞ୍ଚଳ ଦକ୍ଷିଣତଟ ରେଳବାଇକୁ ଚାଲିଯିବ ଏବଂ ଏହାଦ୍ୱାରା ପୂର୍ବତଟ ରେଳବାଇ ବର୍ଷକୁ ଅନ୍ୟୂନ ୬ ହଜାର କୋଟି ଟଙ୍କା ରାଜସ୍ୱ କ୍ଷତିର ସମ୍ମୁଖୀନ ହେବ । ଦକ୍ଷିଣ ପୂର୍ବ ରେଳବାଇରେ ଓଡ଼ିଶାର ବେଲପାହାଡ-ବ୍ରଜରାଜନଗର, ବାଂଶପାଣି-ବଡ଼ବିଲ, ରାଣୀତାଲ-ରୁପ୍ସା-ବାଙ୍ଗିରିପୋଷି, ଜରେଇକେଲା-ବନ୍ଧମୁଣ୍ଡା-ରାଉରକେଲା-ଝାରସୁଗୁଡ଼ା ଅଞ୍ଚଳରୁ ବିପୁଳ ରାଜସ୍ୱ ସଂଗ୍ରହ କରୁଥିଲେ ହେଁ ଏହାଦ୍ୱାରା ଓଡ଼ିଶା ଉପକୃତ ହୋଇ ପାରୁ ନ ଥିଲା ଏବଂ ଏହି କ୍ଷତିର ଭରଣା ୱାଲଟିୟର ଡ଼ିଭିଜନରୁ ହେଉଥିଲା। ମାତ୍ର ୱାଲଟିୟର ଡ଼ିଭିଜନ ଆନ୍ଧ୍ର ପ୍ରଦେଶର ଦକ୍ଷିଣ ତଟ ରେଳବାଇରେ ସାମିଲ କରାଯାଇଥିବାବେଳେ ଉପରୋକ୍ତ ଅଞ୍ଚଳଗୁଡ଼ିକୁ ନେଇ ରାଉରକେଲାରେ ନୂତନ ଡ଼ିଭିଜନ ସ୍ଥାପନ ଦାବିକୁ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଓଡ଼ିଶା ଦୋହରା କ୍ଷତିର ସମ୍ମୁଖୀନ ହୋଇଛି । ରାଉରକେଲା ଓ ଯାଜପୁର ରୋଡ଼ରେ ନୂଆ ଡ଼ିଭିଜନ ସ୍ଥାପନ ସଂକ୍ରାନ୍ତ ଓଡ଼ିଶାର ଦାବି ଏବେ ବି କେନ୍ଦ୍ର ସରକାରଙ୍କ ଶୀତଳଭଣ୍ଡାରରେ ପଡ଼ି ରହିଛି ।

### କାଳବୈଶାଖୀ ନେଲା...

ରେକର୍ଡ ସ୍ତରକୁ ଖସି ଆସିଛି। ମେ ମାସରେ ଏଠାରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ରାଜସ୍ଥାନରେ ତାପମାତ୍ରା ପ୍ରାୟ ୮ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି। ପାଣିପାଗ ବିଭାଗ ଅନୁଯାୟୀ, ଦେଶର ଏକ ବଡ଼ ଭାଗରେ ଏହି ପରିବର୍ତ୍ତନ ରାଜସ୍ଥାନରେ ସୃଷ୍ଟି ଚକ୍ରବାତ ପ୍ରକ୍ରିୟା ଯୋଗୁଁ ହୋଇଛି। ଏହାର ପ୍ରଭାବ ଉତ୍ତର, ମଧ୍ୟ ଏବଂ ଦକ୍ଷିଣ ଭାରତରେ ଦେଖିବାକୁ ମିଳୁଛି। ମେ ମାସର ପ୍ରବଳ ଖରା ସମୟରେ ଏଭଳି ଅଦିନିଆ ଝଡ଼ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି।

### ଦୁଇ ଜିଲ୍ଲାରେ...

ମିଳିଛି। ଅନୁଗୋଳ ବିଜେଡିର କାର୍ଯ୍ୟକାରୀ ସଭାପତି ଭାବେ ନଳିନୀକାନ୍ତ ପ୍ରଧାନଙ୍କୁ ନୂଆ ଦାୟିତ୍ୱ ମିଳିଛି ଏବଂ ବୌଦ୍ଧ ଜିଲ୍ଲାରେ ମହୀଧର ରଣା, ଢେଙ୍କାନାଳରେ ନରୋତ୍ତମ ସାହୁ ଓ କେନ୍ଦୁଝର ଜିଲ୍ଲାରେ ପ୍ରମୋଦ ପଟ୍ଟନାୟକଙ୍କୁ କାର୍ଯ୍ୟକାରୀ ସଭାପତି ନିଯୁକତ୍ ଦିଆଯାଇଛି।

ସେହିପରି କଟକ ଜିଲ୍ଲାରେ ବିଜୁ ଯୁବ ଜନତା ଦଳ ସଭାପତି ଭାବେ ସ୍ମୃତି ରଞ୍ଜନ ନାୟକଙ୍କୁ ନିଯୁକ୍ତି ମିଳିଥିବା ବେଳେ ଅନୁଗୋଳରେ ଅନୁରଭ ସିଂ, ମୟୂରଭଞ୍ଜ-୨ରେ ଅଭିଷେକ ସାହୁ, ରାଉରକେଲାରେ ପଙ୍କଜ କୁମାର ଜୟସୱାଲ ଓ ନୂଆପଡ଼ାରେ ମନୋଜ ଦୀପଙ୍କୁ ନିଯୁକ୍ତି ମିଳିଛି। ଅନୁରୂପ ଭାବରେ ବିଜୁ ଛାତ୍ର ଜନତା ଦଳ ସଭାପତି ଭାବେ କଟକ ଜିଲ୍ଲାରେ ସୁମନ କୁମାର ବେହେରାଙ୍କୁ ନିଯୁକ୍ତି ମିଳିଥିବାବେଳେ ଅନୁଗୋଳରେ ଶୁଭ୍ରାଂଶୁ ଶେଖର ଜିତ୍, ମୟୂରଭଞ୍ଜ-୨ରେ ଚନ୍ଦ୍ର ଶେଖର ସାହୁ, ରାଉରକେଲାରେ ସଞ୍ଜିତ ଛୋଟରାୟ ଓ ନୂଆପଡ଼ାରେ ସୁବେର ସିଂ ଦେଓଙ୍କୁ ନିଯୁକ୍ତି ମିଳିଛି।

### ଓଡ଼ିଶାର ଶିଳ୍ପ ସମ୍ଭାବନାକୁ...

ଏହି ରୋଡ୍-ଶୋ ଅବସରରେ ବସ୍ତ୍ର ଓ ବୟନ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଭିତ୍ତିକ ଆଲୋଚନା ଏବଂ ଉଦ୍ୟୋଗପତିଙ୍କ ସହ ସିଧାସଳଖ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ୨୬ଟି 'ୱାନ୍-ଟୁ-ୱାନ୍' ବୈଠକରେ ଅଧକ୍ଷତା କରି ଶିଳ୍ପପତିଙ୍କ ସହ ନିବେଶ ସୁଯୋଗ ଓ ନୀତିଗତ ସହାୟତା ବିଷୟରେ ଆଲୋଚନା କରିଥିଲେ। ବୟନ ଓ ବସ୍ତ୍ର ଶିଳ୍ପ ସମ୍ପର୍କିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଥିବା ଗଭୀର ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ପୁରୀର ଶ୍ରୀଜଗନ୍ନାଥ ଧାମରୁ ଗୁଜରାଟର ଦ୍ୱାରକା ପର୍ଯ୍ୟନ୍ତ ଆମ ରାଜ୍ୟଗୁଡ଼ିକ ମଧ୍ୟରେ ଏକ ଅତୁଟ ସାଂସ୍କୃତିକ ସମ୍ପର୍କ ରହିଛି। ଗୁଜରାଟ ବସ୍ତ୍ର ଶିଳ୍ପରେ ଅଗ୍ରଣୀ ହୋଇଥିବା ବେଳେ ଓଡ଼ିଶା ଏବେ ଏକ ଉତ୍ତମ ପରିବେଶ ଏବଂ କୁଶଳୀ କାରିଗରଙ୍କ ସହିତ ଏହି କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି ବୋଲି ସେ କହିଥିଲେ।

ଏହି ପ୍ରତିନିଧି ମଣ୍ଡଳୀରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୩୭କୁ ବଢ଼ିବ...

ଦେଇ) ବୃଦ୍ଧି କରାଯାଇପାରିବ। ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ହେବା ଦ୍ୱାରା ସୁପ୍ରିମକୋର୍ଟ ଅଧିକ ଦକ୍ଷତାର ସହ କାର୍ଯ୍ୟ କରିପାରିବେ ଏବଂ ତ୍ୱରିତ ନ୍ୟାୟ ସୁନିଶ୍ଚିତ କରିପାରିବେ ବୋଲି କେନ୍ଦ୍ର ସରକାର ଆଶା ପ୍ରକାଶ କରିଛନ୍ତି ।

### ନୂତନ ପଦ ସୃଷ୍ଟି...

ବର୍ଷରେ ଏହାକୁ ବୃଦ୍ଧି କରାଯାଇ ୧୨ଶହ ହେକ୍ଟର କରାଗଲା, ମାତ୍ର ଚଳିତ ଆର୍ଥିକ ବର୍ଷରେ ଏହାକୁ ପୁନର୍ବାର ୧୧୫ ହେକ୍ଟରକୁ ହ୍ରାସ କରାଯିବା ଭାତ ହାଣ୍ଡିରୁ ଗୋଟିଏ ଉଦାହରଣ ବୋଲି କୁହାଯାଉଛି।

ନୂତନ ପଦ ସୃଷ୍ଟି ହେଲା ପରେ ଏଏଫ୍ଓମାନେ ବର୍ତ୍ତମାନ ପାଉଥିବା ବେତନର ପ୍ରାୟ ଦୁଇଗୁଣ ବେତନ ପାଇବେ। ତେଣୁ ଫାଇଲ୍ କାମ ତ୍ୱରାନ୍ୱିତ କରିବା ପ୍ରାଥମିକ ଭାବରେ ଜଣେ ଏଏଫ୍ଓଙ୍କଠାରୁ ପ୍ରାୟ ୫୦ ହଜାର ଲେଖାଏଁ ଆଦାୟ ହୋଇଥବା ସୂଚନା ମିଳିଛି ଏବଂ ଜଗତସିଂହପୁର ଜିଲ୍ଲାର ଏକ ବ୍ଲକ୍‌ରେ କାର୍ଯ୍ୟ କରୁଥବା ଜନୈକ ସହକାରୀ ମତ୍ସ୍ୟ ଅଧିକାରୀ ଏହାର ନେତୃତ୍ୱ ନେଇଥିବା ଅଭିଯୋଗ ହୋଇଛି। ପ୍ରାଥମିକ ଭାବରେ ଏ ବାବଦରେ ଆଦାୟ ଦୁଇ କୋଟି ଜଣେ ଅଧିକାରୀଙ୍କୁ ଦିଆଯାଇଥବା ମଧ୍ୟ ଅଭିଯୋଗ ହୋଇଛି। ଜୀବନସାରା ଦିଗୁଣା ଦରମା ପାଇବା ପାଇଁ ଥରେ ମାସକର ଦରମା ଚାନ୍ଦା ଦେବାକୁ ଅନେକ କୁଣ୍ଠାବୋଧ କରୁନାହାନ୍ତି। ଏ ସଂକ୍ରାନ୍ତରେ ସୂଚନା ମିଳିବା ପରେ କିଛି ବୁଦ୍ଧିଜୀବୀ ରାଜ୍ୟପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

**URGENT REQUIREMENT for ODISHA PROJECT**

- Project Manager – Civil
- Project Manager – Interior
- Project Manager – Billing (Civil & Interior)
- Engineers – Civil & Interior
- Supervisors – Civil & Interior
- Foreman – Civil & Interior
- Safety Engineer
- Store Keeper Experience in relevant field preferred

**Fiberfill Interiors and Construction India Pvt. Ltd**
**Contact: 9910489807 & Email: info@fiberfillgroup.com**

**OFFICE OF THE COLLECTOR & DISTRICT MAGISTRATE, JAGATSINGHPUR** 24001/61/2627
(District Social Welfare Section)
Ph 06724-220865, E. Mail – dswojspur@nic.in
NO. 1654 /DT. 28/4/2026

**TENDER CALL NOTICE**

Sealed tenders are invited from the intending eligible and Registered Firms/authorized licensed Transport Contractors/Agents for undertaking ICDS Project wise transportation of Rice & Wheat under the carriage by Road Act 2007 and the Carriage by Road Rule 2011 from concern Transportation Authority for Transportation of Rice & Wheat under SNP feeding Programme in all 8 nos ICDS of Jagatsinghpur District (Balikuda, Biridi, Erasama, Jagatsinghpur, Kujanga, Naugaon, Raghunathpur & Tirtol ICDS Project) for the year 2026-2027. Details of the Term & Condition is available in the Office of the Collector, Jagatsinghpur (Social Welfare Section) and District Website i.e www.jagatsinghpur.nic.in
The details of Tender process as follows:
1. Period of sale of Tender document from :- 28.04.2026 (9.00 AM)
2. Last date for receipt of Tender document :- 11.05.2026 (1.00 PM)
3. Date of Opening of Tender :- 12.05.2026 (10.00 AM)
4. Tender Paper cost :- Rs. 3000.00 (Rupees Three thousand) only

Collector & District Magistrate, Jagatsinghpur
OIPR-24001/24275/1/26-27/0001

GOVERNMENT OF ODISHA 1001/37/2627
AGRICULTURE DEPARTMENT
**OFFICE OF THE EXECUTIVE ENGINEER (AGRIL.), HORTICULTURE, SOUTHERN ZONE, BERHAMPUR**
No.722 | INVITATION FOR BIDS (IFB) | Date 29.04.2026
e procurement notice

Bid identification number / Tender call notice no – E E (A) Hort S/Z-01 of 2026-27

The Executive Engineer (Agril.), Horticulture, Southern Zone, Berhampur who has been authorized as the procuring officer for the projects of Directorate of Horticulture, Southern Zone is directed to invite percentage rate bid on behalf of the Governor of Odisha for the Civil construction works under Directorate of Horticulture, Southern Zone. The costs of the projects are approximately from 8.00 lakhs to 13.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 07.05.2026 at 10.00 hours to 16.00 hours of 22.05.2026. The bid will be opened on 28.05.2026 at 11.00 hours in the O/o Executive Engineer (Agril.), Horticulture, Southern Zone, Berhampur. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
Email ID:- executiveengineerhortsouthern@gmail.com

Executive Engineer (Agril) Horticulture, Southern Zone Berhampur
OIPR-1001/1469/1/26-27/0001

## ବିକାଶ ଧାରାରେ ମାଲକାନଗିରି

# ୮୦୦ କୋଟି ଟଙ୍କାର ପ୍ରକଳ୍ପ ଲୋକାର୍ପିତ, ଶିଳାନ୍ୟାସ

ମାଲକାନଗିରି,୫।୫(ସମିସ):



ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଅଭିଯାନ ମାଧ୍ୟମରେ ମାଲକାନଗିରି ଜିଲ୍ଲାରେ ଗ୍ରାମୀଣ ଭିତ୍ତିଭୂମିର କାୟାକଳ୍ପ ବଦଳିବାରେ ଲାଗିଛି। ଆଜି ସ୍ଥାନୀୟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଜିଲ୍ଲା ପାଇଁ ମୋଟ ୮୪୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ୩୧୮.୯୨ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଥିବା ୩୧ଟି ପ୍ରକଳ୍ପକୁ ଲୋକାର୍ପିତ କରାଯାଇଥିବା ବେଳେ ୧୮୪.୬୩ କୋଟି ଟଙ୍କା ଅଟକଳ ମୂଲ୍ୟର ୩୦ଟି ନୂତନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।ଜିଲ୍ଲାରେ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୪୨୨ଟି ପ୍ରକଳ୍ପ ମଧ୍ୟରୁ ୩୯୨ଟି ସଫଳତାର ସହ ଶେଷ ହୋଇଥିବା ବେଳେ ଚଳିତ ୨୦୨୫-୨୬ ବର୍ଷରେ ୪୩.୯୬ କୋଟି ଟଙ୍କା ବ୍ୟୟରେ ୯୬୪ଟି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ,ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡ଼ି ଏବଂ ଉପାଧ୍ୟକ୍ଷା ସାବିତ୍ରୀ ପଡ଼ିଆମୀ ଉପସ୍ଥିତ ରହି ବିକାଶମୂଳକ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ସିଆଲ ମଧ୍ୟ ସାମିଲ ହୋଇଥିଲେ। ଏହି ସମସ୍ତ ପ୍ରକଳ୍ପ ଜିଲ୍ଲାର ଶିକ୍ଷା, ଯୋଗାଯୋଗ ଓ ସାମାଜିକ ସୁବିଧା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ସରକାରଙ୍କ ସମସ୍ତଙ୍କ ସାଥୀରେ, ସମସ୍ତଙ୍କ ବିକାଶ ମନ୍ତ୍ରକୁ ଆଗରେ ରଖି ଗ୍ରାମୀଣ ସଂଯୋଗ, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ କାମ ହେଉଛି।ସେ ଆହୁରି କହିଛନ୍ତି ଯେ, ପିଏମଜିଏସୱାଇ ଯୋଜନାରେ ୧୬୮ଟି ରାସ୍ତା ନିର୍ମାଣ ସହ ଦୁର୍ଗମ ଅଞ୍ଚଳକୁ ସଂଯୋଗ କରାଯିବ। ଏହା ସହିତ ଆୟୁର୍ବେଦିକ ମେଡିକାଲ କଲେଜ, ପାନୀୟ ଜଳ ପ୍ରକଳ୍ପ ଓ ରେଳ ସଂଯୋଗ ଭଳି ମୁଖ୍ୟ ପ୍ରକଳ୍ପ ମାଲକାନଗିରିର ଉନ୍ନତିକୁ ଆହୁରି ଗତି ଦେବ। ତେବେ ପ୍ରଗତି ପଥେ ଯୁବ ମାଲକାନଗିରି କାର୍ଯ୍ୟକ୍ରମ ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ, ଯୁବ ସମାଜଙ୍କ ସମଗ୍ର ବିକାଶ ଓ ସଶକ୍ତିକରଣ ପାଇଁ ସ୍ପୋର୍ଟସ୍ ସାମଗ୍ରୀ, ଆଧୁନିକ ଜିମ୍ ଉପକରଣ ଓ ସମ୍ବାଦପତ୍ର ଇତ୍ୟାଦି ପ୍ରଦାନ କରାଯିବ, ଯାହା ତାଙ୍କର ଶାରୀରିକ ଓ ମାନସିକ ଉନ୍ନତିରେ ନିଶ୍ଚିତ ଭାବେ ସହାୟକ ହେବ। ଅନ୍ତୋଦୟ ଗୃହ ଯୋଜନାରେ ହିତାଧିକାରୀ ମାନଙ୍କୁ ସହାୟତା ରାଶି ସହ କାର୍ଯ୍ୟାଦେଶ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲାର ଶ୍ରେଷ୍ଠ ତିନିଟି ବିଦ୍ୟାଳୟକୁ ଚଳିତ ବର୍ଷ ଦଶମ ପରୀକ୍ଷାରେ ସଫଳତା ପାଇଁ ମଧ୍ୟ ସମ୍?ର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସରାବୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ କୁ ସଫଳ ରୂପାୟନ କରିବାରେ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ।

## ଅମ୍ବାଦଳାରେ ବିଜେପିର ବିଜୟ ଉତ୍ସବ



ମୁନିଗୁଡା,୫।୫(ସମିସ): ପଶ୍ଚିମବଙ୍ଗରେ ବିଜେପିର ଐତିହାସିକ ବିଜୟ ପରେ ରାୟଗଡା ଜିଲ୍ଲା ଅମ୍ବାଦଳା ଅଞ୍ଚଳରେ ବିଜେପି କର୍ମୀ ଓ ସମର୍ଥକମାନେ ଭବ୍ୟ ଉତ୍ସବ ପାଳନ କରିଛନ୍ତି। ସ୍ଥାନୀୟ ବିଜେପି ସଦସ୍ୟମାନେ ଏକତ୍ରିତ ହୋଇ ମିଠା ବଣ୍ଟନ ମାଧ୍ୟମରେ ନିଜର ଖୁସି ପ୍ରକାଶ କରିଥିଲେ। କେତେକ ସ୍ଥାନରେ ପଟାକା ଫୁଟାଇ ଓ ପରସ୍ପରଙ୍କୁ ଅଭିନନ୍ଦନ ଜଣାଇ ଉତ୍ସବକୁ ଅଧିକ ରଙ୍ଗୀନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ରାଜ୍ୟ ଓବିଶି ମୋର୍ଚ୍ଚା ଉପସଭାପତି ରାମ ଚନ୍ଦ୍ର ବେହେରା, ମୁନିଗୁଡା ମଣ୍ଡଳ ସଭାପତି ସୁବାସ ଗୌଡ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## କାଶୀପୁର ବ୍ଲକ୍ ଟପ୍ପର ହେଲେ ସୁନୟନା ଦାଶ



କାଶୀପୁର, ୫।୫ (ସମିସ): ରାୟଗଡ଼ ଜିଲ୍ଲା କାଶୀପୁର ବ୍ଲକ ପାଇଁ ଦଶମ ବୋଡର୍ ପରୀକ୍ଷାରେ ବ୍ଲକରେ ଶୀର୍ଷ ସ୍ଥାନରେ ରହି ଗର୍ବ ଆଣିଛନ୍ତି କାଶୀପୁରର ଝିଅ ସୁନୟନା ଦାଶ। ସେ କାଶୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଠ ପଢୁଥିବା ବେଳେ ଚଳିତ ବର୍ଷ ଦଶମ ଶ୍ରେଣୀର ବୋଡର୍ ପରୀକ୍ଷାରେ ସମୁଦାୟ ୬୦୦ ମାର୍କରୁ ୫୨୮ ମାର୍କ ରଖି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ସୁନୟନା ତାଙ୍କର ଏହି ଶ୍ରେଷ୍ଠ କୃତିତ୍ୱର ଶ୍ରେୟ ତାଙ୍କ ମାଆ , ବାପାଙ୍କୁ ଦେବା ସହ ଟ୍ୟୁସନ୍ ଶିକ୍ଷକ ନବ କିଶୋର ଚମ୍ପତିରାୟଙ୍କୁ ଦେଇଛନ୍ତି। ଏହି କୃତିତ୍ୱ ପାଇଁ ତାଙ୍କର ବିଦ୍ୟାଳୟର ଗୁରୁମା ଗୁରୁଜୀ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ଉପାନ୍ତ କାଶୀପୁର ଭଳି ବ୍ଲକରେ ୮୮ ପ୍ରତିଶତ ମାର୍କ ରଖି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ କାଶୀପୁର ବ୍ଲକର ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍‌ଙ୍କ ତରଫରୁ ଶୁଭେଚ୍ଛା ବାର୍ତ୍ତା ମିଳିଛି। ଏ ନେଇ ତାଙ୍କ ମାଆ ସୁନୀତା ଦାଶ କହିଛନ୍ତି ଯେ ତାଙ୍କ ଝିଅ ଭଲ ପାଠପଢ଼ି ଆଗକୁ ଆହୁରି ଉନ୍ନତି କରିବା ସହ ଭବିଷ୍ୟତରେ ସଫଳତା ଆଣି ବ୍ଲକ ତଥା ଜିଲ୍ଲାକୁ ଗୌରବାନ୍ୱିତ କରିବା ସହ ଭବିଷ୍ୟତରେ ପାଠ ପଢ଼ି ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ବ୍ଲକ୍‌ସ୍ତରୀୟ ସହିଦ ନର୍ସିଂ ଡମ ସମାଜ ସଚେତନତା ସଭା



ମାଲକାନଗିରି,୫।୫(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତାରଲାକୋଟା ସଦର ପଞ୍ଚାୟତର ଧାନ ମଣ୍ଡି ଠାରେ ଆଜି ବ୍ଲକ ସ୍ତରୀୟ ସହିଦ ନର୍ସିଂ ଡ଼ମ ସମାଜର ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ସହିଦ ନର୍ସିଂ ଡ଼ମ ସମାଜ ବ୍ଲକ ସଭାପତି ମଦନ ସେଠୀ ଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସହିଦ ନର୍ସିଂ ଡ଼ମ ସମାଜର ଜିଲ୍ଲା ସଭାପତି ବଳରାମ ଅନୁଗୁଳିଆ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ତୁଳସୀରାମ ଦଳାଇ ଯୋଗ ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଆଜି ଡ଼ମ ସମାଜ ପ୍ରକୃତ ଆଦିବାସୀ ସମ୍ପ୍ରଦାୟ ଏବଂ ସରକାର ଏସଟି ମାନ୍ୟତା ପରିବର୍ତ୍ତେ ତାଙ୍କୁ ଏସସି ମାନ୍ୟତା ଦେଇଛନ୍ତି। ତେଣୁ ତାଙ୍କ ସମାଜ କୁ ଏସଟି ମାନ୍ୟତା ଦିଆଯିବା ନେଇ ସେମାନେ ସରକାରଙ୍କ ନିକଟରେ ଦାବି ରଖିବା ନେଇ ଆଲୋଚନା ହୋଇଥିଲା। ଏଥିସହ ଡ଼ମ ସମାଜର ପିଲାମାନେ ପାଠ ପଢି କିପରି ଭଲ ଚାକିରୀ ଟିଏ କରିବେ, ଉଚ୍ଚ ଶିକ୍ଷିତ କିପରି ହେବେ ସେନେଇ ବିଭିନ୍ନ ଆଲୋଚନା ହୋଇଥିଲା। ନିଜ ସମାଜର ଲୋକମାନଙ୍କ ଦୁଃଖ ସମୟରେ ସମାଜର ଅବଦାନ କଣ ରହିବ ସେନେଇ ଉପସ୍ଥିତ ଅତିଥି ମାନେ ନିଜ ନିଜର ମତ ରଖିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକ ସହିଦ ନର୍ସିଂ ଡ଼ମ ସମାଜ ର ମଦନ ଖୋସଲା, ମଙ୍ଗଳା ପାଙ୍ଗି, ଧନୁର୍ଯ୍ୟୟ ହନ୍ତାଳ, ପର୍ଶୁରାମ ଖେମୁଣ୍ଡୁ, ରାଜେନ୍ଦ୍ର କୁଳଦୀପ, କର୍ଣ୍ଣେଶ୍ୱର ପାଟଲା ଙ୍କ ସମେତ ସମାଜ ର ଶତାଧିକ ଲୋକେ ଉପସ୍ଥିତ ଥିଲେ।

## ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କଲେ ପଞ୍ଚାୟତିରାଜ ମନ୍ତ୍ରୀ

### ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ



ମାଲକାନଗିରି,୫।୫(ସମିସ): ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ ପ୍ରମୁଖ ଉପସ୍ଥିତ ଥିଲେ।ବୈଠକରେ ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ, ପିଏମ୍-ଜନମନ, ଆଦର୍ଶ ଗ୍ରାମ ଯୋଜନା, ବିଜୁ ପକ୍କା ଘର ଯୋଜନା ଏବଂ ନୂତନ ସ୍ୱେଶାଳ ପକ୍କା ଘର ଯୋଜନା ଭଳି ବିଭିନ୍ନ ଗ୍ରାମୀଣ ଆବାସ ଯୋଜନାର ଅଗ୍ରଗତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥିସହ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା, ଗ୍ରାମ୍ୟ ନିର୍ମାଣ ବିଭାଗ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ପ୍ରକଳ୍ପଗୁଡ଼ିକର ସ୍ଥିତି ପରଖା ଯାଇଥିଲା। ମନରେଗା ଯୋଜନାରେ ଦୈନିକ କାର୍ଯ୍ୟର ଅଗ୍ରଗତି, ଶ୍ରମିକ ନିଯୋଜନ ଏବଂ ଶ୍ରମ ଦିବସ ସୃଷ୍ଟିର ଲକ୍ଷ୍ୟ ପୂରଣ କରିବାକୁ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।ଏହି ଅବସରରେ ମନ୍ତ୍ରୀ ରବି ନାରାୟଣ ନାୟକ ନିର୍ଦ୍ଦେଶ ଦେଇ କହିଥିଲେ ଯେ ସମସ୍ତ ଗ୍ରାମୀଣ ଆବାସ ଯୋଜନା, ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ, ପିଏମ୍-ଜନମନ ର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରାଯିବା ଆବଶ୍ୟକ। ମନରେଗା ଯୋଜନାରେ ଅଧିକରୁ ଅଧିକ ଶ୍ରମ ଦିବସ ସୃଷ୍ଟି କରିବା ସହ ସ୍ଥାନୀୟ ଶ୍ରମିକମାନଙ୍କୁ ନିଯୋଜିତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ଅଭିଯାନ ଅଧୀନରେ ପ୍ରତ୍ୟେକ ଯୋଜନାର ସୁଫଳ ଯେପରି ଗାଁର ଶେଷ ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ସେଥିପ୍ରତି ଯତ୍ନବାନ ହେବାକୁ ସେ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳ ଓ ରାସ୍ତା ନିର୍ମାଣ କାର୍ଯ୍ୟର ମାନ ବଜାୟ ରଖିବା ସହ ଏଥିରେ କୌଣସି ଅବହେଳା ନକରିବାକୁ ସେ ଚେତାବନୀ ଦେଇଥିଲେ। ପ୍ରକଳ୍ପଗୁଡ଼ିକର ଦୈନିକ ଅଗ୍ରଗତିର ସମୀକ୍ଷା କରିବାକୁ ସେ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ।ଜିଲ୍ଲାପାଳ ମଧ୍ୟ ଜିଲ୍ଲାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ନିୟମିତ ତଦାରଖ କରାଯାଉଥିବା ଏବଂ ବିଶେଷ କରି ପିଏମ୍-ଜନମନ ଯୋଜନାକୁ ତ୍ୱରାନ୍ୱିତ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଜିଲ୍ଲାର ସମସ୍ତ ବିଡିଓ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର କାର୍ଯ୍ୟଧାରା ସମ୍ପର୍କରେ ରିପୋର୍ଟ ପ୍ରଦାନ କରିଥିଲେ।

## କାଳିମେଳାରେ ବିଜେପିର ବିଜୟ ଉତ୍ସବ



କାଳିମେଳା,୫।୫(ସମିସ): ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ବିଜେପିର ବିଜୟ ପରେ ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ବିଜେପିର ବିଜୟ ଉତ୍ସବ ପାଳନ। କାଳିମେଳା ବିଜେପି ପକ୍ଷରୁ ସୋମବାର କାଳିମେଳା ମୁଖ୍ୟ ଛକରେ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ସମୟରେ ସେଠାରେ ଜୟ ଶ୍ରୀରାମ ନାରା ଓ ବାଣରେ ସମ୍ପୃକ୍ତ ଅଞ୍ଚଳ ପ୍ରକମ୍ପିତ ହୋଇପଡ଼ିଥିଲା। ଏଥିସହ ଭାଜପା ନେତା ଓ କର୍ମୀ ପରସ୍ପରକୁ ମିଠା ଓ ଝାଲ ମୁଢ଼ି ଖୁଆଇ ବିଜୟ ଉତ୍ସବ ପାଳନ କରିଥିଲେ। ଏହି ସମୟରେ ମାଲକାନଗିରି ଏସଡିସି ଚେୟାରମ୍ୟାନ ଗଙ୍ଗାଧର ସୋଡ଼ି, ସମାଜସେବୀ ଉତ୍ତମ କୁମାର ଓଝା , ଜିଲ୍ଲା ସମ୍ପାଦକ ଇ ଭେଙ୍କେଟେଶ ରାଓ, କାଳିମେଳା ବିଧାୟକ ପ୍ରତିନିଧି ହରବିଳାସ ମଣ୍ଡଳ, କାଳିମେଳା ମଣ୍ଡଳ ସଭାପତି ରାମଚନ୍ଦ୍ର ବେଟି, ପଞ୍ଚାୟତ ସଭାପତି ପରିତୋଷ ମଣ୍ଡଳ,ସାଧାରଣ ସମ୍ପାଦକ ଶ୍ରୀନିବାସ ଘରାମି, ଯୁବ ସଭାପତି ସୁମନ ବିଶ୍ୱାସ , ରତ୍ନାକର ପାଣିଗ୍ରାହୀ, ଅଦ୍ଭୁତ ପ୍ରସାଦ ଦୁର୍ଗା,ଉତ୍ତମ କୁମାର ରାୟ, ବିଶିକେଶନ ଦାସ, କାର୍ତ୍ତିକ ଦେବନାଥ ,ବିଶ୍ୱଜିତ୍ ବାଲା, ତୁଷାର ସିକଦାରଙ୍କ ସମେତ ବହୁ କର୍ମୀ ଏହି ବିଜୟ ଉତ୍ସବରେ ଉପସ୍ଥିତ ଥିଲେ।

## ଇଙ୍ଗା ପକ୍ଷରୁ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ



ରାୟଗଡ/କୋଲନରା,୫।୫(ସମିସ):

ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ ଓ ଇଙ୍ଗାର ପ୍ରୟାସରେ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହା ମାଧ୍ୟମରେ ୧୧ ମାସିଆ ଏକ ସଂଗଠିତ ଶିକ୍ଷା କାର୍ଯ୍ୟକ୍ରମର ଆରମ୍ଭ ହୋଇଛି। ଯାହା ଶିକ୍ଷାରୁ ବଞ୍ଚିତ କିଶୋରୀ ଓ ମହିଳାମାନଙ୍କୁ ପୁନଃ ମୁଖ୍ୟ ଧାରାରେ ଆଣିବା ସହ ତାଙ୍କୁ କାର୍ଯ୍ୟମୁଖୀ ସାକ୍ଷରତା ଓ ଜୀବନ କୌଶଳରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ପାଇକାପଡା (କେଳିଗୁଡା), ଥେରୁବାଲି, ଗେରାପୁଟ (କର୍ତ୍ତିକାଗୁଡା), ପିଣ୍ଡାପଦର (ବଡ଼ ଖିଳାପଡ଼ା) ଓ ଅନୁଗୁଡା (କର୍ତ୍ତିକାଗୁଡା) ୪ଟି ଗ୍ରାମ ପଞ୍ଚାୟତ ଅଧୀନର ୬ଟି ଗ୍ରାମରୁ ମୋଟ ୧୮୦ ଜଣ ନିମନ୍ତେ ଶିକ୍ଷାର ପ୍ରୟାସ ଜାରି ରଖାଯାଇଛି । ଉଦ୍‌ଘାଟନ ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋଲନରା ରୀନା ପ୍ରଧାନ, ଇଙ୍ଗା ୟୁନିଟ୍ ମୁଖ୍ୟ ତଥା ଇଆଇସି ଜି.ଭି. ରାକେଶ ଏବଂ ଉପ ମହାପ୍ରବନ୍ଧକ, ମାନବ ସମ୍ବଳ ଓ ପ୍ରଶାସନ ବିଭାଗର କ୍ଷୀତିଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଶ୍ରୀମତୀ ରୀନା ପ୍ରଧାନ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ଶିକ୍ଷା ପାଇଁ ବୟସ କୌଣସି ବାଧା ନୁହେଁ ଏବଂ ଦୈନନ୍ଦିନ ଜୀବନରେ ଶିକ୍ଷା ଅତ୍ୟାବଶ୍ୟକ। ସେ ଏହି ଉତ୍ତମ ପ୍ରୟାସ ପାଇଁ ଇଙ୍ଗା ଓ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍‌ଙ୍କୁ ପ୍ରଶଂସା କରିଥିଲେ। ସେହିଭଳି ଜି.ଭି. ରାକେଶ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଶିକ୍ଷା କେବଳ ଏକ ଆବଶ୍ୟକତା ନୁହେଁ, ଏହା ଜୀବନର ପ୍ରତ୍ୟେକ ପଥକୁ ଖୋଲିଦେବ ଏକ ପରିବର୍ତ୍ତନଶୀଳ ଶକ୍ତି। ଏହି ଅବସରରେ ଜି.ଭି. ରାକେଶ ଓ କ୍ଷିତିଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ସମସ୍ତ ଭର୍ତ୍ତି ହୋଇଥିବା ହିତାଧିକାରୀ ମାନଙ୍କୁ ପାଠ୍ୟ ସାମଗ୍ରୀ କିଟ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମଟି ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍‌ର ଅଧିକାରୀ ପ୍ରଭାକର ପଣ୍ଡାଙ୍କ ନେତୃତ୍ୱରେ ବିଆଇପିଏଫ୍ ଟିମ୍‌ଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ଲୋକ ସମ୍ପର୍କ ବିଭାଗ ଦ୍ୱାରା ସମନ୍ୱୟ କରାଯାଇଥିଲା। ଶେଷରେ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନଓ ଇଙ୍ଗା ଦ୍ୱାରା ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

## ନିର୍ମାଣାଧୀନ ବିଦ୍ୟାଳୟ ଗୃହ ପରିଦର୍ଶନ କଲେ ଜିଲ୍ଲାପାଳ



ଜୟପୁର,୫।୫(ସମିସ): କୋରାପୁଟ ଜିଲ୍ଲାପାଳ ଗତକାଲି ଜୟପୁର ବ୍ଲକ ଗସ୍ତ ଅବସରରେ ବାଲିଆ ଗ୍ରାମପଞ୍ଚାୟତର ବଡଅଜେଇ ଗ୍ରାମରେ ନୂତନ ଭାବେ ନିର୍ମାଣ ହେଉଥିବା ବିଦ୍ୟାଳୟ ଗୃହ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ମଧ୍ୟାହ୍ନରେ ଗ୍ରାମର ପହଞ୍ଚି ଦୀର୍ଘବର୍ଷ ଧରି ଆଜବେଷ୍ଟର୍ସ ଛାତରେ ବିଦ୍ୟାଳୟ ଚାଲୁଥିବା ବେଳେ ନୂତନ ଭାବେ ସାଢେ ୭ ଲକ୍ଷ ଏବଂ ୯ ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିବା ବିଦ୍ୟାଳୟର ଭବନର ପରିଦର୍ଶନ କରିଥିଲେ। ଏହିପରି ବିଦ୍ୟାଳୟ ପରିସରରେ ପାୱେର ବ୍ଲକ ଇଟା ଏବଂ ଅନ୍ୟାନ୍ୟ ବକେୟା ନିର୍ମାଣ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ, ବିଡିଓ ଶକ୍ତି ମହାପାତ୍ର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବୀ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦେବତ୍ତୋର ବିଭାଗର ଉପଦେଷ୍ଟା ମଣ୍ଡଳୀ ଗଠିତ

ଜୟପୁର,୫।୫(ସମିସ):

ଜୟପୁର ଦେବତ୍ତୋର ବିଭାଗର ନୂତନ ଉପଦେଷ୍ଟା ମଣଳୀ ଭାବେ ଭୁବନେଶ୍ୱର ଦେବୋତ୍ତର ବିଭାଗ କମିଶନରଙ୍କ ପକ୍ଷରୁ ନାମ ଘୋଷଣା କରାଯାଇଛି। ଏହି ଉପଦେଷ୍ଟା ମଣ୍ଡଳୀରେ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ଟାଉନଥାନା ଅଧିକାରୀଙ୍କ ସମେତ ନଟେନ୍ଦ୍ର ନାଥ ନାୟକ, ଦେବେନ୍ଦ୍ର କୁମାର ବାହିନୀପତି, ସନ୍ଦୀପ କୁମାର ସାମନ୍ତରାୟ, ଡ.ପରେଶ କୁମାର ରଥ, ସାଧୁ ଚରଣ ଦାଶ ଚୌଧୁରୀ, ପିଡିଏସ ନାନାଜୀ ଆଚାରୀ, ତ୍ରିନାଥ ସିଂଲାଲ, ପି.ରମେଶ ପାତ୍ର, ଲାଲ ମୋହନ ମିଶ୍ର, ଲିଙ୍ଗରାଜ ନିଶଙ୍କ, ଧିରେନ୍ଦ୍ର ପ୍ରସାଦ ରଥ, ନିହାର ରଞ୍ଜନ ବିଷୋୟୀ, ଭବାନୀ ଚରଣ ଆଚାର୍ଯ୍ୟ ପ୍ରମୁଖ ରହିଛନ୍ତି। ଏହି କମିଟି ଅଧୀନରେ ଜୟପୁର ସହର ଏବଂ ଆଖପାଖ ଗ୍ରାମାଞ୍ଚଳର ମନ୍ଦିର ଏବଂ ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ମନ୍ଦିର ପରିଚାଳନା ଦାୟୀତ୍ୱରେ ରହିବ।

## ବେଦାନ୍ତର 'ନିର୍ମଳ ପ୍ରୋଜେକ୍ଟ'ରେ ଗ୍ରାମବାସୀ ଉପକୃତ



ରାୟଗଡ,୫।୫(ସମିସ): ରାୟଗଡ଼ ଜିଲ୍ଲା କାଶୀପୁର ବ୍ଲକର ଦୁର୍ଗମ ଗାଁରେ ପିଇବା ପାଣି ପାଇଁ ମହିଳାମାନେ ଲମ୍ବା ଧାଡ଼ି ଦେଉଥିଲେ। ପ୍ରତ୍ୟେକ ଦିନର ଆରମ୍ଭ ଏଇଠୁ ହେଉଥିଲା। ଡୁମେରପଦର, ସାଗାବାରୀ, ଚୁଲବାଡି, ସୁଙ୍ଗେର, ଧାମନଘାଟି, ସିଆଡିମାଲ ଓ ଲଦାଖମନ ଭଳି ଗାଁରେ ପାଣି ଗ୍ୟାରେଣ୍ଟି ନ ଥିଲା । ଏହା ଅସମାନ ଭୂମି ଓ ଅନିଶ୍ଚିତ ଜଳବାୟୁ ଉପରେ ନିର୍ଭରଶୀଳ ଥିଲା। ପରିବାରର ସବୁ ଦାୟିତ୍ୱ ବହନ କରୁଥିବା ମହିଳାଙ୍କ ପାଇଁ ଏହି ସଂଘର୍ଷ ଦିନର ଘଣ୍ଟା ଘଣ୍ଟା ସମୟ ନେଇଯାଉଥିଲା । ଯେଉଁ ସମୟ ରୋଜଗାର କିମ୍ବା ନିଜ ସ୍ୱାସ୍ଥ୍ୟ ପାଇଁ ବ୍ୟବହାର ହୋଇପାରିଥାନ୍ତା।"ସିଜିମାଲି ପାହାଡ଼ ଅଞ୍ଚଳରେ ବକ୍ସାଇଟ୍ ଭଣ୍ଡାର ଥିଲେ ବି ଦୀର୍ଘଦିନ ଧରି ଜଳ ସଂକଟ ଲାଗି ରହିଥିଲା। ଅଭେଦ୍ୟ ମାଳଭୂମି ଯୋଗୁଁ ବର୍ଷାଜଳ ବହିଯାଏ, ଭୂତଳ ଜଳ ପ୍ରାୟ ୭୫୦ ଫୁଟ ତଳେ, ଓ ଝରଣା ଖରାଦିନେ ଶୁଖିଯାଏ। ଏହାର ସମାଧାନ ପାଇଁ ବେଦାନ୍ତ ଆଲୁମିନିୟମ "ନିର୍ମଳ ପ୍ରୋଜେକ୍ଟ' ଅଧୀନରେ ୭ଟି ଗାଁରେ ସୌର-ଚାଳିତ ଗଭୀର ବୋରୱେଲ୍ ସ୍ଥାପନ କରିଛି। ଆଜି ୩ହଜାରରୁ ଅଧିକ ଲୋକଙ୍କୁ ବର୍ଷସାରା ନିରାପଦ ପାନୀୟ ଜଳ ମିଳୁଛି। ଡୁମେରପଦରର ଚନ୍ଦ୍ରିକା ନାୟକ କୁହନ୍ତି ଯେ,ଆଗରୁ ପାଣି ପାଇଁ ଅଧା ଦିନ ଚାଲିଯାଉଥିଲା। ଖରାଦିନେ ଆହୁରି ଦୂରକୁ ଯିବାକୁ ପଡୁଥିଲା। ବେଦାନ୍ତର ଏହି ପ୍ରୟାସ ଆମ ପାଇଁ ବରଦାନ। ପୂର୍ବରୁ ଅସ୍ୱଚ୍ଛ ଝରଣା ପାଣି ଉପରେ ନିର୍ଭରତା ଥିଲା। ଏବେ ବିଶୋଧନ ବ୍ୟବସ୍ଥା ସହ ସୁରକ୍ଷିତ ଜଳ ମିଳୁଛି। ସୌରଶକ୍ତି ଯୋଗୁଁ ଅନିୟମିତ ବିଦ୍ୟୁତ୍ ସମସ୍ୟା ବି ଦୂର ହୋଇଛି।"ଆଉ ଟ୍ୟାଙ୍କର କି ବିଦ୍ୟୁତ୍ କୁ ଅପେକ୍ଷା କରିବାକୁ ପଡୁନି। ଘର ପାଖରେ ପାଣି ମିଳୁଛି। ଏହା ଆମ ଦୈନନ୍ଦିନ ଜୀବନ ବଦଳାଇ ଦେଇଛି, କୁହନ୍ତି ସ୍ଥାନୀୟ ଅଞ୍ଚଳର ଅନ୍ୟ ଜଣେ ଗ୍ରାମୀଣ ମହିଳା। ବେଦାନ୍ତର ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ପାଣି ଆଣିବାକୁ ଚାଲିବା ଦୂରତା କମିବାରୁ ମହିଳାମାନେ ଏବେ ରୋଜଗାର, ଘର କାମ ଓ ପରିବାର ଯତ୍ନ ପାଇଁ ଅଧିକ ସମୟ ପାଉଛନ୍ତି। ବେଦାନ୍ତ କେବଳ ବୋରୱେଲ୍ ନୁହେଁ, ଜଳଭିତ୍ତିକ ଅଧ୍ୟୟନ ମାଧ୍ୟମରେ ଝରଣା ପୁନରୁଦ୍ଧାର, ବର୍ଷାଜଳ ସଂରକ୍ଷଣ ଓ ପୁନଃଚାର୍ଜ ଯୋଜନା କରୁଛି। ୨୦ରୁ ଅଧିକ ସ୍ଥାନ ଚିହ୍ନଟ ହୋଇଛି। ବୈଷୟିକ ମୂଲ୍ୟାଙ୍କନ କହୁଛି ବକ୍ସାଇଟ୍ ଭଣ୍ଡାର ଭୂତଳ ଜଳଭଣ୍ଡାରଠାରୁ ବହୁ ଉପରେ ଅଛି। ତେଣୁ ଖଣି କାର୍ଯ୍ୟ ସହ ଜଳ ସୁରକ୍ଷା ସମ୍ଭବ ହୋଇପାରିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଜଣାଇଛନ୍ତି। ସିଜିମାଲିକୁ କେବଳ ବକ୍ସାଇଟ୍ ପାଇଁ ନୁହେଁ, ଏଠାରେ ହେଉଥିବା ଜଳ ସୁରକ୍ଷା, ସ୍ୱାସ୍ଥ୍ୟସେବା ଓ ଜୀବନମାନ ଉନ୍ନତି ପାଇଁ ମନେରଖାଯିବ। ବେଦାନ୍ତର ପ୍ରୟାସ ପ୍ରମାଣ କରୁଛି ଯେ, ସ୍ଥାନୀୟ ଆବଶ୍ୟକତା ଓ ଦେଶର ବିକାଶ ଏକାଠି ହୋଇପାରିବ।

# ଅଗ୍ନିଗଙ୍ଗାମା'ଙ୍କ ବାର୍ଷିକ ଯାତ୍ରା ଆରମ୍ଭ





**ସେମିଳିଗୁଡ଼ା, ୫।୫ (ସମିସ):**

କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଓ ଆଖପାଖ ଅଞ୍ଚଳର ପ୍ରସିଦ୍ଧ ଅଗ୍ନିଗଙ୍ଗାମା'ଙ୍କ ବାର୍ଷିକ ଯାତ୍ରା ସୋମବାର ରାତିରୁ ଆରମ୍ଭ ହୋଇଯାଇଛି । ଚଳିତ ବର୍ଷ ଯାତ୍ରା ଧୁମ୍‌ଧାମରେ ପାଳନ କରିବା ପାଇଁ ସ୍ଥିର କରାଯାଇଥିଲା। ୯ ଦିନ ଯାତ୍ରା ଚାଲି ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଯାତ୍ରା ପାଇଁ ସହରକୁ ସୁନ୍ଦର ଭାବରେ ସାଜସଜା କରାଯାଇଛି। ଯାତ୍ରା କମିଟି ଦ୍ୱାରା ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ଯାତ୍ରା ପାଇଁ ସହରର ସମସ୍ତ ଯୁବ ଗୋଷ୍ଠୀ ଏକାଠି ହୋଇ ଯାତ୍ରାକୁ ସଫଳ କରିବା ପାଇଁ ଆଗେଇ ଆସିଛନ୍ତି। ସହରର ଲୋକଙ୍କୁ ନେଇ ପୂଜାରୀ ଘରେ ପହଞ୍ଚି ପୂଜାରୀ ପରିବାର ବର୍ଗଙ୍କ ସହ ମା'ଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଅଗ୍ନିଗଙ୍ଗାମା'ଙ୍କୁ ଆବାହନ କରିଛନ୍ତି। ସେହିପରି ସହରର ବିଭିନ୍ନ ଠାକୁରାଣୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରାଯାଇଛି। ସୋମବାର ରାତିରେ ମା'ଙ୍କ ଘଟକୁ ପୂଜାରୀ ଘରୁ ଦୁର୍ଗା ମନ୍ଦିରକୁ ନେଇଥିଲେ। ମା'ଙ୍କ ଘଟର ପରିକ୍ରମା ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ରଘୁରାମ ପଡାଲ, ପୀତମ୍ ପାଢ଼ୀ, ସେମିଳିଗୁଡା ବ୍ଲକ୍ ଉପାଧ୍ୟକ୍ଷ ଶିବା ବଙ୍ଗରି, କମିଟି ସଭ୍ୟ, ନଗରବାସୀ ଯୋଗ ଦେଇଥିଲେ। ମଙ୍ଗଳବାର ସନ୍ଧ୍ୟା ଯାଏଁ ଘଟ ଦୁର୍ଗା ମନ୍ଦିରରେ ପୂଜା ପାଇଲେ। ମଙ୍ଗଳବାର ରାତିରେ ମୁଖ୍ୟ ସଡ଼କରେ ଥିବା ଅସ୍ଥାୟୀ ମଣ୍ଡପରେ ଘଟକୁ ନେଇ ପ୍ରତିଷ୍ଠା କରିବା ପାଇଁ ଘଟର ପରିକ୍ରମା କରିବା ସହ ମଣ୍ଡପ କୁ ନେଇଥିଲେ। ଉକ୍ତ ଅସ୍ଥାୟୀ ମଣ୍ଡପରେ ୯ ଦିନ ଧରି ମା'ଙ୍କ ଘଟ ପୂଜା ପାଇବ। ବୁଧବାର ସନ୍ଧ୍ୟାରୁ ୯ ଦିନ ଘଟ ସହରର ବିଭିନ୍ନ ସାହିରେ ପରିକ୍ରମା କରିବ। ଯାତ୍ରା ପାଇଁ ସହରକୁ ରଙ୍ଗବେରଙ୍ଗ ଏଲ୍‌ଇଡି ଲାଇଟ୍‌ରେ ସଜାଯାଇଛି ଓ ଯାତ୍ରାକୁ ଶାନ୍ତିଶୃଙ୍ଖଳା ଭାବେ ପାଳନ କରିବା ପାଇଁ ପୁଲିସକୁ ସାହାଯ୍ୟ କରିବା ପାଇଁ ସେମିଳିଗୁଡା ଥାନା ଅଧିକାରିଣୀ ଅନିତା କୁଜୁର ନିବେଦନ କରିଛନ୍ତି ଓ ମା'ଙ୍କ ମନ୍ଦିରକୁ ମଧ୍ୟ ସୁନ୍ଦର ଭାବେ ସାଜସଜା କରାଯାଇଛି।

# ନବରଙ୍ଗପୁର-ଇନ୍ଦ୍ରାବତୀ ମୁଖ୍ୟରାସ୍ତା ପ୍ରଶସ୍ତୀକରଣ

## ● ହଟୁନି ବିଦ୍ୟୁତ ଖୁଣ୍ଟ, ଗଛ ; ଦୁର୍ଘଟଣାରେ ଯାଉଛି ଜୀବନ

ତେନ୍ତୁଳିଖୁଣ୍ଟି, ୫।୫ (ସମିସ): ନବରଙ୍ଗପୁର ଜିଲ୍ଲା ମୁଖ୍ୟାଳୟ ଠାରୁ ଇନ୍ଦ୍ରାବତୀ ପ୍ରକଳ୍ପ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଜାରିରହିଛି । ଲୋକଙ୍କ ସୁରକ୍ଷିତ ଯାତ୍ରା ପାଇଁ ସରକାର ରାସ୍ତା ତ ପ୍ରଶସ୍ତ କଲେ । କିନ୍ତୁ ପ୍ରଶସ୍ତିକରଣ ପରେ ରାସ୍ତା ମଝିରେ ରହିଯାଇଥିବା ବୃକ୍ଷ, ମେଗା ପ୍ରକଳ୍ପ ଏୟାର ଭଲବ ଏବଂ ବିଦ୍ୟୁତଖୁଣ୍ଟ ଆଦି ସ୍ଥାନାନ୍ତର ପାଇଁ ଭୁଲିଗଲେ। ଏଗୁଡିକ ସ୍ଥାନାନ୍ତର ପାଇଁ ବିଭାଗୀୟ ତତ୍ପରତା କିମ୍ବା ଆଗ୍ରହ ଦେଖିବାକୁ ମିଳୁନି । ଫଳରେ ମଝି ରାସ୍ତା ରେ ଥିବା ବୃକ୍ଷ, ମେଗା ପ୍ରକଳ୍ପ ଏୟାର ଭଲବ ଏବଂ ବିଦ୍ୟୁତଖୁଣ୍ଟ ଆଦି ଦୁର୍ଘଟଣାର କେନ୍ଦ୍ରବିନ୍ଦୁ ପାଲଟିଲାଣି । ଏନେଇ ଲଗାତାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁନଥିବା ହେତୁ ଅସନ୍ତୋଷ ବୃଦ୍ଧି ପାଉଛି । ପ୍ରକାଶ ଥାଉ କି ଇତି ମଧ୍ୟରେ ଏହି ରାସ୍ତା ରେ ପ୍ରାୟ ୧୦ ରୁ ଉର୍ଦ୍ଧ ଛୋଟ ବଡ଼ ଦୁର୍ଘଟଣା ଘଟି ଜଣଙ୍କର ଜୀବନ ଯାଇଥିବା ବେଳେ ଅନେକ ଲୋକ ଆଘାତ ହେଲେଣି । ରାସ୍ତା ଯେଉଁଭଳି ହେଉଛି ଏକାଧିକ ସ୍ଥାନ ଦୁର୍ଘଟଣା ସ୍ଥଳ ହେବ ନେଇ ଆଶଙ୍କା ପ୍ରକାଶ ପାଉଛି । ଦୁର୍ଘଟଣା ମଧ୍ୟ ଘଟୁଥିବା ଅଭିଯୋଗ ହେଉଛି। ତଥାପି ରାସ୍ତା ମଝିରୁ ବୃକ୍ଷ ହଟିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଦୁର୍ଘଟଣା ବୃଦ୍ଧି ପାଇ ପୁଣି ଜୀବନ ଜୀବନ ଯିବା ପୂର୍ବରୁ ରାସ୍ତା ମଝିରୁ ବିଦ୍ୟୁତ ଖୁଣ୍ଟ, ବୃକ୍ଷ , ମେଗା ପ୍ରକଳ୍ପ ଏୟାର ଭଲବ ଆଦି ହଟାଇବା ପାଇଁ ଦାବି ହେଉଛି

# ନୂତନ ସିଡିଏମ୍‌ଓ ଭାବେ ଯୋଗଦେଲେ ଡା. ପ୍ରଫୁଲ୍ଲ କୁମାର ପାଢ଼ୀ

**ନବରଙ୍ଗପୁର, ୫।୫ (ସମିସ) :**




ନବରଙ୍ଗପୁର ଜିଲ୍ଲା ରେ ନୂତନ ଜିଲ୍ଲା ଚିକିତ୍ସା ଅଧିକାରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ପ୍ରଫୁଲ୍ଲ କୁମାର ପାଢ଼ୀ। ପୂର୍ବତନ ସିଡିଏମ୍‌ଓ ଡା. ସନ୍ତୋଷ ପଣ୍ଡା ଗତ ମାସରେ ଅବସର ଗ୍ରହଣ କରିବା ପରେ ଏଡିଏମ୍‌ଓ ଡା. ମଳୟ କୁମାର ପ୍ରଧାନ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଉଥିଲେ। ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଡା. ପ୍ରଧାନ ନୂତନ ସିଡିଏମ୍‌ଓ ଡା. ପାଢ଼ୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଏଡିଏମ୍‌ଓ ଡା. ମଳୟ କୁମାର ତ୍ରିପାଠୀ , ଏଡ଼ିଏମଓ ଡ ସୁକାନ୍ତ କୁମାର ଶତପଥୀ, ଡିପିଏମ୍‌ଓ ଶଙ୍କର ଆଚାର୍ଯ୍ୟଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଡା. ପାଢ଼ୀଙ୍କୁ ସ୍ୱାଗତ ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ଡା. ପ୍ରଫୁଲ୍ଲ କୁମାର ପାଢ଼ୀ ଏହାପୂର୍ବରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଭାବେ କାର୍ଯ୍ୟରତ ଥିଲେ। ମାତୃ ଓ ଶିଶୁ ସ୍?ାସ୍ଥ୍ୟ କ୍ଷେତ୍ରରେ ଡଃ ପାଢ଼ୀ ଙ୍କ ଦୀର୍ଘ ଦିନର ଅଭିଜ୍ଞତା ରହିଛି । ରାଜ୍ୟ ସରକାର ତାଙ୍କୁ ପଦୋନ୍ନତି ଦେଇ ନବରଙ୍ଗପୁର ଜିଲ୍ଲାର ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ ହେବା ଆଶାରେ ବର୍ତ୍ତମାନ ଅଞ୍ଚଳବାସୀ। ଦାୟିତ୍ୱ ଗ୍ରହଣ ପରେ ଡା. ପାଢ଼ୀ କହିଛନ୍ତି ଯେ, ନବରଙ୍ଗପୁର ଜିଲ୍ଲାର ପ୍ରତ୍ୟେକ ରୋଗୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ତାଙ୍କର ପ୍ରାଥମିକତା ହେବ। ବିଶେଷକରି ମାତୃ-ଶିଶୁ ମୃତ୍ୟୁହାର ହ୍ରାସ, ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ସୁଦୃଢ କରିବା ଉପରେ ଗୁରୁତ୍ୱ ଦିଆଯିବ। ନୂତନ ସିଡିଏମ୍‌ଓଙ୍କ ଯୋଗଦାନ ପରେ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଆହୁରି ଉନ୍ନତି ଆସିବ ବୋଲି ଜିଲ୍ଲାବାସୀ ଆଶା ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି, ଡା. ପ୍ରଫୁଲ୍ଲ କୁମାର ପାଢ଼ୀ ଙ୍କର ପ୍ରଥମ ନିଯୁକ୍ତି ନବରଙ୍ଗପୁର ଜିଲ୍ଲା ନବରଙ୍ଗପୁର ବ୍ଲକ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ହୋଇଥିଲା।

# ମାନସିକ ସ୍ୱାସ୍ଥ୍ୟ ସଚେତନତା

ଜୟପୁର, ୫।୫ (ସମିସ) : ଜୟପୁରସ୍ଥିତ କନକଲତା ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଗତକାଲି ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷଙ୍କ ଜ୍ଞାନଜ କୁମାର ରାଉତରାୟ ଙ୍କ ଅଧ୍ୟକ୍ଷତାରେ ବିଦାୟକାଳିନ ସମ୍ବର୍ଦ୍ଧନା ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତିଷ୍ଠାନର ଶିକ୍ଷୟତ୍ରୀ ଚାନ୍ଦିନୀ ହନ୍ତାଳଙ୍କ ପରିଚାଳନାରେ ଉତ୍ସବରେ କନକଲତା ଶିକ୍ଷା ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟରତ ହୋଇଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ରାଉତରାୟ ସମ୍ମାନିତ କରିଥିଲେ। ଏହି ଅବସରରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡା ଭାମ୍‌ସି ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ମୁଖ୍ୟ ପ୍ରଫେସର ବେଦ ପ୍ରକାଶ କର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ, ସକାରାତ୍ମକ ଚିନ୍ତାଧାରା ଓ ଜୀବନରେ ଲକ୍ଷ୍ୟ ନିର୍ଦ୍ଧାରଣ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ପ୍ରଶାସନିକା ଅଧିକାରୀ ଉଷାରାଣୀ ପଣ୍ଡା ସମସ୍ତ କାର୍ଯ୍ୟ ସମ୍ପାଦନ ସହ ଉପସ୍ଥିତ ଅତିଥି ,ସମସ୍ତ ଶିକ୍ଷକଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ନାୟକ, ଚାନ୍ଦିନି ହନ୍ତାଳ, ଗୀତାଞ୍ଜଳି ବେହେରା, ଉଷାରାଣୀ ପଣ୍ଡା, ଦେୱାନ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଛୁରି ଦେଖାଇ ମହିଳାଙ୍କ ଠାରୁ ଲୁଟ୍



ଗୁଣୁପୁର, ୫।୫ (ସମିସ): ଗୁଣୁପୁର ପୌର ପରିଷଦ ବାବୁଲିନଗର ନିକଟସ୍ଥ ଏକ ପାର୍କ ପାଖରେ ଆଜି ଅପରାହ୍ନରେ ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ମହିମା ନଗରରେ ବସବାସ କରୁଥିବା ଟି. ବଲେଶ୍ୱରୀ ଆଚାରୀ ନାମକ ଏହି ମହିଳା ଅପରାହ୍ଣ ପ୍ରାୟ ସାଢେ ୪ଟା ସମୟରେ କୌଣସି କାମରେ ବାବୁଲିନଗର ପାର୍କ ପଟରୁ ଯାଉଥିବା ବେଳେ ଏଭଳି ଘଟଣା ଘଟିଥିଲା। ସୂଚନା ଅନୁସାରେ, ସେ ଏକା ଯାଉଥିବା ଦେଖି ତିନୋଟି ବାଇକ୍‌ରେ ଆସିଥିବା କିଛି ଦୁର୍ବୃତ୍ତ ପାର୍କ ନିକଟରେ ତାଙ୍କୁ ଅଟକାଇଥିଲେ। ପରେ ଛୁରୀ ଦେଖାଇ ଭୟଭୀତ କରି ତାଙ୍କ

## ମଙ୍ଗଳସୂତ୍ର ଟାଣି ନେଲେ ଦୁର୍ବୃତ୍ତ

ବେକରେ ଥିବା ମଙ୍ଗଳସୂତ୍ରକୁ ଟାଣି ନେଇ ପଳାଇଯାଇଥିଲେ। ଘଟଣା ସମୟରେ ଅଞ୍ଚଳରେ ପବନ ଓ ବର୍ଷା ହେଉଥିଲା। ଘଟଣା ହଠାତ୍ ଘଟିଥିବାରୁ ମହିଳା ଭୟଭୀତ ହୋଇପଡିଥିଲେ ଓ କୌଣସି ପ୍ରକାର ପ୍ରତିବାଦ ମଧ୍ୟ କରିପାରି ନଥିବା କହିଛନ୍ତି। ଏନେଇ ମହିଳା ଜଣକ ଗୁଣୁପୁର ପୁଲିସ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ପରେ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଥିବା ବେଳେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଲୁଟ୍‌ର ସିକାର ହୋଇଥିବା ମହିଳା ଓ ସ୍ଥାନୀୟ ଲୋକମାନେ ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଗିରଫ କରିବାକୁ ପୁଲିସ ନିକଟରେ ଦାବି କରିଛନ୍ତି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସବ୍-ଇନ୍ସପେକ୍ଟର ରଞ୍ଜିତ ତ୍ରିପାଠୀଙ୍କ ନେତୃତ୍ୱରେ ଟିମ୍ ନିକଟସ୍ଥ ଘରଗୁଡିକର ସିସିଟିଭି କ୍ୟାମେରା ଯାଞ୍ଚ କରୁଛି। ମହିଳା ଜଣଙ୍କ ଅତି ଗରିବ ଓ ସେ ଘର ଘର ବୁଲି କାମ କରୁଥିବା ଜଣାପଡ଼ିଛି।

# ମ୍ୟାଟ୍ରିକ୍ ଟପ୍ପର୍ ଆଖି ମଣ୍ଡଳ ସମ୍ମାନିତ



ଏମିଭି୭୯, ୫।୫ (ସମିସ): ସଂଘର୍ଷ ଓ ପରିଶ୍ରମର ଅଦ୍ଭୁତ ମିଶ୍ରଣରେ ଉଜ୍ଜ୍ୱଳ ସଫଳତା ଲେଖିଛନ୍ତି ଏମଭି୭୯ ସରକାରୀ ସାବରୀ ବିଦ୍ୟା ଭବନର ଛାତ୍ରୀ କୁମାରୀ ଆଖି ମଣ୍ଡଳ। ଚଳିତ ବର୍ଷ ମାଧ୍ୟମିକ ପରୀକ୍ଷାରେ ସର୍ବାଧିକ ନମ୍ବର ଅର୍ଜନ କରି ବିଦ୍ୟାଳୟର ଗୌରବ ବଢ଼ାଇଥିବା ଆଖିଙ୍କୁ ପୂର୍ବତନ ଛାତ୍ରଛାତ୍ରୀ (୧୯୮୦୧୯୯୦ ବ୍ୟାଚ୍) ପକ୍ଷରୁ ପ୍ରଥମଥର ପାଇଁ ସ୍ୱର୍ଗତ ମାଣିକ ଲାଲ ଘୋଷ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଆଖିଙ୍କୁ ଉତ୍ତରୀୟ, ପ୍ରମାଣପତ୍ର ସହ ନଗଦ ୧୦,୦୦୦ ଟଙ୍କା ପୁରସ୍କାର ଦିଆଯାଇଥିଲା। ରାକ୍ଷୀ ମଣ୍ଡଳଙ୍କ ଆଇଙ୍କ ଦୋକାନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ରଛାତ୍ରୀମାନେ ଆଖିଙ୍କୁ ସମ୍ମାନିତ କରିଥିଲେ। ସଭାରେ ଛାତ୍ର ସଂଘ ସହସଭାପତି ଦୀପକ ଦତ୍ତ, ସମ୍ପାଦକ ପ୍ରଶାନ୍ତ ସର୍ଦ୍ଦାର, ସହ-ସମ୍ପାଦକ ସଚିନ କୃଷ୍ଣ ସାନା, କୃଷ୍ଣ ମଣ୍ଡଳ, କୋଷାଧ୍ୟକ୍ଷ ଗୋବିନ୍ଦ ହାଲଦାର, ଉପଦେଷ୍ଟା ସମୀର ମିସ୍ତ୍ରୀ, ସୁରେଶ ମେହତା ଓ ଦୟାଳ ବୈରାଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବୁଲବୁଲି ମଜୁମଦାର, ଗୋବିନ୍ଦ ରାୟ, ପରିମଳ ମଣ୍ଡଳ, ସନ୍ତୋଷ ବରାଳ, ସୁଶେନ ବରାଳ, ଶଶାନ ସରକାର, ଦିଲ୍ଲୀପ ମଣ୍ଡଳ ଓ ନାରାୟଣ

## ମିଳିଲା ୧୦ ହଜାର ଟଙ୍କା ପୁରସ୍କାର

ବୈଦ୍ୟ ସହ ଅନେକ ପୂର୍ବତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ଆଖିଙ୍କ ମାତା ଓ ମାମୁଁ ସହ ଗ୍ରାମବାସୀମାନେ ମଧ୍ୟ ଉପସ୍ଥିତ ରହି ତାଙ୍କୁ ଆଶୀର୍ବାଦ ଜଣାଇଥିଲେ। ଆଖି ପିଲାଦିନରୁ ଆଇଙ୍କ ଘରେ ରହି ମାମୁଁଙ୍କ ଦୋକାନରେ ସହଯୋଗ କରିବା ସହ ପଢ଼ା ଜାରି ରଖିଥିଲେ। ଘରୋଇ ଦାୟିତ୍ୱ ସହ ବିଭିନ୍ନ ପ୍ରତିକୂଳତାକୁ ଜୟ କରି ସେ ଚଳିତ ମାଟ୍ରିକ୍ ପରୀକ୍ଷାରେ ୪୮୦ ନମ୍ବର ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇଛି। ପୂର୍ବତନ ଛାତ୍ରଛାତ୍ରୀମାନେ କହିଥିଲେ, ପରିବେଶ ଯେତେ ପ୍ରତିକୂଳ ହେଉ ନାହିଁ, ଦୃଢ଼ ଇଚ୍ଛାଶକ୍ତି ଓ ଅନବରତ ପରିଶ୍ରମ ଥିଲେ ସଫଳତା ନିଶ୍ଚିତ। ଏହି ସ୍ମାରକୀ ସମ୍ମାନ ପ୍ରତିବର୍ଷ ଜାରି ରହିବ ଓ ପ୍ରତିବର୍ଷର ମ୍ୟାଟ୍ରିକ୍ ଟପ୍ପର ସମ୍ମାନିତ କରାଯିବ ବୋଲି ସେମାନେ ଜଣାଇଥିଲେ। ସ୍ମରଣୀୟ ଯେ, ସ୍ୱର୍ଗତ ମାଣିକ ଲାଲ ଘୋଷ ଏମଭି୭୯ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ଥିଲେ। ସେ ନିଜ ଜୀବନକାଳରେ ଅନେକ ଛାତ୍ରଛାତ୍ରୀଙ୍କୁ ମଣିଷ ରୂପେ ଗଢ଼ି ତୋଳିବା ସହ ଉଚ୍ଚ ଶିକ୍ଷାରେ ପ୍ରେରିତ କରିଥିଲେ। ତାଙ୍କର ସ୍ମୃତିକୁ ଅମର ରଖିବା ପାଇଁ ଏହି ସ୍ମାରକୀ ସମ୍ମାନର ଆରମ୍ଭ ହୋଇଛି। ଏହାସହ ଏହି ବ୍ୟାଚ୍ ପକ୍ଷରୁ ବନ୍ଧୁମିଳନ, ରକ୍ତଦାନ ଶିବିର, ବୃକ୍ଷରୋପଣ, ଚିକିତ୍ସା ସହାୟତା ଓ ଫଳ ବଣ୍ଟନ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜିତ ହୋଇଆସୁଛି। ଆଖିଙ୍କ ସଫଳତାକୁ ନେଇ ପରିବାର, ଶିକ୍ଷକ ଓ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳୁଛି। ସମସ୍ତଙ୍କ ଆଶା, ସେ ଆଗାମୀ ଦିନରେ ଉଚ୍ଚ ଶିକ୍ଷାରେ ଅଧିକ ସଫଳତା ଅର୍ଜନ କରି ସମାଜ ପାଇଁ ଏକ ଆଦର୍ଶ ରୂପେ ପ୍ରତିଷ୍ଠିତ ହେବେ।

## ● ନବରଙ୍ଗପୁର-ଇନ୍ଦ୍ରାବତୀ ମୁଖ୍ୟ ରାସ୍ତାରେ ଦୁର୍ଘଟଣା

# ଡାକ୍ତରଖାନା ପଠାଇଲେ ବିଧାୟକ



ତେନ୍ତୁଳିଖୁଣ୍ଟି, ୫।୫ (ସମିସ): ନବରଙ୍ଗପୁର ଠାରୁ ଇନ୍ଦ୍ରାବତୀ ମୁଖ୍ୟରାସ୍ତା କୁକୁଡ଼ାବାଇ ଛକ ନିକଟରେ ଏକ ଦୁର୍ଘଟଣା ଘଟିଛି । ଦୁର୍ଘଟଣା ସ୍ଥଳରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ହଠାତ୍ ପହଞ୍ଚି ଆହତ ଯୁବକଙ୍କୁ ଡାକ୍ତରଖାନା ପଠାଇବା ବ୍ୟବସ୍ଥା କରିଥିଲେ। ସୂଚନା ଅନୁଯାଇ ମଙ୍ଗଳବାର ଧଣ୍ଡରା ଗ୍ରାମର ଜଣେ ଯୁବକ ନବରଙ୍ଗପୁର ଯାଇ ଫେରୁଥିବା ସମୟରେ କୁକୁଡ଼ାବାଇ ଠାରେ ହଠାତ୍ ଦୁର୍ଘଟଣାର ଶିକାର ହୋଇଥିଲେ। ସେହି ରାସ୍ତା ଦେଇ ବିଧାୟକ ଯାଉଥିବା ସମୟରେ ଉକ୍ତ ଦୁର୍ଘଟଣା ସ୍ଥଳରେ ଅଟକି ଆହତ ଯୁବକଙ୍କୁ ଉଠାଇ ଏକ ଅଟୋ ସାହାଯ୍ୟରେ ଡାକ୍ତରଖାନା ପଠାଇଥିଲେ। ଏହାପରେ ବିଭିନ୍ନ ମହଲରେ ବିଧାୟକଙ୍କୁ ପ୍ରଶଂସା କରାଯାଉଛି।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ଦୁଇ ମନ୍ତ୍ରୀ




**କୋରାପୁଟ, ୫।୫ (ସମିସ) :**

ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ କୋରାପୁଟ ପୌର ପାଳିକା ଓ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମିତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଦୁଇ ମନ୍ତ୍ରୀଙ୍କ ଦିନିକିଆ ଗସ୍ତ ଅବସରରେ କୋଟିଆ ଗସ୍ତ କରି ଫେରିବା ପରେ କୋରାପୁଟ ପୌର ପରିଷଦ ପକ୍ଷରୁ ନିର୍ମିତ ସ୍ଥାନୀୟ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଭାରତ ସ୍ୱାଧୀନତା ସଂଗ୍ରାମ ଅବସରରେ ମହାରା ଗାନ୍ଧୀଙ୍କ ଦାଣ୍ଡିଯାତ୍ରରେ ସାମିଲ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଲବଣ ସତ୍ୟାଗ୍ରହ ସ୍ମାରକୀ ଉଦ୍‌ଘାଟନ କରିଥିଲେ। ପରେ କଫି ସେଲ୍ଫି ପଏଣ୍ଟ ମଧ୍ୟ ଦୁଇ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି।ଶିଶୁ ମାନଙ୍କ ମନୋରଞ୍ଜନ ପାଇଁ ପୌର ପରିଷଦ ପକ୍ଷରୁ ପୁନଃରୁଦ୍ଧାର କରାଯାଇଥିବା ରାଜୀବ ଗାନ୍ଧୀ ଶିଶୁ ଉଦ୍ୟାନ ପାର୍କକୁ ମଧ୍ୟ ଉଦଘାଟନ କରିଥିଲେ। ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ କୋରାପୁଟ ଠାରୁ ଲୁଲା, ଶୁଙ୍କି ଠାରୁ ଆମ୍ପାବାଲି ଏବଂ ନନ୍ଦପୁର ଠାରୁ ଲମତାପୁଟ ଭାୟା ବନମାଳୀପୁଟ ପ୍ରମୁଖ ରାସ୍ତାର ଲୋକାର୍ପଣ କରିଥିଲେ। ଜୟପୁର-ବ୍ରହ୍ମପୁର ଏକ୍ସପ୍ରେସ ୱେ ରାସ୍ତାର ଡିପିଆର ପ୍ରସ୍ତୁତ ସରିଛି । ଯଥାଶିଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପୂର୍ତ୍ତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢୀ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, କୋରାପୁଟ ବିଧାୟକ ରଘୁରାମ ମାଛ, ପିଡବ୍ଲୁଡ଼ି ଅଧିକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ଉପାଧ୍ୟକ୍ଷ ସବିତା ପଣ୍ଡା,ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ପୌର ଯନ୍ତ୍ରୀ ମନୋଜ କୁମାର ପାତ୍ର, ସହକାରୀ ଯନ୍ତ୍ରୀ ନର୍ମଦା ସାହୁଙ୍କ ସହ କାଉନସିଲର ମାନେ ଉପସ୍ଥିତ ଥିଲେ।





## ରଥଖଳାରୁ...

# ତିନିରଥର ୧୦ ଚକ ନିର୍ମାଣ ଶେଷ



ପୁରୀ, ୫।୫ (ସମିସ): ଘୋଷଯାତ୍ରା ପାଇଁ ରଥଖଳା ସମ୍ପୂର୍ଣ୍ଣ ଚଳଚଞ୍ଚଳ। ବିଧି ମୁତାବକ, ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଆସନ୍ତା ଶନିବାର ଭଉଁରି। ପରମ୍ପରା ଅନୁଯାୟୀ, ଭଉଁରି ତିଥିରେ ତିନିରଥର ଚକଡେରା କାର୍ଯ୍ୟ ସମ୍ପନ୍ନ ହେବ। ଏହାକୁ ନଜରରେ ରଖି ମହାରଣା ସେବକମାନେ ପ୍ରସ୍ତୁତ ହୋଇଯାଇଛନ୍ତି। ମଙ୍ଗଳବାର ସୁଦ୍ଧା ତିନିରଥର ୪୨ଚକ ମଧ୍ୟରୁ ୧୦ଟି ଚକ ନିର୍ମାଣ ଶେଷ ହୋଇଛି। ଏଥିମଧ୍ୟରେ ଦର୍ପଦଳନ ରଥ ଏବଂ ତାଳଧ୍ୱଜ ରଥର ୩ଟି ଲେଖାଏଁ ଚକ ସରିଥିବା ବେଳେ ନନ୍ଦିଘୋଷ ରଥର ୪ଟି ଚକ ସମ୍ପୂର୍ଣ୍ଣ ହୋଇଛି। ଅନ୍ୟ ଚକଗୁଡ଼ିକରେ ପହି ପିନ୍ଧା କାର୍ଯ୍ୟ ଜାରି ରହିଛି। ସେହିପରି ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ନାହାକା ଅଖ ଉଭୟ ପାର୍ଶ୍ୱ ଗୋଲେଇ ସହ ମାଠେଣି କାର୍ଯ୍ୟ ଶେଷ ହୋଇଛି। ଭଉଁରିରେ ଏହି ନାହାକା ଅଖରେ ଚକ ଡେରା ଯିବ। ଏତତ୍‌ବ୍ୟତୀତ ତିନି ରଥର ୪ଟି ଲେଖାଏଁ ୧୨ ଫୁଟିଆ ପ୍ରଥମ ଭୂଇଁ ଓରା ଚଉପଟ ପରେ ଉଭୟପାର୍ଶ୍ୱ ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ପ୍ରତ୍ୟେକ ରଥର ପ୍ରଥମ ଭୂଇଁ ଏବଂ ମଝି ଭୂଇଁ ପାଇଁ ଆବଶ୍ୟକ ୪ଟି ଲେଖାଏଁ ଭୂଇଁ ଖମ୍ବାର ଚଉପଟ କାର୍ଯ୍ୟ ମଧ୍ୟ ସରିଛି। ରୂପକାର ସେବକମାନେ ତିନିରଥର ସାଲଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ତିନି ରଥର ୧୦ଟି ଲେଖାଏଁ ଚକ ପାଇଁ ଆବଶ୍ୟକ ଅରକଣ୍ଟା ନିର୍ମାଣ ସରି ବାକି ଚକଗୁଡ଼ିକ ପାଇଁ ଅରକଣ୍ଟା ତିଆରି ଚାଲିଛି। ସେହିପରି, ବାକି ଚକଗୁଡ଼ିକର ତୁମ୍ବ ପାଇଁ ପଦାରି ବଳା, ତୁମ୍ବ ବାହ୍ୟ ବଳା ନିର୍ମାଣ ଜାରି ରହିଛି।

**ରଥ ନିର୍ମାଣ ତଦାରଖ କଲେ କମିଟି ସଦସ୍ୟ**

ସନ୍ଧ୍ୟାରେ ରଥ ନିର୍ମାଣ ତଦାରଖ କମିଟିର ସମସ୍ତ ସଦସ୍ୟ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସେବକ ସଦସ୍ୟ ରଥ ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି। ଅପରାହ୍ଣରେ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରଥ ନିର୍ମାଣ କମିଟି ବୈଠକ ପରେ ରଥଖଳାକୁ ପରିଦର୍ଶନରେ ଯାଇ ତଦାରଖ କରିଛନ୍ତି। ତଦାରଖ କମିଟିର ବରିଷ୍ଠ ଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀ ନିର୍ମାଣ ଶେଷ ହୋଇଥିବା ଚକକୁ ବୈଷୟିକ ଦୃଷ୍ଟି କୋଣରୁ ଅନୁଧ୍ୟାନ କରି ସନ୍ତୋଷ ବ୍ୟକ୍ତ କରିଥିଲେ।

# ହାଇୱା ଚଢ଼ାଇ ସ୍କୁଟି ଚାଳକକୁ ହତ୍ୟା

ଦେବଗଡ଼, ୫।୫(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହାଇୱା ଚଢ଼ାଇ ଜଣେ ସ୍କୁଟି ଚାଳକଙ୍କୁ ହତ୍ୟା କରାଯାଇଛି। ଦେବଗଡ଼ ଥାନା ତିଳେଇବଣି ଫାଣ୍ଡି ଅନ୍ତର୍ଗତ ଚଟିବରଘାଟ ଗ୍ରାମ ନିକଟସ୍ଥ ୪୯ନମ୍ବର ଜାତୀୟ ରାଜପଥରେ ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଏନେଇ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ରିଆମାଳ ଥାନା ମହେନ୍ଦ୍ରପୁର ଗ୍ରାମର କାର୍ତ୍ତିକ ଓରାମ ଆଜି ନିଜ ସ୍ତ୍ରୀ ଗୀତା ମିଞ୍ଜଙ୍କ ସହ ତିଳେଇବଣି ବଜାରକୁ ଆସିଥିଲେ। ସେହି ସମୟରେ ଅଭିଯୁକ୍ତ ହାଇୱା ଚାଳକ ଅସନଳତା ଗ୍ରାମର ସୁଶୀଲ କିଷାନଙ୍କ ସହ କାର୍ତ୍ତିକଙ୍କ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ବଜାର ସାରି କାର୍ତ୍ତିକ ଓ ଗୀତା ମଧ୍ୟାହ୍ନରେ ଘରକୁ ଫେରୁଥିବା ବେଳେ ଚଟିବରଘାଟ ଗ୍ରାମ ନିକଟରେ ସେମାନଙ୍କ ସ୍କୁଟି ଟାୟାର୍ ପଙ୍କଚର୍ ହୋଇଯାଇଥିଲା। ସ୍ୱାମୀ-ସ୍ତ୍ରୀ ରାସ୍ତାକଡ଼ରେ ସ୍କୁଟି ସହ ଛିଡ଼ା ହୋଇଥିଲେ। ହାଇୱା ଚାଳକ ସୁଶୀଲ ସେମାନଙ୍କୁ ପିଛା କରି ସେଠାରେ ପହଞ୍ଚି କିଛି ମନ୍ତବ୍ୟ ଦେବାରୁ କାର୍ତ୍ତିକ ସହ ପୁଣିଥରେ ଯୁକ୍ତିତର୍କ ହେବା ସହ ଉଭୟ ସୁଶୀଲ ଓ କାର୍ତ୍ତିକ ପରସ୍ପରକୁ ଧମକ ଦେଇଥିଲେ। କିଛି ସମୟ ପରେ ସ୍ୱାମୀ-ସ୍ତ୍ରୀ ସ୍କୁଟି ନିକଟରେ ଛିଡ଼ା ହୋଇଥିବା ବେଳେ ଅଭିଯୁକ୍ତ ସୁଶୀଲ ହାଇୱାକୁ ସ୍କୁଟି ନିକଟରେ ଠିଆ ହୋଇଥିବା କାର୍ତ୍ତିକଙ୍କ ଉପରେ ଚଢ଼ାଇ ଦେଇ ଫେରାର୍ ହୋଇଯାଇଥିଲା। ଏହା ଦେଖି କାର୍ତ୍ତିକଙ୍କ ସ୍ତ୍ରୀ ଗୀତା ନିଜ ସମ୍ପର୍କୀୟଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ସୂଚନା ଦେବା ସହ ସେଠାରେ ପଡ଼ିଥିବା ଗୁରୁତର କାର୍ତ୍ତିକକୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତର ସେଠାରେ କାର୍ତ୍ତିକଙ୍କୁ ମୃତ ଘୋଷଣା କରିଥିଲେ।

**ହାଇୱା ଜବତ; ଅଭିଯୁକ୍ତ ଅଟକ**

ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଫେରାର୍ ହେବାକୁ ପ୍ରୟାସ କରୁଥିବା ଅଭିଯୁକ୍ତ ସୁଶୀଲଙ୍କୁ ଧରିବା ସହ ହାଇୱାକୁ ଜବତ କରିଥିଲା। ଜମନକିରା ପୁଲିସ ସହାୟତାରେ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବାକୁ ଥିବା ବେଳେ ଆସନ୍ତାକାଲି ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ଅଧିକ ତଦନ୍ତ କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ୮ରେ ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ

ପୁରୀ, ୫।୫ (ସମିସ): ଆସନ୍ତା ଜୁଲାଇ ୧୬ତାରିଖରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ ଆଗେଇ ଚାଲିଥିବା ବେଳେ ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଗଲାଣି। ଚଳିତବର୍ଷ ରଥଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରାଯିବ, ସେନେଇ ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ ପ୍ରଥମ ସମନ୍ୱୟ କମିଟି ବୈଠକ। ଟାଉନ ହଲ୍ ପରିସରରେ ପୂର୍ବାହ୍ନରେ ବସିବାକୁ ଥିବା ଏହି ବୈଠକରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅଧ୍ୟକ୍ଷତା କରିବେ। ଏଥିରେ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ପୁଲିସ ମିଳିତ ଭାବେ ରଥଯାତ୍ରାକୁ ନେଇ ସେମାନଙ୍କର ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ରଖିବେ। ବିଶେଷକରି ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡ଼ା ସଂଗ୍ରହ, ନୀତି ସମ୍ପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବ।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ନିର୍ଦ୍ଦିଷ୍ଟ ନୀତି ଆଧାରରେ ନିୟୋଜିତ କର୍ମଚାରୀଙ୍କୁ ପୂର୍ବସ୍ଥାନକୁ ଫେରାଇବା ଗ୍ରହଣୀୟ ନୁହେଁ

କଟକ, ୫।୫(ସମିସ): ଥରେ ଜଣେ କର୍ମଚାରୀଙ୍କୁ ନିର୍ଦ୍ଦିଷ୍ଟ ନୀତି ଅଧୀନରେ ନିୟୋଜିତ କରାଗଲେ, ତାଙ୍କୁ ପୁଣି ପୂର୍ବସ୍ଥାନକୁ ଫେରାଇବା ସର୍ବଦା ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ମୃତି ରଞ୍ଜନ ମହାପାତ୍ର ନାମକ ଜଣେ କର୍ମଚାରୀଙ୍କ ଆବେଦନର ଶୁଣାଣି କରି ଏପରି ରାୟ ଦେଇଛନ୍ତି। ଏନେଇ ଜଣକିଆ ବିଚାରପତିଙ୍କ ପୂର୍ବ ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଆବେଦନକାରୀ କର୍ମଚାରୀଙ୍କୁ ତୁରନ୍ତ ତାଙ୍କର ନିୟୋଜିତ ବିଭାଗରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ। ବେତନ କ୍ଷେତ୍ରରେ ହୋଇଥିବା କ୍ଷତିକୁ ଭରଣା କରିବା ପାଇଁ ୮ ସପ୍ତାହ ମଧ୍ୟରେ ବକେୟା ଅର୍ଥର ୫୦ପ୍ରତିଶତ ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ, ଆବେଦନକାରୀ କର୍ମଚାରୀ, କଟକ ସେଟଲମେଣ୍ଟ ଅଫିସରେ 'ପେସକାର' ଭାବେ କାର୍ଯ୍ୟରତ ଥିଲେ। ତାଙ୍କୁ ୨୦୧୮ ସରକାରୀ ନୀତି ଅନୁଯାୟୀ କଟକ ଜିଲ୍ଲାପାଳଙ୍କ ଅଧୀନରେ 'ରାଜସ୍ୱ ନିରୀକ୍ଷକ' ଭାବେ ହାଇ-ଟେକ୍ ସର୍ଭେ କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଥିଲା। ମାତ୍ର, ୨୩ ଜୁନ୍ ୨୦୨୫ରେ ଏକ ଅଫିସ୍ ଆଦେଶ ମାଧ୍ୟମରେ ତାଙ୍କୁ ସେହି କାର୍ଯ୍ୟରୁ ଅବ୍ୟାହତି ଦେଇ ପୁଣିଥରେ ସେଟେଲମେଣ୍ଟ ଅଫିସକୁ ଫେରିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ବିରୋଧ କରି ସେ ପ୍ରଥମେ ଜଣକିଆ ବିଚାରପତିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେଠାରେ ତାଙ୍କ ଆବେଦନ ଖାରଜ ହୋଇଯାଇଥିଲା। ପରେ ଜଣକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ଦୁଇଜଣିଆ ଖଣ୍ଡପୀଠରେ ଏହି ରିଟ୍ ଆପିଲ୍ ଦାୟର କରିଥିଲେ।

ହାଇକୋର୍ଟ କହିଛନ୍ତି ଯେ ଗତ ୩୧.୦୧.୨୦୧୮ର ସରକାରୀ ରିଜୋଲ୍ୟୁସନ୍ ଅନୁଯାୟୀ, ହାଇ-ଟେକ୍ ସର୍ଭେ ପାଇଁ ନିୟୋଜନ କେବଳ ସାମୟିକ 'ଡେପୁଟେସନ' ନୁହେଁ, ବରଂ ଏହା କର୍ମଚାରୀଙ୍କୁ ସେହି ନୂତନ ପଦବୀରେ ସ୍ଥାୟୀ ଭାବେ ଅବସ୍ଥାପିତ କରିବା ପାଇଁ ଉଦ୍ଦିଷ୍ଟ। ଯେତେବେଳେ ଜଣେ କର୍ମଚାରୀଙ୍କୁ ନୂତନ ବିଭାଗରେ ନିୟୋଜିତ କରାଯାଏ ଏବଂ ସେଠାରେ ତାଙ୍କର ଅଧିକାର ବଜାୟ ରହେ, ତାଙ୍କୁ ବିନା କାରଣରେ ପୁଣି ପୁରୁଣା ବିଭାଗକୁ ପଠାଇବା ଆଇନଗତ ଭାବେ ତ୍ରୁଟିପୂର୍ଣ୍ଣ ବୋଲି କହିଛନ୍ତି ଖଣ୍ଡପୀଠ। ପୁନଃ ନିୟୋଜନ କାରଣରୁ କର୍ମଚାରୀଙ୍କ ଦରମା କମିଯାଉଥିବାରୁ ଏହା କର୍ମଚାରୀଙ୍କ ପାଇଁ କ୍ଷତିକାରକ ବୋଲି ହାଇକୋର୍ଟ କହିଛନ୍ତି।

## ରାଜ୍ୟରେ ସଡ଼କ ଦୁର୍ଘଟଣା ନେଇ ଚିନ୍ତାଜନକ ସ୍ଥିତି

# ସଚେତନତା ସହ ଏନଫୋର୍ସମେଣ୍ଟ ବ୍ୟାପକ କରିବାକୁ ଆରଟିଓଙ୍କୁ ନିର୍ଦ୍ଦେଶ

କଟକ,୫।୫(ସମିସ): ପ୍ରତିଦିନ ଯେଉଁଭଳି ସଡ଼କ ଦୁର୍ଘଟଣା ଘଟୁଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ଏହାକୁ ହ୍ରାସ କରିବା ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ତେଣୁ ସମସ୍ତ ଆରଟିଓଙ୍କୁ ଗ୍ରାଉଣ୍ଡ ଜିରୋରେ ଏ ଦିଗରେ ବ୍ୟାପକ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ କମିସନର ଅମିତାଭ ଠାକୁର। ସଡ଼କ ଦୁର୍ଘଟଣା ହ୍ରାସ ନିମନ୍ତେ ପରିବହନ ବିଭାଗ ତତ୍ପରତା ପ୍ରକାଶ କରିଛି। ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଥିବା ବେଳେ ସମସ୍ତ ଉପ ପରିବହନ ଆୟୁକ୍ତ (ଡିସିଟି), ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଓ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଏଆରଟିଓ)ଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି ପରିବହନ କମିସନର।

ସେହିଭଳି, ଆରଟିଓମାନଙ୍କ ଦକ୍ଷତା ରିପୋର୍ଟରେ ଆଗକୁ ସଡ଼କ ସୁରକ୍ଷା ଦିଗରେ କରାଯାଇଥିବା କାର୍ଯ୍ୟ ବା ନିଆଯାଇଥିବା ପଦକ୍ଷେପର ମଧ୍ୟ ଏକ ବିଶେଷ ଭୂମିକା ରହିବ ବୋଲି ସେ ସୂଚାଇ ଦେଇଛନ୍ତି। ଏହାସହ ପରିବହନ ସମ୍ବନ୍ଧୀୟ ସେବା ପ୍ରଦାନରେ ଗତବର୍ଷ କେଉଁ ଆରଟିଓଙ୍କ ପ୍ରଦର୍ଶନ କ'ଣ ରହିଥିଲା, ତାହାର ମଧ୍ୟ ଏହି

- ସଡ଼କ ସୁରକ୍ଷା ସମ୍ପର୍କିତ ପଦକ୍ଷେପ ଆଧାରରେ ଆରଟିଓଙ୍କ ଦକ୍ଷତା ରିପୋର୍ଟ
- କାର୍ଯ୍ୟ ସମୀକ୍ଷା କଲେ ପରିବହନ କମିସନର

ବୈଠକରେ ସମୀକ୍ଷା କରାଯାଇଥିଲା। ଏହାବ୍ୟତୀତ ପ୍ରତି ଜିଲ୍ଲାସ୍ତରରେ ସଡ଼କ ସୁରକ୍ଷା ପାଇଁ ଯେଉଁ ଯେଉଁ ଆହ୍ୱାନ ରହିଛି, ପ୍ରତି ବିଭାଗର ସମନ୍ୱୟ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ଏହାର ସମାଧାନ କରାଯିବ। କେବଳ ରେଗୁଲେଟର୍ ବା ନିୟନ୍ତ୍ରକ ଭୂମିକା ନିର୍ବାହ ନୁହେଁ, ଏଜୁକେଟର୍ ଭାବରେ ମଧ୍ୟ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଦାୟିତ୍ୱ ନେବାକୁ ହେବ। ଜନସାଧାରଣଙ୍କ ମଧ୍ୟରେ ନିୟମ ଉଲ୍ଲଙ୍ଘନ ଓ ଏହାର ଭୟାବହତା ସଂପର୍କରେ ସଚେତନତା ସୃଷ୍ଟି କରି ଏନଫୋର୍ସମେଣ୍ଟକୁ କଡ଼ାକଡ଼ି କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚଲାଇବା, ମାଲବାହୀ ଗାଡ଼ିରେ ଯାତ୍ରୀ ନେବା, ରାଜପଥରେ ଅବୈଧ ପାର୍କିଂ କରିବା, ମନଇଚ୍ଛା ଗାଡ଼ିର ଆକାରରେ ପରିବର୍ତ୍ତନ କରି ଭାରସାମ୍ୟ ହରାଇବା, ଗାଡ଼ି ଚଲାଇବା ବେଳେ ମୋବାଇଲ ବ୍ୟବହାର କରିବା ଭଳି ନିୟମ ଉଲ୍ଲଙ୍ଘନକୁ ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଡ୍ରାଇଭିଂ ଲାଇସେନ୍ସ ପ୍ରଦାନରେ ସଂସ୍କାର, ଗାଡ଼ିର ଫିଟନେସରେ ସ୍ୱଚ୍ଛତା ଅବଲମ୍ବନ ପାଇଁ କୁହାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିବା ବେଳେ ଆଭାସୀ ଜରିଆରେ ଆରଟିଓମାନେ ଉପସ୍ଥିତ ଥିଲେ।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ୨୧ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୫।୫(ସମିସ): ପୁରୀ ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପ୍ରଫେସର୍, ଆସିଷ୍ଟାଣ୍ଟ ପ୍ରଫେସର୍ ଓ ଆସୋସିଏଟ୍ ପ୍ରଫେସର୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ୪ଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଏସବୁ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏହାକୁ ମିଶାଇ ଏହି ସଂଖ୍ୟା ମୋଟ୍ ୫ରେ ପହଞ୍ଚିଛି। ଓଡ଼ିଆ ବିଶ୍ୱବିଦ୍ୟାଳୟରେ ମୋଟ୍ ୨୧ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଶାୟୀମାନେ ଏଥିପାଇଁ ଆଜିଠାରୁ ଜୁନ୍ ୪ ତାରିଖ ଯାଏଁ ଅନଲାଇନ୍‌ରେ ଆବେଦନ କରିପାରିବେ। ସେହିପରି ଜୁନ୍ ୯ତାରିଖ ମଧ୍ୟରେ ଏହାର ହାର୍ଡକପି ପୋଷ୍ଟାଲ୍ ମାଧ୍ୟମରେ ବିଶ୍ୱବିଦ୍ୟାଳୟକୁ ପଠାଇବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏସବୁ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଖୁବ୍‌ଶୀଘ୍ର ଅବଶିଷ୍ଟ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ବିଭାଗ ସୂତ୍ରରୁ ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

# 'ଧରଣୀଧରଙ୍କ ତ୍ୟାଗ, ସାହସ ଓ ସଂଗ୍ରାମ ପ୍ରେରଣାଦାୟକ'

ଭୁବନେଶ୍ୱର, ୫।୫ (ସମିସ): ମହାନ ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ) ଓଡ଼ିଶା ଇତିହାସର ଜଣେ ଅସାଧାରଣ ସଂଗ୍ରାମୀ ନାୟକ ଥିଲେ। ଜନଜାତି ସମାଜର ଅଧିକାର, ସ୍ୱାଭିମାନ ଓ ଅସ୍ମିତାର ସୁରକ୍ଷା ପାଇଁ ସେ ନିଜ ଜୀବନକୁ ସମର୍ପିତ କରିଥିଲେ। ଇଂରେଜ ଶାସନ ବିରୋଧରେ ତାଙ୍କର ସାହସିକ ସଂଗ୍ରାମ ଭାରତୀୟ ମୁକ୍ତି ଆନ୍ଦୋଳନରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି। ତାଙ୍କର ଆଦର୍ଶ ଓ ଜୀବନଦର୍ଶନ ଆଜି ମଧ୍ୟ ସମାଜକୁ ସତ୍ୟ, ସାହସ ଓ ନ୍ୟାୟର ପଥରେ ଆଗକୁ ଆଣିବାରେ ପ୍ରେରଣା ଦେଇଆସୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ମଙ୍ଗଳବାର ଜୟଦେବ ଭବନରେ ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଜୟନ୍ତୀ ସମାରୋହରେ ବିଧାୟକ ବାବୁ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଧରଣୀଧରଙ୍କ ସାହସିକତା, ଦୃଢ଼ ନେତୃତ୍ୱ ଓ ଜନଜାତି ସମାଜ ପ୍ରତି ତାଙ୍କର ସମର୍ପଣକୁ ସ୍ମରଣ କରିଥିଲେ। ସେ କହିଥିଲେ, ଧରଣୀଧରଙ୍କ ଜୀବନ ଆମକୁ ଅନ୍ୟାୟ ବିରୋଧରେ ଦୃଢ଼ ଭାବେ ଦଣ୍ଡାୟମାନ ହେବାକୁ ଶିଖାଏ। ତାଙ୍କର ସଂଗ୍ରାମ ଆଜିର ଯୁବପିଢ଼ିଙ୍କୁ ସ୍ୱାଭିମାନ ଓ ସମର୍ପଣର ମୂଲ୍ୟ ବୁଝାଏ ଏବଂ ତାଙ୍କର ଆଦର୍ଶକୁ ଅନୁସରଣ କରି ସଶକ୍ତ ସମାଜ ଗଢ଼ିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଥିଲେ।




ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ଧରଣୀଧରଙ୍କ ଜୀବନ ଓ ସଂଗ୍ରାମ ଉପରେ ବକ୍ତବ୍ୟ ରଖି ସେ ଜନଜାତି ସମାଜର ଆତ୍ମସମ୍ମାନର ପ୍ରତୀକ ଥିଲେ ବୋଲି କହିଥିଲେ। ପ୍ରଫେସର୍ ରାମଚନ୍ଦ୍ର ରାଉତ, କେନ୍ଦୁଝର ନାଗରିକ ବିକାଶ ପରିଷଦର ସଭାପତି ପ୍ରଫେସର୍ ଡ. ହାଡିବନ୍ଧୁ ପଟ୍ଟନାୟକ, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ଉପଦେଷ୍ଟା କାମପାଳ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ପ୍ରାରମ୍ଭରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହାସମାଜର ସଭାପତି ମେଘନାଦ ନାୟକ ଧନ୍ୟବା ଦେଇଥିଲେ। ଏହି ଅବସରରେ ଶ୍ୱେତପଦ୍ମ କଲଚରାଲ୍ ଟ୍ରଷ୍ଟର ଦୃଷ୍ଟିବାଧିତ କଳାକାରମାନେ ଭଜନ ଓ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରିବା ସହ ସୁନ୍ଦରଗଡ଼ର ଭୂୟାଁ ସାମଜର ଦିବିଶା ଦେହେରୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ ସଂଯୋଜନା କରିଥିଲେ।

# ଯୌନ ନିର୍ଯାତନା ମାମଲାରେ ପୀଡ଼ିତାଙ୍କ ପରିଚୟ ଗୋପନ ରଖିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୫।୫(ସମିସ): ଯୌନ ନିର୍ଯାତନା ମାମଲାରେ ପୀଡ଼ିତାଙ୍କ ପରିଚୟ ଗୋପନ ରକ୍ଷା କରିବା ପାଇଁ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟଙ୍କ ବିଭିନ୍ନ ନିଷ୍ପତ୍ତିକୁ ଆଧାର କରି ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ଏକ ଆଦେଶ ଜାରି କରାଯାଇଛି। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ଯୌନ ଅପରାଧ ସହ ଜଡ଼ିତ ମାମଲାଗୁଡ଼ିକରେ ପୀଡ଼ିତାଙ୍କ ପରିଚୟ ଯେପରି କୌଣସି ସ୍ତରରେ ପ୍ରକାଶ ନପାଏ, ସେଥିପାଇଁ କଠୋର ନିୟମ ଲାଗୁ କରାଯାଇଛି। ଯଦି କୌଣସି ପିଟିସନ୍, ସତ୍ୟପାଠ କିମ୍ବା ଦସ୍ତାବିଜ୍‌ରେ ପୀଡ଼ିତାଙ୍କ ନାମ, ଠିକଣା ବା ପରିଚୟ ମିଳିବା ଭଳି କୌଣସି ସୂଚନା ଥାଏ, ତେବେ ଷ୍ଟାମ୍ପ ରିପୋର୍ଟର୍‌ମାନେ ତାହାକୁ ଏକ 'ତ୍ରୁଟି' ଭାବେ ଗଣନା କରିବେ। ମାମଲା ଦାୟର କରିବା ସମୟରେ ଆଇନଜୀବୀମାନେ ପିଟିସନ ଶୀର୍ଷରେ ଏହା ପୋକ୍ସୋ ବା ଅନ୍ୟାନ୍ୟ ଯୌନ ଅପରାଧ ସମ୍ବନ୍ଧୀୟ ମାମଲା ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିବେ। ଏହାଦ୍ୱାରା ରେଜିଷ୍ଟ୍ରି ବିଭାଗ ସତର୍କତା ଅବଲମ୍ବନ କରିପାରିବ। ପୂର୍ବରୁ ଥିବା ରେକର୍ଡଗୁଡ଼ିକରେ ଯଦି ପୀଡ଼ିତାଙ୍କ ପରିଚୟ ପ୍ରକାଶ ପାଇଛି, ସଂପୃକ୍ତ ଆଇନଜୀବୀ ସେହି ସୂଚନାଗୁଡ଼ିକୁ କାଟି ସାନି ଦସ୍ତାବିଜ୍ ଦାଖଲ କରିବେ। ମୂଳ ଅସଂଶୋଧିତ ଦସ୍ତାବିଜ୍‌ଟି କେବଳ କୋର୍ଟଙ୍କ ଗୋପନୀୟ ରେକର୍ଡ ପାଇଁ ଏକ ସିଲ୍ କଭର୍‌ରେ ରହିବ। ସେହିଭଳି କାଗଜବିହୀନ ବ୍ୟବସ୍ଥାରେ କେବଳ ସଂଶୋଧିତ ବା ପରିଚୟହୀନ କପି ହିଁ ଅପଲୋଡ୍ କରାଯିବ। ଏପରିକି, ଆଡଭୋକେଟ୍ ଜେନେରାଲଙ୍କୁ ପ୍ରଦାନ କରାଯାଉଥିବା ନକଲରେ ମଧ୍ୟ କୌଣସି ସମ୍ବେଦନଶୀଳ ତଥ୍ୟ ରହିବ ନାହିଁ।

ପୂର୍ବରୁ ବିଚାରାଧୀନ ରହିଥିବା ସମସ୍ତ ମାମଲା କ୍ଷେତ୍ରରେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ ହେବ। ହାଇକୋର୍ଟ ରେଜିଷ୍ଟ୍ରାର୍ ଜେନେରାଲଙ୍କ ଦ୍ୱାରା ଜାରି ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଏହି ନିୟମ ତୁରନ୍ତ କାର୍ଯ୍ୟକାରୀ ହେବ। ଏଥିରେ କୌଣସି ପ୍ରକାରର ଅବହେଳା କରାଗଲେ, ତାହାକୁ ଗମ୍ଭୀରତାର ସହ ନିଆଯିବ। ଏହି ନିର୍ଦ୍ଦେଶାବଳୀର ନକଲ ସମସ୍ତ ଜିଲ୍ଲା ଜଜ୍, ଓଡ଼ିଶା ଜୁଡିସିଆଲ ଏକାଡେମି ଏବଂ ବାର୍ ଆସୋସିଏସନକୁ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି।

## ପଲାସା ଇଚ୍ଛାପୁରମକୁ ଦକ୍ଷିଣତଟ ରେଳବାଇରେ ସାମିଲ ନେଇ ବିଜ୍ଞପ୍ତି

# ଅକୁଣ୍ଠ ସମର୍ଥନ ପ୍ରତିବଦଳରେ ଓଡ଼ିଶାବାସୀଙ୍କୁ ଧୋକା ଦେଉଛି ଡବଲ ଇଞ୍ଜିନ ସରକାର: ବିଜେଡି

ଭୁବନେଶ୍ୱର,୫।୫(ସମିସ): ଆସନ୍ତା ଜୁନ୍ ପହିଲାରୁ ଆରମ୍ଭ ହେବାକୁ ଯାଉଥିବା ରାୟଗଡ଼ା ଡିଭିଜନ୍ ପାଇଁ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ରାୟଗଡ଼ା ଡିଭିଜନ୍ ଓ ରେଳ ମନ୍ତ୍ରାଳୟର ନୂଆ ଜୋନ୍ ଦକ୍ଷିଣତଟ ରେଳବାଇ ପୂର୍ବତଟ ଅଧୀନରେ ଥିବା ୱାଲଟିୟର୍ ଡିଭିଜନ୍‌କୁ ୨ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ଭାଗ ରାୟଗଡ଼ା ଡିଭିଜନ୍ ପୂର୍ବତଟ ରେଳବାଇ ଅଧୀନରେ ରଖାଯାଇଥିବା ବେଳେ ଆଉ ଏକ ଭାଗକୁ ନୂତନ ଭାବେ ଗଠନ ହୋଇଥିବା ଦକ୍ଷିଣତଟ ରେଳବାଇ ଜୋନ୍ ଅଧୀନରେ ରଖାଯାଇଛି। ଏହାକୁ ନେଇ ଆଜି କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ଡବଲ ଇଞ୍ଜିନ୍ ସରକାର ଓଡ଼ିଶାବାସୀଙ୍କ ଅକୁଣ୍ଠ ସମର୍ଥନ ବଦଳରେ କେବଳ ଧୋକା ଦେଉଛି। ବିଜେପିର ୨୦ ଲୋକସଭା ସାଂସଦ ଓଡ଼ିଶାକୁ କେନ୍ଦ୍ର ଅବହେଳା ପ୍ରସଙ୍ଗରେ ଆଖିବୁଜି ଦେଇ ବସି ରହୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି।

ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ୱାଲଟିଅର୍ ଡିଭିଜନ୍ ଯାହା ପୂର୍ବରୁ ପୂର୍ବତଟ ରେଳବାଇ ଅଧୀନରେ ଥିଲା, ତାକୁ ଭାଙ୍ଗି ରାୟଗଡ଼ା ଓ ବିଶାଖାପଟ୍ଟନମ୍‌ରେ ବିଭକ୍ତ କରାଯାଇଛି। ରାୟଗଡ଼ା ଡିଭିଜନ୍‌କୁ ପୂର୍ବତଟ

- ଓଡ଼ିଶାର ଅଞ୍ଚଳକୁ ଆନ୍ଧ୍ରକୁ ଟେକି ଦିଆଯାଉଛି
- ଓଡ଼ିଶାର ହକ୍ ପାଇଁ ବିଜେପି ସାଂସଦ, ନେତାଙ୍କ ମୁହଁରେ ତୁଣ୍ଡି
- କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଅଞ୍ଚଳକୁ ପୂର୍ବତଟ ରେଳବାଇ ଅଧୀନକୁ ଅଣାଯାଉ

ରେଳବାଇରେ ରଖାଯାଇଛି। ବର୍ତ୍ତମାନ ନୂତନ ଗଠିତ ରାୟଗଡ଼ା ଡିଭିଜନରେ ମୋଟ ୬୯୬ କିଲୋମିଟର ରୁଟ୍ ରହିଛି। ତେବେ ରାୟଗଡ଼ା ଡିଭିଜନ୍ ଭିତରେ ଥିବା ଅନେକ ଅଞ୍ଚଳ ଏବେବି ୱାଲଟିୟର୍ ଡିଭିଜନ୍‌ରେ ରହିଛି। ଏହାଛଡ଼ା ଖୋର୍ଦ୍ଧାରୋଡ୍ ଡିଭିଜନ୍‌ରେ ଥିବା ପଲାସା ଇଚ୍ଛାପୁରମ ୫୩କିଲୋମିଟର ରୁଟ୍‌କୁ ମଧ୍ୟ ବିଶାଖାପଟ୍ଟନମ ଡିଭିଜନ୍‌ରେ ମିଶାଯାଇଛି। ଏହାଦ୍ୱାରା ପୂର୍ବତଟ ରେଳବାଇର ରାଜସ୍ୱ ହ୍ରାସ ହେବ ବୋଲି ପ୍ରତିବାଦ କରାଯାଇ ବିଜେଡି ସମେତ ଅନ୍ୟ ରାଜନୈତିକ ଦଳମାନଙ୍କ ଦ୍ୱାରା ସ୍ମାରକପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ରେଳ ବିଭାଗ କର୍ଣ୍ଣପାତ କରୁନାହିଁ।

ବର୍ତ୍ତମାନ ପୂର୍ବତଟ ଅଧୀନରେ ସମ୍ବଲପୁର ଡିଭିଜନ୍, ଖୋର୍ଦ୍ଧା ରୋଡ୍ ଡିଭିଜନ ଓ ରାୟଗଡ଼ା ଡିଭିଜନ୍ ରହିଛି। ଜୁନ୍ ପହିଲାରୁ ରାୟଗଡ଼ା ଡିଭିଜନ୍ କାର୍ଯ୍ୟକ୍ଷମ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ତେଣୁ, ପୂର୍ବତଟ ରେଳବାଇର କ୍ଷତିକୁ ଭରଣା କରିବା ସହ ଏହାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶାର ଅନ୍ୟ ଅଞ୍ଚଳ ଯଥା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଇତ୍ୟାଦିକୁ ମଧ୍ୟ ପୂର୍ବତଟ ରେଳବାଇରେ ସାମିଲ କରାଯାଉ ବୋଲି ବିଜେଡି ଦାବି କରିଛି ବୋଲି ଡ. ମହାନ୍ତି କହିଛନ୍ତି।

## ଇଚ୍ଛାଶକ୍ତି ଆଗରେ ହାର୍ ମାନିଲା ପ୍ରତିବନ୍ଧକ

# ପାଦରେ ଲେଖି ମାଟ୍ରିକ ପାସ୍ କଲେ ଲକ୍ଷ୍ମୀ

ମାଲକାନଗିରି, ୫।୫ (ସମିସ): ଦୃଢ଼ ଇଚ୍ଛାଶକ୍ତି ଆଗରେ ସବୁ ପ୍ରତିବନ୍ଧକ ହାର ମାନିଥାଏ। ଏହି ଉକ୍ତିକୁ ପ୍ରମାଣିତ କରି ଦେଖାଇଛନ୍ତି ମାଲକାନଗିରି ଜିଲ୍ଲାର ଲକ୍ଷ୍ମୀ ଖେମୁଣ୍ଡୁ। ବନ୍ଧଗୁଡ଼ା ଗ୍ରାମର ଏହି ଭିନ୍ନକ୍ଷମ ଛାତ୍ରୀଜଣଙ୍କ ହାତ ବଦଳରେ ପାଦରେ ଲେଖି ଚଳିତ ୨୦୨୬ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସମଗ୍ର ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଲକ୍ଷ୍ମୀଙ୍କର ଏହି ବିରଳ ସଫଳତା ପରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ତାଙ୍କ ବାସଭବନ ପରିଦର୍ଶନ କରିଥିଲେ। ଲକ୍ଷ୍ମୀଙ୍କ ସହ ଆଲୋଚନା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଜିଲ୍ଲା ପ୍ରଶାସନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଲକ୍ଷ୍ମୀଙ୍କ ପିତା ନାରାୟଣ ଖେମୁଣ୍ଡୁ ଜଣେ ରାଜମିସ୍ତ୍ରୀ ଭାବେ କାମ କରି ୬ଜଣିଆ ପରିବାରର ପ୍ରତିପୋଷଣ କରୁଥିବା ବେଳେ ଝିଅର ଏହି ସଫଳତାରେ ସେ ବହୁତ ଖୁସି ଅଛନ୍ତି। ଲକ୍ଷ୍ମୀ ସିନ୍ଧ୍ରିମାଲ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ନିଜର ଉଚ୍ଚଶିକ୍ଷା ଜାରି ରଖିବେ ବୋଲି ଜଣାପଡ଼ିଛି।



## ଆଜିର ରାଶିଫଳ

**ମେଷ:** ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ସତର୍କ ରୁହନ୍ତୁ। ଅଚାନକ ଖୁସି ଖବର ପାଇବେ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ।

**ବୃଷ:** ଦିନଟି ବ୍ୟସ୍ତ ଭିତରେ ବିତିବ। ଦୀର୍ଘ ଦିନର ଅପେକ୍ଷାର ଫଳ ମିଳିବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି।

**ମିଥୁନ:** ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ। ଲୋକସମ୍ପର୍କ ବୃଦ୍ଧି ପାଇବ। ନୂତନ ଯାନବାହନ କିଣିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ଉଧାର ଟଙ୍କା ଫେରି ପାଇବେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରି ପାରନ୍ତି। ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ପୁରୁଣା ନିବେଶରୁ ଲାଭ ମିଳିପାରେ।

**କନ୍ୟା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ। ଘରେ ପୂଜାପାଠ ଆୟୋଜନ କରିବେ। ମାନସମ୍ମାନ ବୃଦ୍ଧି ପାଇବ। ଦାନ ଧର୍ମ କରନ୍ତୁ।

**ତୁଳା:** ଆଜି ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିପାରେ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିପାରେ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିପାରେ। ଭାଇ-ଭାଇ ମଧ୍ୟରେ କଳହ ଦେଖାଦେବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ। ବିବାହ ସମସ୍ୟାର ସମାଧାନ ହେବ। ଭାବି ଚିନ୍ତି ଖର୍ଚ୍ଚ କରନ୍ତୁ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ଅଛି।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ଯାତ୍ରା କରିବେ। ଉଧାର ଟଙ୍କା ଫେରିପାଇବେ।

## ଆଜିର ଇତିହାସ

- ୧୮୬୧- ମୋତିଲାଲ୍ ନେହରୁଙ୍କ ଜନ୍ମ।
- ୧୯୪୪- ପୁନେସ୍ଥିତ ଆଗା ଖାଁ ପ୍ୟାଲେସ୍‌ରୁ ଗାନ୍ଧିଜୀଙ୍କୁ ମୁକ୍ତ କରାଗଲା।
- ୧୯୭୬- ଉତ୍ତର ପୂର୍ବ ଇଟାଲୀରେ ଭୂମିକମ୍ପ ଯୋଗୁ ୧୦୦୦ ଲୋକଙ୍କ ପ୍ରାଣହାନି।
- ୨୦୦୭-ଫ୍ରାନ୍ସ ରାଷ୍ଟ୍ରପତି ନିର୍ବାଚନରେ ନିକୋଲାସ୍ ସାରକୋଜି ଜିତିଲେ।
- ୨୦୧୦- ୨୬/୧୧ ମୁମ୍ବାଇ ଆକ୍ରମଣ ଘଟଣାରେ ଅଜମଲ କସାବକୁ ମୃତ୍ୟୁଦଣ୍ଡ ଶୁଣାଗଲା।

# କେଉଁମାନଙ୍କ ପାଇଁ ଭଲ ନୁହେଁ ଆଖୁରସ

ଖରାଦିନେ ଆଇସ୍‌କ୍ରିମ୍, ଲସି, ଜୁସ୍‌ର ଚାହିଦା ବେଶି। ଏହିଦିନେ ରାସ୍ତାକଡ଼ଗୁଡ଼ିକରେ ଆଖୁରସ ମଧ୍ୟ ବିକ୍ରି ହୋଇଥାଏ। ଆଖୁ ରସରେ କ୍ୟାଲସିୟମ୍, ଆଇରନ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଫସ୍‌ଫରସ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଆଦି ତତ୍ତ୍ୱ ରହିଛି । ଏହା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଆଖୁ ରସ ଶରୀରକୁ ହାଇଡ୍ରେଟ୍ ରଖିବା ସହ ତତକ୍ଷଣାତ୍ ଶକ୍ତି ମଧ୍ୟ ଯୋଗାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞ ଅନୁସାରେ, କିଛି ଲୋକଙ୍କ ପାଇଁ ଆଖୁ ରସ କ୍ଷତିକାରକ ହୋଇପାରେ। ଆଖୁ ପ୍ରାକୃତିକ ଭାବେ ମିଠା, କିନ୍ତୁ ଏହାକୁ ରସ ଭାବେ ପିଇଲେ ଏଥିରେ ଶର୍କରା ପରିମାଣ ଅଧିକ ଥାଏ। କାରଣ ଆଖୁ ରସ କାଢ଼ିବା ସମୟରେ ଏଥିରେ ଥିବା ପ୍ରାୟ ସମସ୍ତ ଫାଇବର ଅଲଗା ହୋଇଯାଏ। ତେଣୁ ଆଖୁରସ ପିଇବା ଦ୍ୱାରା ରକ୍ତରେ ଶର୍କରା ଦ୍ରୁତ ଗତିରେ ବୃଦ୍ଧି ପାଇଥାଏ। ଏଥିପାଇଁ ଏହା ମଧୁମେହ ରୋଗୀଙ୍କ କ୍ଷତିକାରକ ହୋଇଥାଏ। ତେଣୁ ମଧୁମେହ ରୋଗୀ ଏହାକୁ ପିଇବାରୁ ଦୂରେଇ ରହିବା ଉଚିତ। ଫ୍ୟାଟି ଲିଭର, ମେଦବହୁଳତାରେ ଆକ୍ରାନ୍ତ ଲୋକେ ଆଖୁ ରସ ପିଇବା ଅନୁଚିତ। ସେହିପରି ଓଜନ କମ୍ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ବି ଆଖୁ ରସ ଭଲ ନୁହେଁ। କାରଣ ୨୫୦ ମିଲିଲିଟର ଆଖୁ ରସରେ ପ୍ରାୟ ୧୫୦-୧୮୦ କ୍ୟାଲୋରି ଥାଏ। ଏହାକୁ ପିଇବା ଦ୍ୱାରା ଶରୀରରେ ଅତିରିକ୍ତ ଚର୍ବି ଜମା ହୋଇଯାଏ। ଅନ୍ୟପଟେ ଆଖୁରସ ସହ ଜଡ଼ିତ ଅନ୍ୟ ଏକ ବିପଦ ହେଉଛି ସ୍ୱଚ୍ଛତା। ସାଧାରଣତଃ ଆମ ଦେଶରେ ରାସ୍ତା କଡ଼ରେ ଏହା ମିଳିଥାଏ। ଆଖୁ ପେଡ଼ା ଯାଉଥିବା ମେସିନ୍, ଗ୍ଲାସ୍, ବରଫ, ପାଣି ଆଦି ପରିଷ୍କାର ହୋଇ ନ ଥାଏ। ଏଥିରୁ ଜୀବାଣୁ ବୃଦ୍ଧି ପାଇବା ଆଶଙ୍କା ଥାଏ। ଏଭଳି ସ୍ଥିତିରେ ଯେଉଁମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍, ସେମାନେ ଶୀଘ୍ର ରୋଗାକ୍ରାନ୍ତ ହୋଇପାରନ୍ତି। ତା'ସହ ଏଥିଯୋଗୁ ଟାଇଫଏଡ୍, ହଇଜା ଏବଂ ହେପାଟାଇଟିସ୍ ଭଳି ରୋଗର ଆଶଙ୍କା ବଢ଼ିପାରେ।



# 'କ୍ୱିନ୍-୨' ସୁଟିଂ ଆରମ୍ଭ କଲେ କଙ୍ଗନା



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ କଙ୍ଗନା ରାଣାୱତ ଏବେ 'କ୍ୱିନ୍-୨' ସିନେମାର ସୁଟିଂ ଆରମ୍ଭ କରିଛନ୍ତି। ୨୦୧୩ ମସିହାରେ ମୁକ୍ତିଲାଭ କରିଥିବା 'କ୍ୱିନ୍' ସିନେମାର ଏହା ହେଉଛି ଦ୍ୱିତୀୟ ଭାଗ। ସିନେମାର ପ୍ରଥମ ଭାଗରେ ବି କଙ୍ଗନା ମୁଖ୍ୟ ଅଭିନେତ୍ରୀ ଭାବେ ନଜର ଆସିଥିଲେ। ଏଥିରେ ତାଙ୍କର ନିଖୁଣ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏବେ ସେ ଏହାର ସିକ୍ୱେଲର ସୁଟିଂ ଦକ୍ଷିଣ ମୁମ୍ବାଇରେ ଆରମ୍ଭ କରିଛନ୍ତି। 'ଭାରତ ଭାଗ୍ୟ ବିଧାତା'ର ସୁଟିଂ ଶେଷ ହେବା ମାତ୍ରେ କଙ୍ଗନା 'କ୍ୱିନ୍ ୨'ର ସୁଟିଂ ଆରମ୍ଭ କରି ଦେଇଥିଲେ। ଏବେ ଏହାର ସୁଟିଂ ମୁମ୍ବାଇ ଓ ଏହାର ଆଖପାଖ ଅଞ୍ଚଳରେ ହେବ। ବିକାଶ ବହଲ ଏହାର ନିର୍ଦ୍ଦେଶନା ଦେବା ସହ କାହାଣୀ ଓ ସହ ପ୍ରଯୋଜନା ଦାୟିତ୍ୱରେ ରହିବେ। ଏହାର ନାମ 'କ୍ୱିନ୍ ୨' ବଦଳରେ 'କ୍ୱିନ୍: ଫର୍‌ଏଭର୍' ରଖାଯିବା ଉପରେ ଚର୍ଚ୍ଚା ହେଉଛି। 'କ୍ୱିନ୍ ୨'ର କାହାଣୀ ଏହାର ମୂଳ ଫିଲ୍ମର କାହାଣୀକୁ ଆଗକୁ ବଢାଇବ ନାହିଁ ବରଂ ଏଥିରେ ରାନୀର ଚରିତ୍ର ବୁଦ୍ଧିମାନ, ସଶକ୍ତ ଏବଂ ନିଆରା ହେବ। ତା'ସହ ଏଥିରେ ବି ପ୍ରଥମ ସିନେମା ଭଳି ଆତ୍ମ-ସନ୍ଧାନ ଏବଂ ଆତ୍ମନିର୍ଭରଶୀଳତାର ପ୍ରସଙ୍ଗ ରହିବ। ଏହି ସିନେମାରେ ବି ରାନୀ ଉତ୍ତର ଭାରତର ଏକ ଛୋଟ ସହରର ମହିଳା ହୋଇଥିଲେ ହେଁ ତାଙ୍କ ରୂପ-ରଙ୍ଗ ସମ୍ପୂର୍ଣ୍ଣ ଅଲଗା ରହିବ ବୋଲି କୁହାଯାଇଛି।

# କାର୍ଡବୋର୍ଡ ଘରେ ବିତୁଛି ଜୀବନ



ବିଶ୍ୱର ଧନୀ ସହର ମଧ୍ୟରୁ ଅନ୍ୟତମ ହଂକଂ। ଏହି ସହରକୁ ନେଇ ଏମିତି ଏକ ଭିଡିଓ ଭାଇରାଲ ହେଉଛି ଯାହାକି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଭିଡିଓରେ ଘରୋଇ ସହାୟିକାମାନଙ୍କ ଜୀବନ କାର୍ଡବୋର୍ଡ ଘରେ ବିତୁଥିବାର ଦେଖା ଯାଇଛି। ସେମାନେ ପୋଲ ଏବଂ ଅଣ୍ଡରପାସ୍ ତଳେ ଅସ୍ଥାୟୀ କାର୍ଡବୋର୍ଡ 'ଘରେ' ବସି ବିଶ୍ରାମ ନେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଭିଡିଓଟିକୁ ଇନ୍‌ଷ୍ଟାଗ୍ରାମ୍‌ରେ କଣ୍ଟେଣ୍ଟ କ୍ରିଏଟର ରାଫା ସେୟାର୍ କରିଛନ୍ତି। ସେ କହିଛନ୍ତି, ହଂକଂରେ 'ଲାଇଭ୍ ଇନ୍' ନିୟମ ପ୍ରଚଳିତ। ଏହି ନିୟମ ଅନୁସାରେ, ବିଦେଶୀ ଘରୋଇ କର୍ମଚାରୀଙ୍କୁ ନିଯୁକ୍ତିଦାତାଙ୍କ ଘରେ ହିଁ ରହିବାକୁ ହୋଇଥାଏ। ଏଭଳି ସ୍ଥିତିରେ ସେମାନଙ୍କର ନିଜର ଅଲଗା ଘର ନ ଥାଏ। ଇଣ୍ଡୋନେସିଆ ତଥା ଫିଲିପାଇନ୍ସରୁ ଆସିଥିବା ଏହି ମହିଳାମାନଙ୍କୁ ସପ୍ତାହକୁ ଥରେ ଛୁଟି ମିଳିଥାଏ। ଏହି ସମୟରେ ସେମାନଙ୍କୁ ସର୍ବସାଧାରଣ ସ୍ଥାନରେ ସମୟ ଅତିବାହିତ କରିବାକୁ ପଡ଼େ। ଏପରିକି ଏହି ସମୟରେ ସେମାନେ କାର୍ଡବୋର୍ଡ ବାକ୍ସରେ ଛୋଟ ଛୋଟ ଘର ତିଆରି କରନ୍ତି। ଏହାଦ୍ୱାରା ସେମାନଙ୍କୁ ନିଜସ୍ୱ ଗୋପନୀୟତା ମିଳିଥିବା କହନ୍ତି। ଭିଡିଓରେ ଅନେକ ମହିଳା ଏହି ଅସ୍ଥାୟୀ ଘରେ ବସିବା, ଖାଇବା ତଥା ବିଶ୍ରାମ କରୁଥିବାର ଦେଖାଯାଇଛି। ସେହିପରି ରାଫା ଏହି ସ୍ଥିତିକୁ ଇନଭିଜିବଲ ଲେବର କ୍ରାଇସିସ୍ ବୋଲି କହିଛନ୍ତି। ତାଙ୍କ ମତରେ, ଏହି ସହର ସେହି ଲୋକଙ୍କ ଶ୍ରମରେ ଚାଲେ, ଯେଉଁମାନଙ୍କୁ ରହିବାକୁ ସ୍ଥାନ ମିଳି ନ ଥାଏ। ପ୍ରତି ରବିବାର ମହିଳାମାନେ ମାଲିକମାନଙ୍କ ଘରୁ ବାହାରନ୍ତି ଏବଂ ଦିନରେ ବାହାରେ ସର୍ବସାଧାରଣ ସ୍ଥାନରେ ରହିବାକୁ ବାଧ୍ୟ ହୁଅନ୍ତି। ତେବେ ଏହି ଭିଡିଓ ଧନୀ ତଥା ଗରିବ ମଧ୍ୟରେ ଥିବା ପାର୍ଥକ୍ୟକୁ ସୂଚାଉଥିବା ଅନେକ କହିଛନ୍ତି।


## ସମ୍ଭାବନା



# ମନ୍ଦ ନୁହେଁ କ୍ୟାରିୟର ବ୍ରେକ୍

**କ୍ୟାରିୟରରେ ବ୍ରେକ୍ ନେବା ଆଦୌ ଚିନ୍ତାଜନକ ବିଷୟ ନୁହେଁ। କେତେବେଳେ ପିଲାଙ୍କ ଦେଖାଶୁଣା କରିବା ଲାଗି ମହିଳାମାନେ କ୍ୟାରିୟରରୁ ବ୍ରେକ୍ ନିଅନ୍ତି ତ ଆଉ କେତେକଙ୍କ ଅଚାନକ ଚାକିରି ଚାଲିଗଲେ ବ୍ରେକ୍‌ରେ ରହିବାକୁ ପଡ଼େ। ଅନ୍ୟପଟେ କେହି ଚାକିରିରେ ଥାଇ ନିଜ କାମକୁ ନେଇ ସନ୍ତୁଷ୍ଟ ନ ଥିଲେ ବି ବ୍ରେକ୍ ନେଇଥାନ୍ତି। ଏହାର କାରଣ ଯାହା ବି ହେଉ ନା କାହିଁ, ବ୍ରେକ୍‌କୁ ନେଇ ଚିନ୍ତା କରିବା ପରିବର୍ତ୍ତେ ଏହିଠୁ ନୂଆ ଏକ ଆରମ୍ଭ କରିପାରିବେ।**

- ନିଜ ରୁଚିକୁ ଗୁରୁତ୍ୱ ଦିଅନ୍ତୁ। ଯେଉଁ କାମ ପାଇଁ ପୂର୍ବରୁ ସମୟ ମିଳୁ ନ ଥିଲା ସେହି କାମ କରନ୍ତୁ।
- ବ୍ରେକ୍‌ର ଅର୍ଥ ନୁହେଁ ପୁରୁଣା ସମ୍ପର୍କ ସବୁ ତୁଟାଇ ଦେବା। ନିଜ ପୁରୁଣା ସହକର୍ମୀଙ୍କ ସହ ଯୋଗାଯୋଗରେ ରୁହନ୍ତୁ।
- ସେହିପରି ସାମାଜିକ ଗଣମାଧ୍ୟମରେ ମଧ୍ୟ ନିଜକୁ ଅପଡେଟ୍ ରଖନ୍ତୁ।
- ପୁଣି ଥରେ ନିଜକୁ ପ୍ରସ୍ତୁତ କରିବାର ସୁଯୋଗ ମିଳେ। ପୁରୁଣା ଅଫିସ୍‌କୁ ପୁଣି ଥରେ ଫେରିବା ହେଉ କି ନୂଆ କମ୍ପାନିରେ ଚାକିରି କରିବା ହେଉ ଅବା ଚାକିରି କ୍ଷେତ୍ର ବଦଳାଇବା ନିର୍ଣ୍ଣୟ ନିଅନ୍ତୁ।
- ଚାକିରିରୁ ବ୍ରେକ୍ ନେବା ନିଷ୍ପତ୍ତିରେ ଅସହଜ ଅନୁଭବ ନ କରି ପରିବାରକୁ ସମୟ ଦିଅନ୍ତୁ।
- ତ'ସହ ଆଉ କ'ଣ ନୂଆ ହୋଇପାରିବ ତାହା ଉପରେ ଚିନ୍ତା କରନ୍ତୁ।



# ପରୀକ୍ଷା ଛୁଟିରେ କ'ଣ କରିବେ

**ପରୀକ୍ଷା ଛୁଟିରେ ଅନେକ ବିଦ୍ୟାର୍ଥୀ ଏହି ସମୟକୁ ଖେଳକୁଦ, ନାଚଗୀତ, ବୁଲାବୁଲିରେ ଅତିବାହିତ କରିଥାନ୍ତି। ତେବେ ଏଭଳି ନ କରି ନିଜକୁ ପଢ଼ା ତଥା ପରୀକ୍ଷା ଲାଗି ପ୍ରସ୍ତୁତ କରିବା ଉଚିତ। ମେଡିକାଲ, ଇଂଜିନିୟରିଂ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଯିବାକୁ ଚାହୁଁଥିଲେ ଦଶମ ପଢ଼ା ପରେ ପରେ ନିଜ ରୁଚି ଅନୁସାରେ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଦରକାର।**

- ନିଜକୁ କୌଣସି ଏକ କୋଚିଂ ସେଣ୍ଟରରେ ସାମିଲ କରନ୍ତୁ।
- ମ୍ୟାଥର୍ ଆପ୍ଟିଚ୍ୟୁଡ୍ ଏବଂ ରିଜନିଂ, ଇଂରାଜି ବ୍ୟାକରଣ ଆଦି ଉପରେ ଗୁରୁତ୍ୱ ଦେବା ଜରୁରି।
- ସିଲାବସ୍ ପାଠ୍ୟକ୍ରମ ସହ ପ୍ରବେଶିକା ପାଠ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦେବା ଜରୁରି।
- ସମୟପରିଚାଳନା କରିବା ସବୁଠୁ ମୂଲ୍ୟବାନ। ତା'ସହ ନିଜ ଉପରେ ଆତ୍ମବିଶ୍ୱାସ ରହିବା ଦରକାର।
- କୋଚିଂ କ୍ଲାସରେ ସାପ୍ତାହିକ, ମାସିକ ପରୀକ୍ଷା ହୋଇଥାଏ। ଏହାଦ୍ୱାରା ଛାତ୍ରଛାତ୍ରୀ ନିଜର ଦକ୍ଷତା କ'ଣ ରହିଛି ଜାଣିବାର ସୁଯୋଗ ମିଳେ।
- ଦୁର୍ବଳ ବିଷୟ ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ।



# ୟୁଟ୍ୟୁବ୍‌ର ନୂଆ ଫିଚର୍

**ୟୁଟ୍ୟୁବ୍ ପିକ୍‌ଚର-ଇନ୍ ପିକଚର୍ ନାଁରେ ଏକ ନୂଆ ଫିଚରକୁ ସମସ୍ତ ବ୍ୟବହାରକାରୀଙ୍କ ଲାଗି ମାଗଣାରେ ଉପଲବ୍ଧ କରାଇବ। ଏବେ ସୁଦ୍ଧା ଏହି ବିଶେଷ ଫିଚର୍ କେବଳ ଆମେରିକାରେ ସମସ୍ତଙ୍କ ପାଇଁ ଉପଲବ୍ଧ ଥିଲା। ଭାରତ ସମେତ ଅନ୍ୟ ଦେଶ ଲାଗି ଏ ଲାଗି ୟୁଟ୍ୟୁବ୍ ପ୍ରିମିୟମ ସବସ୍କ୍ରିପସନ୍ ନେବାକୁ ପଡୁଥିଲା। ହେଲେ ଆଗାମୀ ଦିନରେ ଏହାକୁ ସମ୍ପୂର୍ଣ୍ଣ ଭାବେ ରୋଲଆଉଟ୍ କରାଯିବ।**




ଏହି ଫିଚର ମଲଟିଟାସ୍କିଂ କରୁଥିବା ବ୍ୟବହାରକାରୀଙ୍କ ଲାଗି ଉପଯୋଗୀ। ଏହି ଫିଚର୍ ମାଧ୍ୟମରେ ୟୁଟ୍ୟୁବ୍‌ରେ ଭିଡ଼ିଓ ଦେଖିବା ବେଳେ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଭଳି ଅନ୍ୟ ଆପ୍‌କୁ ବ୍ୟବହାର କରାଯାଇପାରିବ। ସେହିପରି ଏହି ଫିଚର୍‌କୁ ଅନ୍- ଅଫ୍ କରିବାର ପ୍ରକ୍ରିୟା ମଧ୍ୟ ଖୁବ୍ ସହଜ। ଫୋନ୍ ସେଟିଂକୁ ଯାଇ ଆପ୍‌କୁ ଚୟନ କରନ୍ତୁ। ଏହାପରେ ୟୁଟ୍ୟୁବ୍‌କୁ ଯିବାକୁ ପଡ଼ିବ। ଆଡଭାନ୍ସ ଇନ୍‌ରେ ପିକ୍‌ଚର୍ ଇନ୍ ପିକଚର୍‌ରେ ଅନୁମତି ପ୍ରଦାନ କରନ୍ତୁ। ସେହିପରି ୟୁଟ୍ୟୁବ୍‌ର ଏହି ଫିଚର୍‌କୁ ବ୍ୟବହାର କରିବାର ନ ଥିଲେ, ଏହାକୁ ବନ୍ଦ କରିବାର ବିକଳ୍ପ ଅଛି।

# ସହଜ ନୁହେଁ ନୂଆ ଚାକିରି

**ସାଧାରଣତଃ କୌଣସି ସଂସ୍ଥାରେ ନୂଆ ଚାକିରିଟିଏ ମିଳିଲେ ଯେତିକି ମନରେ ଉତ୍ସାହ ଆସେ, ସେତିକି ଉଦ୍‌ବେଗ ମଧ୍ୟ ଦେଖାଦିଏ। ନୂଆ ଲୋକ, ନୂଆ କାମ ଓ ନୂଆ ପରିବେଶ ସହ ଖାପ ଖାଇ ଚଳିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଏଭଳି କିଛି ସମସ୍ୟା ଥିଲେ, ତାହାକୁ ସାମ୍ନା କରିବା ଦରକାର।**

ପ୍ରଥମେ ଏକଥା ଜାଣିବା ଜରୁରି, ସମସ୍ତଙ୍କୁ ନୂଆ ଚାକିରିରେ ଭୟ, ଚିନ୍ତା ଆଦି ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିଥାଏ। ସେଥିପାଇଁ ଏ ବାବଦରେ ବେଶି ଚିନ୍ତା କରିବା ଅନୁଚିତ। ସେହିପରି ନିଜ ଭିତରେ ଦକ୍ଷତା ଥିବାରୁ କମ୍ପାନି ଚାକିରି ଲାଗି ମନୋନୀତ କରିଛି, ଏକଥା ଜାଣିବା ଉଚିତ। ସେଥିପାଇଁ ସବୁବେଳେ ସକାରାତ୍ମକ ଚିନ୍ତାଧାରା ରଖିବା ଉଚିତ। ପ୍ରାରମ୍ଭିକ ପର୍ଯ୍ୟାୟରେ କାମ ଶିଖିବା ଓ ବୁଝିବା ଦରକାର। ଏହି ସମୟକୁ ଉପଯୋଗ କରି ଯେତେ ଆବଶ୍ୟକ ସେତେ ଶିଖିବା ଦରକାର। ପ୍ରଶ୍ନ ଦ୍ୱାରା ମଧ୍ୟ ନୂଆ କଥା ଜାଣିପାରିବେ। ସେଥିପାଇଁ କାମରେ କୌଣସି ଦ୍ୱନ୍ଦ୍ୱ ଆସିଲେ ପ୍ରଶ୍ନ ପଚାରନ୍ତୁ। ବସ୍‌ଙ୍କ ସହ କଥାବର୍ତ୍ତା ଜାରି ରଖନ୍ତୁ। କାମରେ ଆସୁଥିବା ସମସ୍ୟା ବାବଦରେ ଅଗବତ କରାନ୍ତୁ। ନିଜ ଟିମ୍‌ରେ ଖରାପ ପରିବେଶ ସୃଷ୍ଟି ନ କରିବା ପାଇଁ ନିଜକୁ ଦଳରୁ ଦୂରେଇ ରଖନ୍ତୁ। ଅଫିସ୍ ରାଜନୀତିରେ ସାମିଲ ହୁଅନ୍ତୁ ନାହିଁ।



# ରାଜସ୍ଥାନ ଟିମ୍ ମାଲିକାନା ହାସଲ କରି ନ ଥିବାରୁ ସୋମାନି ଗ୍ରୁପ୍ ନିରାଶ

ନୂଆଦିଲ୍ଲୀ,୫।୫(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ମାଲିକାନା ହାସଲ କରିପାରି ନ ଥିବାରୁ କାଲ ସୋମାନି ଗ୍ରୁପ୍ ନିରାଶ ହୋଇଛି। ଆଜି ଗ୍ରୁପ୍ ପକ୍ଷରୁ ଏକ ବିଜ୍ଞପ୍ତିରେ ଏ ସମ୍ପର୍କରେ ସୂଚନା ଦେଇ ନିରାଶ ପ୍ରକାଶ କରାଯାଇଛି। ଟିମ୍ ମାଲିକାନା ହସ୍ତାନ୍ତରକୁ ନେଇ ଖେଳପଡ଼ିଆରେ ଯେପରି ସଚ୍ଚୋଟତା, ସାଧୁତା, ବୃତ୍ତିଗତତା, ସ୍ୱଚ୍ଛତା ଓ ସମାନ ସୁଯୋଗ ରହିବା କଥା ତାହା ହୋଇ ନ ଥିଲା। ଦୁର୍ଭାଗ୍ୟଜନକ ଭାବେ ମାଲିକାନା ହାସଲ କରିବା ଲାଗି ଏହା ଯଥାର୍ଥ ନୁହେଁ ବୋଲି ଗ୍ରୁପ୍ ପକ୍ଷରୁ ପ୍ରଥମ ପ୍ରତିକ୍ରିୟାରେ ପ୍ରକାଶ କରାଯାଇଛି। କାଲ ସୋମାନି, ରବ୍ ୱାଲଟନ, ଜୋର୍ଡାନ ୱାଲଟନ ଓ ମାଇକେଲ ହାମ୍ପ ଏହି ବିବୃତିରେ ମିଳିତଭାବେ ସ୍ୱାକ୍ଷର କରିଛନ୍ତି। ସୂଚନାଯୋଗ୍ୟ ରାଜସ୍ଥାନ ରୟାଲ୍ସ ଟିମ୍ କିଣିବାକୁ କାଲ୍ ସୋମାନିଙ୍କ ନେତୃତ୍ୱରେ ଗଠିତ କନ୍‌ସୋର୍ଟିୟମ ନିକଟତର ହୋଇଥିଲା। କିନ୍ତୁ ଲକ୍ଷ୍ମୀ ମିତ୍ତଲଙ୍କ ନେତୃତ୍ୱରେ ଗଠିକ କନ୍‌ସୋର୍ଟିୟମ ୧୫,୬୬୦ କୋଟି ଟଙ୍କା ବିନିମୟରେ ରାଜସ୍ଥାନ ରୟାଲ୍ସର ମାଲିକାନା ହାସଲ କରିଥିଲାବୋଲି ଗତକାଲି ଘୋଷଣା କରାଯାଇଥିଲା। ଏହି ଘଟଣାରେ କାଲ ସୋମାନି କନ୍‌ସୋର୍ଟିୟମ କାହିଁକି ଟିମ୍ କିଣି ପାରିଲା ନାହିଁ ତାହାର ପ୍ରକୃତ କାରଣ କେହି ଜଣାଇନାହାନ୍ତି।

■ ବିଶ୍ୱ ସ୍ନୁକର ଚାମ୍ପିଅନସିପ୍

## ଉ' ଦ୍ୱିତୀୟ ସର୍ବକନିଷ୍ଠ ଚାମ୍ପିଅନ



ଶେଫିଲ୍ଡ,୫।୫(ଏଜେନ୍ସି): ଚୀନ୍‌ର ୨୨ ବର୍ଷୀୟ ଉ ୟିଜେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ସ୍ନୁକର ଚାମ୍ପିଅନସିପ୍ ଟାଇଟଲ କବ୍‌ଜା କରିଛନ୍ତି। ସୋମବାର ଅନୁଷ୍ଠିତ ରୋମାଞ୍ଚକ ଫାଇନାଲରେ ଉ' ୧୮-୧୭ ପଏଣ୍ଟରେ ବ୍ରିଟେନର ଭେଟେରାନ ଖେଳାଳି ଶନ୍ ମର୍ଫିଙ୍କୁ ପରାସ୍ତ କରି ଟାଇଲ ଜିତିଥିଲେ। ୨୨ ବର୍ଷରେ ସେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ଟାଇଟଲ ବିଜୟୀ ହୋଇଛନ୍ତି। ପୂର୍ବରୁ ବ୍ରିଟେନର ଷ୍ଟିଫେନ ହେଣ୍ଡ୍ରି ମାତ୍ର ୨୧ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ଭାବେ ଏହି ଟାଇଟଲ ବିଜୟୀ ହେବାର ରେକର୍ଡର ଅଧିକାରୀ ହୋଇଥିଲେ। ୧୯୯୦ରେ ହେଣ୍ଡ୍ରି ଏହି ରେକର୍ଡ କରିଥିଲେ। ଉ' ମଧ୍ୟ ଝାଓ ଜିଣ୍ଟିଙ୍ଗଙ୍କ ପରେ ଚୀନ୍‌ର ଦ୍ୱିତୀୟ ଖେଳାଳି ଭାବେ ବିଶ୍ୱ ସ୍ନୁକର ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। କ୍ୱାର୍ଟର ଫାଇନାଲରେ ମର୍ଫିଙ୍କଠାରୁ ଝାଓ ପରାଜିତ ହୋଇଥିଲେ। ମର୍ଫିଙ୍କୁ ହରାଇ ଉ' ଏହି ପରାଜୟର ପ୍ରତିଶୋଧ ନେବାରେ ସମର୍ଥ ହୋଇଛନ୍ତି।

■ ବିଡବ୍ଲ୍ୟୁଏଫ୍ ର୍ୟାଙ୍କିଙ୍ଗ୍

## ପ୍ରଥମଥର ଲାଗି ଟପ୍-୨୦ରେ ଉନ୍ନତି



ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଉନ୍ନତି ହୁଡା କ୍ୟାରିୟରରେ ପ୍ରଥମଥର ଲାଗି ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ଟପ୍-୨୦ରେ ପ୍ରବେଶ କରିଛନ୍ତି। ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ର୍‌ୟାଙ୍କିଙ୍ଗ୍‌ରେ ଉନ୍ନତି ୩ଟି ପାହାଚ ଉପରକୁ ଉଠି ୧୯ତମ ସ୍ଥାନରେ ରହିଛନ୍ତି। ୧୮ ବର୍ଷୀୟା ଉନ୍ନତିଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ମାନ୍ୟତା। ନିକଟରେ ଶେଷ ହୋଇଥିବା ଉବର କପ୍‌ରୁ ସେ ୫,୨୪୦ ପଏଣ୍ଟ ହାସଲ କରିଥିଲେ। ଫଳରେ ବର୍ତ୍ତମାନ ତାଙ୍କର ମୋଟ୍ ପଏଣ୍ଟ ସଂଖ୍ୟା ୫୧,୦୮୦ରେ ପହଞ୍ଚିଛି। ବର୍ତ୍ତମାନ ର୍‌ୟାଙ୍କିଙ୍ଗର ଟପ୍-୨୦ରେ ଦ୍ୱିତୀୟ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ପିଭି ସିନ୍ଧୁ ୧୨ତମ ସ୍ଥାନରେ ରହିଛନ୍ତି। ଫଳରେ ୪ ବର୍ଷ ପରେ ଦୁଇଜଣ ଭାରତୀୟ ମହିଳା ସଟଲର୍ ର୍‌ୟାଙ୍କିଙ୍ଗ୍‌ର ଟପ୍-୨୦ରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ସାଇନା ନେହୱାଲ ଓ ସିନ୍ଧୁଙ୍କ ପରେ ତୃତୀୟ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଉନ୍ନତି ର୍‌ୟାଙ୍କିଙ୍ଗ୍‌ର ଟପ୍-୨୦ରେ ପ୍ରବେଶ କରିଛନ୍ତି।

■ ସ୍ୱାମୀ ବିବେକାନନ୍ଦ ଟ୍ରଫି

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୫।୫ (ସମିସ): ଛତିଶଗଡ଼ର ନାରିନପୁରରେ ଚାଲିଥିବା ସ୍ୱାମୀ ବିବେକାନନ୍ଦ ୨୦ ବର୍ଷରୁ କମ୍ ଜାତୀୟ ଫୁଟ୍‌ବଲ ଚାମ୍ପିଅନସିପ୍‌ରେ ଓଡ଼ିଶା ବାଳକ ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଗତକାଲି ଅନୁଷ୍ଠିତ ମ୍ୟାଚରେ କର୍ଣ୍ଣାଟକ ୪-୨ ଗୋଲ୍‌ରେ ଓଡ଼ିଶାକୁ ହରାଇଛି। ଓଡ଼ିଶା ପକ୍ଷରୁ ଅଧିନାୟକ ରୋନିକ ମାଝୀ ଓ ପଙ୍କଜ ତନ୍ତୀ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଲାକ୍ଷାଦୀପ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗ ସହ ଓଡ଼ିଶା ଗ୍ରୁପ୍-ଇ'ରେ ସ୍ଥାନ ପାଇଛି।

### ବୋଲରଙ୍କ କମାଲ ପରେ ସାମସନ-ଶର୍ମାଙ୍କ ଦମ୍‌ଦାର ଅର୍ଦ୍ଧଶତକ

# ଦିଲ୍ଲୀ ବିପକ୍ଷରେ ଚେନ୍ନଇର ସହଜ ବିଜୟ

ନୂଆଦିଲ୍ଲୀ,୫।୫(ଏଜେନ୍ସି)



ଓପନର ତଥା ବରିଷ୍ଠ ଖେଳାଳି ସଞ୍ଜୁ ସାମସନଙ୍କ ଦମ୍‌ଦାର ଅର୍ଦ୍ଧଶତକ ଏବଂ ବୋଲରଙ୍କ କମାଲ ବଳରେ ଏଠାରେ ଆଜି ଖେଳାଯାଇଥିବା ଆଇପିଏଲ୍‌ର ୪୮ତମ ଲିଗ୍ ମ୍ୟାଚ୍‌ରେ ଚେନ୍ନଇ ସୁପର କିଙ୍ଗ୍‌ସ ୮ୱିକେଟରେ ସହଜରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ ୧୦ମ ମୁକାବିଲାରୁ ୫ମ ବିଜୟ ସହ ଚେନ୍ନଇ ପ୍ଲେ ଅଫ୍ ଖେଳିବା ଆଶା ଉଜ୍ଜୀବିତ ରଖିଛି। ଦଳ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ପୂର୍ବପରି ପଏଣ୍ଟ ତାଲିକାରେ ୬ଷ୍ଠ ସ୍ଥାନରେ ରହିଛି। ଘରୋଇ ମାଟିରେ ପରାଜିତ ହୋଇଥିବା ଦିଲ୍ଲୀ ୧୦ମ ମୁକାବିଲାରୁ ୬ଷ୍ଠ ପରାଜୟ ବରଣ କରି ପଏଣ୍ଟ ଟେବଲର ୭ମ ସ୍ଥାନରେ ରହିଛି। ଆଜିର ଚେନ୍ନଇ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସଞ୍ଜୁ ସାମସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।


ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ଘରୋଇ ଦିଲ୍ଲୀ ଭ୍ରମଣକାରୀ ଚେନ୍ନଇ ଆଗରେ ୧୫୬ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଚେନ୍ନଇ ୨୪ରେ ପ୍ରଥମ ଓ ୪୫ରନ୍‌ରେ ଦ୍ୱିତୀୟ ୱିକେଟ ହରାଇଥିଲା। ଏହା ପରେ ସାମସନ ଓ ଯୁବ ଖେଳାଳି କାର୍ତ୍ତିକ ଶର୍ମା ସୁନ୍ଦର ବ୍ୟାଟିଂ କରି ଅବିଭକ୍ତ ତୃତୀୟ ୱିକେଟ ଭାଗୀଦାରିରେ ୬୬ ବଲ୍‌ରୁ ୧୧୪ରନ୍ କରିବା ଫଳରେ ଚେନ୍ନଇ ୧୭.୩ ଓଭରରେ ମାତ୍ର ୨ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ୩୨ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ସାମସନ ମୋଟରେ ୫୨ବଲ୍ ଖେଳି ୭ଚୌକା ଓ ୬ଛକା ସହ ୮୭ ରନ୍ କରିଥିଲେ। ତାଙ୍କ ପାର୍ଟନର କାର୍ତ୍ତିକ ଶର୍ମା ନିଜ ପ୍ରତିଭାର ଉପଯୁକ୍ତ ପରିଚୟ ଦେଇ ୩୧ବଲ୍‌ରୁ ୪ଚୌକା ଓ ୨ଛକା ସହ ୪୧ରନ୍‌ର ଯୋଗଦାନ ଦେଇଥିଲେ। ଉଭୟ ଖେଳାଳି ଶେଷପର୍ଯ୍ୟନ୍ତ ଅପରାଜିତ ରହି ଚେନ୍ନଇକୁ ବିଜୟୀ କରାଇଥିଲେ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ୧୧ ଓଭର ଖେଳ ଶେଷସୁଦ୍ଧା ୬୯ ରନ୍‌ରେ ୫ୱିକେଟ ହରାଇ ବିପଦରେପଡ଼ିଥିଲା। ଏହିସମୟରେ ଟ୍ରିଷ୍ଟାନ ଷ୍ଟବ୍ସ ଓ ସମୀର ରିଜଭୀ ୬ଷ୍ଠ ୱିକେଟରେ ୪୭ବଲ୍‌ରୁ ୬୫ରନ୍‌ର ଭାଗୀଦାରି କରିବା ଫଳରେ ଦଳ କିଛିଟା ସମ୍ମାନ ରଖିପାରିଥିଲା। ଦଳପକ୍ଷରୁ ଶେଷଯାଏ ଅପରାଜିତ ରହିଥିବା ରିଜଭୀ ୨୪ବଲ୍‌ରୁ ୪ଛକା ସହ ୪୦ ଏବଂ ଷ୍ଟବ୍ସ ୩୧ବଲ୍‌ରୁ ୩୮ରନ୍ କରିଥିଲେ। ଆଶୁତୋଷ ଶର୍ମା ୫ବଲ୍‌ରେ ୧୪ରନ୍‌କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବ୍ୟାଟର ଫେଲ ମାରିଥିଲେ। ସେମାନଙ୍କ ମଧ୍ୟରେ ପାଥୁମ ନିଶାଙ୍କା ୧୯, ଲୋକେଶ ରାହୁଲ ୧୨, ନୀତୀଶ ରାଣା ୧୫, କରୁଣ ନାୟାର ୧୩, ଆଶୁତୋଷ ଶର୍ମା ୫ଟିବଲ୍‌ରେ ୧୪ ଓ ଅଧିନାୟକ ଅକ୍ଷର ପଟେଲ ୨ ରନ୍ କରିଥିଲେ। ଚେନ୍ନଇ ପକ୍ଷରୁ ଆଫଗାନ ସ୍ପିନର ନୁର ଅହମ୍ମଦ୍‌ଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା। ଆକିଲ ହୋସେନ, ମୁକେଶ ଚୌଧୁରୀ, ଜାମି ଓଭରଟନ୍ ଓ ଗୁରଜାପନୀତ ସିଂହ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବାରେ ସଫଳ ହୋଇଥିଲେ।

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୯ | ୬ | ୨ | ୧ | ୧୩ | +୦.୮୫୫ |
| ବେଙ୍ଗାଲୁରୁ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ହାଇଦରାବାଦ | ୧୦ | ୬ | ୪ | ୦ | ୧୨ | +୦.୬୪୪ |
| ରାଜସ୍ଥାନ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନଇ | ୧୦ | ୫ | ୫ | ୦ | ୧୦ | +୦.୧୫୧ |
| ଦିଲ୍ଲୀ | ୧୦ | ୪ | ୬ | ୦ | ୮ | -୦.୯୪୯ |
| କୋଲକାତା | ୯ | ୩ | ୫ | ୧ | ୭ | -୦.୫୩୯ |
| ମୁମ୍ବଇ | ୧୦ | ୩ | ୭ | ୦ | ୬ | -୦.୬୪୯ |
| ଲକ୍ଷ୍ନୌ | ୯ | ୨ | ୭ | ୦ | ୪ | -୧.୦୭୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ



### ଆଜିର ଆଇପିଏଲ୍ ମ୍ୟାଚ୍

ହାଇଦରାବାଦ୍ ବନାମ ପଞ୍ଜାବ
ଭେନ୍ୟୁ - ହାଇଦରାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

ଆଇସିସି ବାର୍ଷିକ ଅପଡେଟ୍

## ଟି-୨୦ରେ ଶୀର୍ଷ ସ୍ଥାନ ବଜାୟ ରଖିଲା ଭାରତ

ଦୁବାଇ, ୫।୫ (ଏଜେନ୍ସି): ଆଇସିସି ପକ୍ଷରୁ ବାର୍ଷିକ ଅପଡେଟ୍ ପରେ ସଦ୍ୟ ପ୍ରକାଶିତ ଟି-୨୦ ର୍‌ୟାଙ୍କିଙ୍ଗରେ ଭାରତ ଶୀର୍ଷ ସ୍ଥାନ ବଜାୟ ରଖିଛି। ବିଶ୍ୱର ପ୍ରଥମ ଦଳ ଭାବେ ଟି-୨୦ ବିଶ୍ୱକପ୍ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଥିବା ଭାରତ ୨୭୫ ରେଟିଂ ପଏଣ୍ଟ ପାଇଛି। ୨୬୨ ରେଟିଂ ପଏଣ୍ଟ ସହ ଇଂଲଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ (୨୫୮), ନ୍ୟୁଜିଲାଣ୍ଡ (୨୪୭), ଦକ୍ଷିଣ ଆଫ୍ରିକା (୨୪୪), ପାକିସ୍ତାନ (୨୪୦), ୱେଷ୍ଟଇଣ୍ଡିଜ (୨୩୩), ବାଂଲାଦେଶ (୨୨୫), ଶ୍ରୀଲଙ୍କା (୨୨୧) ଓ ଆଫଗାନିସ୍ତାନ (୨୨୦) ମାନ୍ୟତାରେ କ୍ରମାନ୍ୱୟରେ ପଛକୁ ପଛ ୩ୟରୁ ଦଶମ ସ୍ଥାନ ମଧ୍ୟରେ ରହିଛନ୍ତି। ସଦ୍ୟତମ ଆଇସିସି ର୍‌ୟାଙ୍କିଙ୍ଗ ହେଉଛି ଏକ ବାର୍ଷିକ ଅପଡେଟ୍। ଯାହା ମେ ୨୦୨୫ ପରଠାରୁ ଖେଳାଯାଇଥିବା ସମସ୍ତ ଟି-୨୦ ମ୍ୟାଚ୍ ୧୦୦ ପ୍ରତିଶତ ଏବଂ ପୂର୍ବ ଦୁଇ ବର୍ଷର ମ୍ୟାଚ୍ ୫୦ ପ୍ରତିଶତ ମୂଲ୍ୟାଙ୍କନ କରାଯାଇଛି। ଗତ ୧୨ ମାସ ମଧ୍ୟରେ ଭାରତୀୟ ଦଳ ଟି-୨୦ ବିଶ୍ୱକପ୍, ଏସିଆ କପ୍‌ରେ ଚାମ୍ପିଅନ ହୋଇଥିଲା। ସେହିଭଳି ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସିରିଜ ଜିତିଥିଲା।

ଅପରପକ୍ଷରେ ମହିଳା ଟି-୨୦ ର୍‌ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆ ଦଳ ମଧ୍ୟ ଶୀର୍ଷ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛି। ଇଂଲଣ୍ଡ ଓ ଭାରତ ଯଥାକ୍ରମେ ଦ୍ୱିତୀୟ ଓ ୩ୟ ସ୍ଥାନରେ ରହିଛନ୍ତି।

## ଜିମ୍ନାଷ୍ଟିକ୍ ଏଚ୍‌ପିସିକୁ ୩ ସ୍ୱର୍ଣ୍ଣ ସହ ୫ ପଦକ



ଭୁବନେଶ୍ୱର, ୫।୫ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଏଏମ୍/ଏନଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ (ଏଚପିସି) ପକ୍ଷରୁ ଜାତୀୟ ଜୁନିଅର ଓ ସିନିଅର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ଚାମ୍ପିଅନସିପ୍ ଆୟୋଜିତ ହୋଇଯାଇଛି। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଜିମ୍ନାଷ୍ଟିକ ଏଚ୍‌ପିସିର ଆଥଲେଟମାନେ ଉଲ୍ଲେଖନୀୟ ପ୍ରଦର୍ଶନ ମୋଟ୍ ୫ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ପଦକ ସାମିଲ ରହିଛି। ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରୁଥିବା ତପନ ମହାନ୍ତି ସିନିଅର ବିଭାଗରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ରେଳବାଇରୁ ପ୍ରତିନିଧିତ୍ୱ କରି ତାପେଶ୍ୱରନାଥ ଦାସ ଭଲ୍ଟ ଇଭେଣ୍ଟରେ କାଂସ୍ୟ ପଦକ ହାସଲ କରିଛନ୍ତି। ଅପରପକ୍ଷରେ ସିନିଅର ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ବର୍ଗରେ ଓଡ଼ିଶା ଦଳରୁ ତନୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଅନଇଭିନ ବାର୍ସରେ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ଆର୍‌ଏସପିବିରୁ ଭାଗନେଇ କରିସ୍ମା ଉଭୟ ସିନିଅର ଫ୍ଲୋର ଏକ୍ସରସାଇଜ ଓ ଟିମ୍ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିଭଳି ଟିମ୍ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ଦଳ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମରୁ ବଞ୍ଚିତ ହୋଇଥିଲା। କିନ୍ତୁ ଉଭୟ ଦଳରେ ସ୍ଥାନ ପାଇଥିବା ଏଚ୍‌ପିସିର ଜିମ୍ନାଷ୍ଟମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଫଳରେ ଓଡ଼ିଶା ଏଏମ୍/ଏନଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚପିସି ଦେଶର ସର୍ବଶ୍ରେଷ୍ଠ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଆଥଲେଟମାନଙ୍କୁ ଏକତ୍ରିତ କରିବା ସହିତ ପୁନର୍ବାର ଏହାକୁ ଏକ ପ୍ରମୁଖ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରମାଣିତ କରିଛି।

## ଓଡ଼ିଶା ନାଭାଲ ଟାଟା ହକି ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର

ଭୁବନେଶ୍ୱର,୫।୫(ସମିସ): ଉଦୀୟମାନ ଖେଳାଳିଙ୍କ ଲାଗି ସୁବର୍ଣ୍ଣ ସୁଯୋଗ। ଓଡ଼ିଶା ନାଭାଲ ଟାଟା ହକି ପକ୍ଷରୁ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ଗ୍ରୀଷ୍ମକାଳୀନ



ଶିବିର। ଏଥିରେ ୬ରୁ ୧୬ ବର୍ଷ ବୟସର ବାଳକ ଓ ବାଳିକାମାନେ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିନରେ ୮୦ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। ମେ ୨୧ ତାରିଖଯାଏ ଆୟୋଜିତ ହେବାକୁ ଥିବା ଏହି ଶିବିରକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇଦିଆଯାଇଛି। ଉଦ୍‌ଘାଟନୀ ସମାରୋହରେ ବିଭାଗୀୟ ଅଧିକାରୀ ସୌମ୍ୟସାର୍ଥକ ମିଶ୍ର, ଆଶିଷ କୁମାର ରାଉତ ଓ ଡାକ୍ତର ଶାଶ୍ୱତ କୁମାର ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ହକି ଖେଳିବା ପ୍ରତି ତୃଣମୂଳ ସ୍ତରରେ ଆକୃଷ୍ଟ କରିବା, ପିଲାମାନଙ୍କର ଫିଟ୍‌ନେସ ସୃଷ୍ଟି କରିବା ଏହି ଶିବିରର ମଳ ଲକ୍ଷ୍ୟ ବୋଲି ଟାଟା ଷ୍ଟିଲ ପକ୍ଷରୁ ଦିଆଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ଜଣାଯାଇଛି।



ମହିଳା ଗୋଲକିପର ପ୍ରଶିକ୍ଷଣ ଶିବିରରେ ଓଡ଼ିଶାର ମାଧୁରୀ କିଣ୍ଡୋ (ବାମରୁ ପ୍ରଥମ)

# କ୍ରିକେଟ ଖେଳାଳିରୁ ସଫଳ ରାଜନେତା



ନୂଆଦିଲ୍ଲୀ, ୫।୫ (ଏଜେନ୍ସି)

କ୍ରିକେଟ ଜଗତରେ ନିଜର ପରିଚୟ ସୃଷ୍ଟି କରି ଅବସର ନେବାପରେ କ୍ରିକେଟର୍‌ମାନେ ପ୍ରାୟତଃ ଅନ୍ୟ ବୃତ୍ତି ଖୋଜନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଶିକ୍ଷକ କିମ୍ବା ଭାଷ୍ୟକାର ହୋଇ କ୍ରିକେଟ୍ ସହିତ ପରୋକ୍ଷରେ ଜଡ଼ିତ ହୋଇରହିଥାନ୍ତି। ଅନ୍ୟକେତେକ କ୍ରିକେଟର୍ ବ୍ୟବସାୟ କିମ୍ବା ପରିବାର ସହିତ ସମୟ ବିତାଇବାକୁ ପସନ୍ଦ କରିଥାନ୍ତି। ତଥାପି, ଦେଶର ଲୋକଙ୍କ ସେବା କରିବା ପାଇଁ ଏକାଧିକ କ୍ରିକେଟର ଅବସର ପରେ ରାଜନୀତିରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି କିଛି ଭାରତୀୟ କ୍ରିକେଟର୍‌ଙ୍କ ଉପରେ ନଜର ପକାଇବା ଯେଉଁମାନେ ଅବସର ପରେ ରାଜନୀତି ମଇଦାନରେ ବିଜୟ ଟୀକା ପିନ୍ଧିଛନ୍ତି। ନିକଟରେ ଶେଷ ହୋଇଥିବା ପଶ୍ଚିମବଙ୍ଗ ନିର୍ବାଚନରେ ଜରେ ଅନ୍ତର୍ଜାତୀୟ କ୍ରିକେଟର ଅଶୋକ ଦିଣ୍ଡା ବିଜେପି ଟିକଟରେ ଲଢ଼ି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ୪୨ବର୍ଷୀୟ ଅଶୋକ ଜଣେ ଫାଷ୍ଟ ବୋଲର ଓ ସେ ଦ୍ୱିତୀୟଥର ଲାଗି ବିଧାୟକ ଭାବେ ନିର୍ବାଚନ ରଣକ୍ଷେତ୍ରରେ ବିଜୟୀ ହୋଇଥିଲେ। ଦିଣ୍ଡା ଭାରତ ପାଇଁ ୧୩ ଦିନିକିଆ ଓ ୯ ଟି-୨୦ ମ୍ୟାଚ୍ ଖେଳି ମୋଟ୍ ଉପରେ ୨୯ଟି ୱିକେଟ୍ ନେଇଛନ୍ତି। ଏହା ପୂର୍ବରୁ ଭାରତ ପକ୍ଷରୁ ଖେଳିଥିବା ୩ଜଣ କ୍ରିକେଟ ଖେଳାଳି ଟିଏମ୍‌ସି ଟିକଟରେ ନିର୍ବାଚନ ବୈତରଣୀ ପାର୍ ହୋଇଥିଲେ। ସେମାନେ ହେଲେ ଲକ୍ଷ୍ମୀ ରତନ ଶୁକ୍ଲା, ମନୋଜ ତିୱାରୀ ଓ ୟୁସୁଫ୍ ପଠାନ। ଗତ ଦୁଇଟି ନିର୍ବାଚନରେ ଲକ୍ଷ୍ମୀରତନ ଓ ମନୋଜ ଟିଏମ୍‌ସି ଟିକଟରେ ବିଧାୟକ ଭାବେ ନିର୍ବାଚିତ ହୋଇ ପଶ୍ଚିମବଙ୍ଗର କ୍ରୀଡ଼ାମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ସେମାନଙ୍କ କାର୍ଯ୍ୟକାଳ ପୂରିଯିବା ପରେ ଟିଏମ୍‌ସି ଆଉ ତାଙ୍କୁ ଟିକଟ ଦେଇ ନଥିଲା। ମନୋଜଙ୍କ ସ୍ଥାନରେ ନିର୍ବାଚନ ଲଢ଼ିଥିବା ରାଣା ଚାଟାର୍ଜୀ ଏଥର ପରାଜିତ ହୋଇଛନ୍ତି। ତୃତୀୟ ଖେଳାଳି ଜଣଙ୍କ ହେଲେ ବରୋଦାର ୟୁସୁଫ୍ ପଠାନ। ପଶ୍ଚିମବଙ୍ଗ ତାଙ୍କ ରାଜ୍ୟ ହୋଇ ନ ଥିଲେ ମଧ୍ୟ ଟିଏମ୍‌ସି ତାଙ୍କୁ ୨୦୨୪ ଲୋକସଭା ନିର୍ବାଚନରେ ପ୍ରାର୍ଥୀ କରାଇଥିଲା। ଏଥିରେ ସେ ବିଜୟୀ ହୋଇ ଏବେ ସାଂସଦ ରହିଛନ୍ତି। ଅବଶ୍ୟ ଟିଏମ୍‌ସି ନିର୍ବାଚନ ହାରିଯିବା ପରେ ୟୁସୁଫ୍ ଆଉ ରାଜନୀତିରେ ରହିବେ କି ନା ତାହାକୁ ନେଇ ସନ୍ଦେହ ରହିଛି।



ଅଶୋକ ଦିଣ୍ଡା

### ଚୌହାନଙ୍କଠାରୁ ଗମ୍ଭୀରଙ୍କ ଯାଏ

ଭାରତୀୟ କ୍ରିକେଟ ଦଳର ଦୁଇଜଣ ଦମ୍‌ଦାର ଓପନର ଚେନ ଚୌହାନ ଓ ଗୌତମ ଗମ୍ଭୀର ବିଜେପି ଟିକଟରେ ଲୋକସଭା ନିର୍ବାଚନରେ ବିଜୟୀ ହୋଇଥିଲେ। ଏପରିକି ଚେତନ ୟୁପିରେ ମନ୍ତ୍ରୀ ପଦ ମଧ୍ୟ ଅଳଙ୍କୃତ କରିଥିଲେ। ଦିଲ୍ଲୀର ଏହି ଦୁଇ ଖେଳାଳିଙ୍କୁ ବାଦ୍ ଦେଲେ କୀର୍ତ୍ତୀ ଆଜାଦ୍ ମଧ୍ୟ ଲୋକସଭାରେ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଆଜାଦ ନିଜ ରାଜ୍ୟ ବିହାରରେ ବେଶ ପ୍ରଭାବଶାଳୀ ହୋଇଥିଲେ।

ଅନ୍ୟ ପ୍ରଭାବଶାଳୀ କ୍ରିକେଟ ଖେଳାଳିଙ୍କ ମଧ୍ୟରେ ଭାରତୀୟ ଦଳର ପୂର୍ବତନ ଅଧିନାୟକ ମହମ୍ମଦ୍ ଆଝାରୁଦ୍ଦିନ ଓ ଓପନର ନଭଜ୍ୟୋତ ସିଂ ସିଦ୍ଧୁ ବେଶ୍ କିଛିଦିନ ରାଜନୀତିରେ ରହିଥିଲେ। ସିଦ୍ଧୁ ୨୦୦୪ରେ ସେ ବିଜେପି ଟିକଟରୁ ଅମ୍ରିତସରରୁ ଲଢ଼ି ସାଂସଦ ହୋଇଥିଲେ। ଏହାପରେ ସେ ୨୦୧୭ରେ କଂଗ୍ରେସରେ ଯୋଗ ଦେଇ ବିଧାୟକ ଭାବେ ଜିତି ମନ୍ତ୍ରୀ ହୋଇଥିଲେ। ସେହିପରି ଅଧିନାୟକ ମହମ୍ମଦ୍ ଆଝାରୁଦ୍ଦିନ କଂଗ୍ରେସ ଟିକଟରେ ଏମପି ହୋଇଥିଲେ ଏବଂ ତେଲଙ୍ଗାନା କଂଗ୍ରେସର କାର୍ଯ୍ୟକାରୀ ସଭାପତି ମଧ୍ୟ ଥିଲେ। ଏବେ ସେ ତେଲେଙ୍ଗାନାର ସଂଖ୍ୟାଲଘୁ କଲ୍ୟାଣ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ରହିଛନ୍ତି।

## ରାଜ୍ୟ ଶିଶୁ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ



ଭୁବନେଶ୍ୱର,୫।୫(ସମିସ): ଅଲଓଡ଼ିଶା ଚେସ୍ ସଂଘ ଏବଂ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘର ମିଳିତ ସହଯୋଗରେ ରାଜ୍ୟ ଶିଶୁ ବା ୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ପ୍ରୋ-ଚେସ୍-ଟା ପରିସରରେ ୭୫ଜଣ ଖେଳାଳିଙ୍କୁ ନେଇ ରାଜନେତା ସିମାଞ୍ଚଳ ଖଟେଇଙ୍କ ଦ୍ୱାରା ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ, ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଓ ଟୁର୍ଣ୍ଣାମେଣ୍ଟ ସଂଯୋଜକ ଲଲାଟ କେଶରୀ ସାମଲ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଉଭୟ ଓପନ ଓ ବାଳିକା କାଟାଗୋରୀରେ ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି ଟୁର୍ଣ୍ଣାମେଣ୍ଟ ୩ ଦିନ ଧରି ୭ ରାଉଣ୍ଡ ବିଶିଷ୍ଟ ଖେଳାଯିବ। ଆଜି ପ୍ରଥମ ଦିନରେ ୨ ରାଉଣ୍ଡ ଖେଳାଯାଇଛି। ତାହା ମଧ୍ୟରୁ ଓପନ କାଟାଗୋରୀରେ ୧୨ଜଣ ଓ ବାଳିକା ବିଭାଗରେ ୨ଜଣ ଖେଳାଳି ୨ ରାଉଣ୍ଡରୁ ୨ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଆସନ୍ତାକାଲି ୩ ରାଉଣ୍ଡ ଓ ଗୁରୁବାର ତୃତୀୟଦିନରେ ଆଉ ୨ ରାଉଣ୍ଡ ଖେଳ ପରେ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ ବୋଲି ଆୟୋଜକ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS